بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 12-13

ସାପ୍ତାହିକ

# ବଦର

Weekly **BADAR** Qadian କାଦିଆନ Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

24-31 ମାର୍ଚ୍ଚ 2022 | 24-31 ଅମାନ୍ 1401 ହି.ଶ | 20-27 ଶାବାନ୍ 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

يَاَيُّهَا الَّذِيۡنَ اٰمَنُوۡا
كُتِبَ عَلَيۡكُمُ الصِّيَامُ
كَمَا كُتِبَ عَلَى الَّذِيۡنَ
مِنۡ قَبۡلِكُمۡ لَعَلَّكُمۡ تَتَّقُوۡنَ

(سورۃ البقرہ:184)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ପାଇଁ ରୋଜା ରଖିବା (ମଧ୍ୟ ସେହିପରି) ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ସକାଶେ (ଏହା) ଧାର୍ଯ୍ୟ କରାଯାଇଥିଲା; ଫଳରେ ତୁମେମାନେ (ଆଧାତ୍ମିକ ଓ ନୈତିକ ଦୁର୍ବଳତାଜନିତ ତ୍ରୁଟିରୁ) ରକ୍ଷା ପାଇବ ।

*(ସୁରଃ ଅଲ ବକରା: ୧୮୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥**

# : ଖୁତ୍‌ବା ଜୁମା :

**ଯେହେତୁ ହଜରତ୍ ଅବୁବକର୍ ର ଅ ଜଣେ ବ୍ୟବସାୟୀ ଥିଲେ ଓ ସେହି ରାସ୍ତା ଦେଇ ସବୁବେଳେ ଯାତାୟତ କରୁଥିଲେ ତେଣୁ ଅଧିକାଂଶ ଲୋକେ ତାଙ୍କୁ ଜାଣିଥିଲେ ଓ ଚିହ୍ନିଥିଲେ କିନ୍ତୁ ଆଁହଜରତ୍ ସ ଆ ସ ଙ୍କୁ ସେମାନେ ଚିହ୍ନି ନଥିଲେ । ତେଣୁ ସେମାନେ ହଜରତ ଅବୁବକର୍ ର ଅ ଙ୍କୁ ପଚାରୁଥିଲେ ଯେ ଏ ଲୋକ ଜଣକ କିଏ ଯିଏ ତୁମ ଆଗରେ ଯାଉଛନ୍ତି ? ହଜରତ୍ ଅବୁବକର୍ ର ଅ କହୁଥିଲେ ହାଜା ୟହ୍‌ଦିନିୟସ୍ ସବିଲ ଅର୍ଥାତ ଏ ଲୋକ ଜଣକ ହେଉଛନ୍ତି ମୋ ମାର୍ଗଦର୍ଶନକାରୀ ।**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

**ହଜରତ ମୁହମ୍ମଦ ମୁସ୍ତଫା ସ.ଅ କହିଲେ; ହେ ସୁରାକା ! ତୁମର ଅବସ୍ଥା ସେତେବେଳେ କ'ଣ ହେବ ଯେତେବେଳେ କିସ୍‌ରାର କଙ୍କଣ ତୁମ ହସ୍ତରେ ଥିବ ? ସୁରାକା ଆଶ୍ଚର୍ଯ୍ୟ ଚକିତ ହୋଇ ବୁଲି ପଡ଼ିଲା ଏବଂ କହିଲା କ'ଣ କିସ୍‌ରାର କଙ୍କଣ ?କ'ଣ ସେହି କିସରା ଯିଏ ହେଉଛି କିସରା ବିନ୍ ହୁର୍‌ମୁଜ୍ ? ହଜରତ ମୁହମ୍ମଦ ମୁସ୍ତଫା ସ.ଅ କହିଲେ ହଁ ସେହି କିସରା ଯିଏ ହେଉଛି କିସରା ବିନ୍ ହୁର୍‌ମୁଜ୍ ।**

**ଅତଏବ ହଜରତ ଉମର ର.ଅଙ୍କ ଖିଲାଫତ୍ କାଳରେ ଯେତେବେଳେ କିସରାର କଙ୍କଣ, ମୁକୁଟ ଓ ତାହାର ଅଣ୍ଟାସୂତା ଆଦି ମଦିନା ଅଣାଗଲା ସେତେବେଳେ ହଜରତ ଉମରର.ଅ ସୁରାକାଙ୍କୁ ଡ଼ାକାଇଲେ ଏବଂ କହିଲେ ସକଳ ପ୍ରଶଂସା ସେହି ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ଯେ କିସରା ବିନ୍ ହୁରମୁଜ୍ ଠାରୁ ଏସବୁ ଛଡ଼ାଇ ଆଣିବାକୁ ମୁସଲମାନମାନଙ୍କୁ ସାମର୍ଥ୍ୟ ପ୍ରଦାନ କଲେ । ପୁଣି ସୁରାକାଙ୍କ ହାତରେ କିସରାର କଙ୍କଣ ପିନ୍ଧାଇ ଦେଲେ ।**

**ଶ୍ରୀମାନ୍ ଚୌଧରୀ ଅସଗର୍ ଅଲି କଲାର ସାହେବ ପିତା ମୁହମ୍ମଦ ଶରିଫ୍ କଲାର ସାହେବ ବାହାୱଲ୍‌ପୁର ନୀବାସୀ ଅସିରାନେ ରାହେ ମୌଲା,ଶ୍ରୀମାନ ମିର୍ଜା ମୁମତାଜ୍ ଅହେମଦ ସାହେବ ଓକାଲତ୍ ଉଲିୟା ରବୱାର କର୍ମୀ ଏବଂ ଶ୍ରୀମାନ କର୍ନଲ୍ ଡ଼ାଃ ଅବ୍‌ଦୁଲ୍ ଖାଲିକ୍ ସାହେବ ପୂର୍ବତନ ଆଡ଼ମିନିଶ୍ଟ୍ରେଶନ୍ ଫଜଲ୍ ଉମର ଚିକିତ୍ସାଳୟ ରବୱାଙ୍କର ଉତ୍ତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୧୪ ଜାନୁୟାରୀ ୨୦୨୨ ଅନୁଯାୟୀ ୧୪ ସୁଲାହ୍ ୧୪୦୧ ହିଜ୍‌ରି ଶମ୍‌ସି)**


**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**


اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ଗତ ଖୁତବା ଜୁମା ପୂର୍ବରୁ ହଜରତ ଅବୁବକର ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ହିଜ୍‌ରତ୍ ଅର୍ଥାତ ପ୍ରବାସ କରିବା ସମୟରେ ସୁରାକା ବିନ୍ ମାଲିକ୍ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ପିଛା କରି ଆପଣସ.ଅସଙ୍କ ନିକଟରେ ଆସି ପହଂଚି ଯାଇଥିଲା କିନ୍ତୁ ଅଲ୍ଲାଃ ତାଲାଙ୍କ ବିଧିର ବିଧାନ ଏହା ଥିଲା ଯେ ସେ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିଦେଇଥିଲେ । ସେତେବେଳେ ସେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ଅନୁରୋଧ କରିଥିଲା ଯେ ମହାଭାଗ ଯେତେବେଳେ ଆପଣସ.ଅସଙ୍କୁ ଶାସନ କ୍ଷମତା ମିଳିବ ସେତେବେଳେ ମୋତେ ସୁରକ୍ଷା ଦିଆଯିବା ସକାଶେ ଲିଖିତ ଆକାରରେ ଏକ ଲେଖା ପ୍ରଦାନ କରିଦିଅନ୍ତୁ । ଏହି ପ୍ରସଙ୍ଗରେ କିଛି ବର୍ଣ୍ଣନା ମିଳୁଅଛି । ଗୋଟିଏ ବର୍ଣ୍ଣନାନୁଯାୟୀ ଯେତେବେଳେ ସୁରାକା ସେଠାରୁ ପ୍ରତ୍ୟାବର୍ତନ କରୁଥିଲା ସେତେବେଳେ ହଜୁରସ.ଅ କହିଲେ; ହେ ସୁରାକା ! ତୁମର ଅବସ୍ଥା ସେତେବେଳେ କ'ଣ ହେବ ଯେତେବେଳେ କିସ୍‌ରାର କଙ୍କଣ ତୁମ ହସ୍ତରେ ଥିବ । ସୁରାକା ଆଶ୍ଚର୍ଯ୍ୟ ଚକିତ ହୋଇ ବୁଲି ପଡ଼ିଲା ଏବଂ କହିଲା କ'ଣ କିସ୍‌ରାର କଙ୍କଣ ?କ'ଣ ସେହି କିସରା ଯିଏ ହେଉଛି କିସରା ବିନ୍ ହୁର୍‌ମୁଜ୍ ?

ହଜରତ ମୁହମ୍ମଦ ମୁସ୍ତଫା ସ.ଅ କହିଲେ ହଁ ସେହି କିସରା ଯିଏ ହେଉଛି କିସରା ବିନ୍ ହୁର୍‌ମୁଜ୍ । ଅତଏବ ହଜରତ ଉମର ର.ଅଙ୍କ ଖିଲାଫତ୍ କାଳରେ ଯେତେବେଳେ କିସରାର କଙ୍କଣ, ତାହାର ମୁକୁଟ ଓ ତାହାର ଅଣ୍ଟାସୂତା ଆଦି ମଦିନା ଅଣାଗଲା ସେତେବେଳେ ହଜରତ ଉମରର.ଅ ସୁରାକାଙ୍କୁ ଡ଼ାକାଇଲେ ଏବଂ କହିଲେ ସକଳ ପ୍ରଶଂସା ସେହି ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ଯେ କିସରା ବିନ୍ ହୁରମୁଜ୍ ଠାରୁ ଏସବୁ ଛଡ଼ାଇ ଆଣିବାକୁ ମୁସଲମାନମାନଙ୍କୁ ସାମର୍ଥ୍ୟ ପ୍ରଦାନ କଲେ ।(ମୁହମ୍ମଦ ରସୁଲୁଲ୍ଲାଃ.......ଖଣ୍ଡ-୩ ପୃଷ୍ଠା-୬୫... ମିସର୍)

ଏହା ମଧ୍ୟ ବର୍ଣ୍ଣନା ମିଳୁଅଛି ଯେ ହିଜ୍‌ରତ୍ କରିବା ସମୟରେ ନୁହେଁ ବରଂ ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଯେତେବେଳେ ହୁନୈନ୍ ଓ ତାଇଫ୍‌ରୁ ପ୍ରତ୍ୟାବର୍ତନ କରୁଥିଲେ ସେ ସମୟରେ ସୁରାକା

ଜେରାନା ନାମକ ସ୍ଥାନରେ ଇସଲାମ ଧର୍ମ ଗ୍ରହଣ କରିଥିଲେ । ତାପରେ ଏହି ସୁସମାଚାର ତାଙ୍କୁ ପ୍ରଦାନ କରାଯାଇଥିଲା । ମକ୍କାରୁ ତାଏଫ୍ ଆଡକୁ ଯାଇଥିବା ରାସ୍ତାରେ ମକ୍କା ନିକଟବର୍ତ୍ତୀ ଗୋଟିଏ କୂପର ନାମ ଥିଲା  ଜେରାନା । ହଜରତ ମୁହମ୍ମଦ ମୁସ୍ତଫା ସ.ଅ ସୁରାକାଙ୍କୁ କହିଲେ ତୁମର ସେତେବେଳେ କଣ ଅବସ୍ଥା ହେବ ଯେତେବେଳେ ତୁମେ କିସରା ସମ୍ରାଟ୍ଙ୍କ କଙ୍କଣ ପିନ୍ଧିବ । (ବୁଖାରୀ ବିଶରହଲ୍ କିର୍ମାନୀ.......ଖଣ୍ଡ-୧୪ ପୃଷ୍ଠା-୧୭୮.. ବେରୁତ୍).(ଫରହଂଗ ସିରତ୍. ପୃଷ୍ଠା-୮୮ ଜଓାର୍ ଏକାଡେମୀ କରାଚି ୨୦୦୩)

ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ "ସିରତ୍ ଖାତମୁନ୍ ନବୀଇନ୍"ରେ ଏପରି ଲେଖିଛନ୍ତି ଯେ ଏବେ  ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଅଳ୍ପ ଦୂର ଯାଇଥିଲେ କି ନାହିଁ ହଜରତ୍ ଅବୁବକର୍ ର ଅ ଦେଖିଲେ ଯେ ଜଣେ ଲୋକ ଘୋଡା ଦଉଡାଇ ସେମାନଙ୍କ ପଛରେ ଚାଲିଆସୁଛି । ଏଥିରେ ହଜରତ୍ ଅବୁବକର ର ଅ ବ୍ୟସ୍ତହୋଇ କହିଲେ :-ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! କେହି ଜଣେ ଆମକୁ ଖୋଜି ଖୋଜି ଆମ ପଛେ ପଛେ ଆସୁଅଛି । ଏଥିରେ ମହାଭାଗ ସ ଆ ସ କହିଲେ କିଛି ଚିନ୍ତା କର ନାହିଁ । ଅଲ୍ଲାଃ ଆମ ସହିତ ଅଛନ୍ତି । ପଛେ ପଛେ ଆସୁଥିବା ସେହି ଲୋକ ଜଣକ ସୁରାକା ବିନ୍ ମାଲିକ୍ ଥିଲା । ସେ ଏହି ଘଟଣା ସମ୍ବନ୍ଧରେ ନିଜସ୍ୱ ଶବ୍ଦ ଉଲ୍ଲେଖ କରି କୁହନ୍ତି ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ.ଅ ମକ୍କାରୁ ବାହାରିଗଲେ ସେତେବେଳେ କୁରୈଶ୍ମାନେ ଅର୍ଥାତ କୁଫାରେ ମକ୍କା ଏ ଘୋଷଣା କଲେ ଯେ ଯେକେହି ବି ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ତଥା ହଜରତ ଅବୁ ବକରଙ୍କୁ ଜୀବିତ ବା ମୃତ ଧରି ଆଣିବ ତାକୁ ଏତେ ମାତ୍ରାରେ ପୁରଷ୍କାର ଦିଆଯିବ । ଏବଂ ଏହି ପୁରଷ୍କାର ଘୋଷଣା ବିଷୟରେ ସେମାନେ ନିଜ ବାର୍ତାବାହକ ଜରିଆରେ ଆମ ନିକଟକୁ ବି ଖବର ପହ*ଚାଇଦେଇଥିଲେ । ତା ପରେ ମୁଁ ଦିନେ ମୋ ସମ୍ପ୍ରଦାୟ ବନୁ ମୁଦଲିଜ୍ର ଗୋଟିଏ ମଜଲିସ୍ ରେ ବସିଥିଲି ଯେ କୁରୈଶ୍ର ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଆମ ନିକଟକୁ ଆସି ମୋତେ ସମ୍ବୋଧନ କରି କହିଲା ଯେ  ମୁଁ ଏବେ ଏବେ ସମୁଦ୍ର କୂଳ ଆଡକୁ ଯାଇଥିବା ରାସ୍ତାରେ ଦୁରରୁ କିଛି ଲୋକଙ୍କ ଚେହେରା ଦେଖିଛି ।  ମୁଁ ଭାବୁଛି ଯେ କାଳେ ସେ ମୁହମ୍ମଦ (ମୁସ୍ତଫା ସ.ଅ ) ଓ ତାଙ୍କ ସାଥିମାନେ ହୋଇଥିବେ । ସୁରାକା କହିଲା ଯେ ମୁଁ ଏ କଥା ବୁଝି ପାରିଲି ଯେ ନିଶ୍ଚିତ ସେହି ଲୋକମାନେ ହୋଇଥିବେ ।

ପୁଣି ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ଉଲ୍ଲେଖ କରିଛନ୍ତି ଯେ ସୁରାକା କହିଲା ମୁଁ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ଧରିବା ପ୍ରସଙ୍ଗରେ ନିଜ ଭାଗ୍ୟ ପରୀକ୍ଷା କରୁଥିଲି କିନ୍ତୁ ପ୍ରତିଥର ଗୁଳାପକାଇବା ପରେ ମୋ ଆଶା ବିପରୀତ ଫଳ ବାହାରୁଥିଲା । ପୁନଶ୍ଚ ବାଲୁକାରେ ଓଟର ଗୋଡ଼ ଧସିଯିବା ଘଟଣା ପ୍ରସଙ୍ଗରେ ସୁରାକା ସ୍ୱୟଂ କୁହନ୍ତି; ସେଥିରୁ ମୁଁ ଏହି କଥାରେ ଉପନୀତ ହେଲି ଯେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଭାଗ୍ୟତାରକା ସର୍ବଉର୍ଦ୍ଧ୍ୱରେ ବିଦ୍ୟମାନ ଏବଂ ପରିଶେଷରେ ହିଁ ହଜରତ ମୁହମ୍ମଦ ମୁସ୍ତଫା ସ.ଅ ବିଜୟ ମଣ୍ଡିତ ହେବେ । ଅତଏବ୍ ମୁଁ ସୁଲାହ୍ କରିବା ପାଇଁ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ଅନୁରୋଧ କଲି ଯେ ଆପଣଙ୍କ କୌମ୍ ଆପଣଙ୍କୁ ଜୀବିତ ବା ମୃତ ଧରି ଆଣିବା ପାଇଁ ପୁରଷ୍କାର ଘୋଷଣା କରିଛି ତେଣୁ ଲୋକମାନେ ଆପଣଙ୍କୁ ଧରି ଆଣିବା ପାଇଁ ଚେଷ୍ଟା କରୁଛନ୍ତି, ମୁଁ ମଧ୍ୟ ଏ ଚେଷ୍ଟାରେ ଲାଗିଥିଲି କିନ୍ତୁ ଏବେ ମୁଁ ଏଠାରୁ ଫେରି ଯାଉଛି । ସେ ଯାହା ହେଉ ପୁଣି ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ଉଲ୍ଲେଖ କରିଛନ୍ତି ଯେ ଯେତେବେଳେ ସୁରାକା ସେଠାରୁ ଲେଉଟିବାକୁ ଲାଗିଲା ସେତେବେଳେ ମହାଭାଗ ସ ଆ ସ ତାକୁ କହିଲେ ହେ ସୁରାକା! ସେତେବେଳେ ତୁମ ଅବସ୍ଥା କ'ଣ ହେବ ଯେତେବେଳେ କିସରାର କଙ୍କଣ ତୁମ ହାତ ମୁଠାରେ ଥିବ ? ସୁରାକା ଆଶ୍ଚର୍ଯ୍ୟଚକିତ ହୋଇ କହିଲା କ'ଣ ସେହି କିସ୍ରା ଯିଏ ହେଉଛି କିସରା ବିନ୍ ହୁରମୁଯ୍ ଏବଂ ଇରାନ୍ ର ସମ୍ରାଟ ? ହଜରତ ମୁହମ୍ମଦ ମୁସ୍ତଫା ସ.ଅ କହିଲେ ହଁ ସେହି  କିସରା ଯିଏ ହେଉଛି କିସରା ବିନ୍ ହୁରମୁଯ । ଏହା ଶୁଣି ସୁରାକା ସ୍ତମ୍ଭିଭୂତ ହୋଇ ରହିଗଲା ଓ କହିଲା କେଉଁଠି ଆରବ ମରୁଭୂମିର ଜଣେ ବଦୁ ଓ  କେଉଁଠି କିସରା ବିନ୍ ହୁରମୁଯ୍ ଏବଂ ଇରାନ୍ ର ସମ୍ରାଟ ? କିନ୍ତୁ ଇଶ୍ୱରଙ୍କ ଲୀଳା ଦେଖନ୍ତୁ ଯେ ଯେତେବେଳେ ହଜରତ୍ ଉମର୍ ର ଅ ଙ୍କ ସମୟରେ ଇରାନ ବିଜୟ ହେଲା ଏବଂ କିସରାର ଧନସମ୍ପତି ମୁସଲମାନମାନଙ୍କ ହାତକୁ ଆସିଲା ସେତେବେଳେ କିସରାର ଧନସମ୍ପତି ମଧ୍ୟରେ କିସରାର  କଙ୍କଣ ବି ମଦିନା ଆସିଲା । ହଜରତ୍ ଉମର୍ ର ଅ ସୁରାକାକୁ ଡକାଇଲେ । ସେ ମକ୍କା ବିଜୟ ପରେ ମୁସଲମାନ୍ ହୋଇସାରିଥିଲେ । ଅତଏବ ହଜରତ୍ ଉମର୍ ର ଅ ସୁରାକାଙ୍କ ହାତରେ ସେହି  କିସରାର କଙ୍କଣଟିକୁ ନିଜ ହାତରେ ଧରି ପିନ୍ଧାଇଦେଲେ । (ସିରତ୍ ଖାତମୁନ୍ ନବୀୟିନ୍ ସ.ଅ ....... ପୃଷ୍ଠା-୨୪୦-୨୪୨)

ହଜରତ ମୁସଲେହ ମଉଦର.ଅ ଏ ଘଟଣା ବିଷୟରେ କୁହନ୍ତି;-କୁଫାରେ ମକ୍କା କୁରୈଶମାନେ ଏ ଘୋଷଣା କଲେ ଯେ ଯେକେହି ବି ମୁହମ୍ମଦ (ମୁସ୍ତଫା ସ.ଅ)ଙ୍କୁ ତଥା ହଜରତ ଅବୁ ବକରଙ୍କୁ ଜୀବିତ ବା ମୃତ ଧରି ଆଣିବ ତାକୁ ଶହେଟା ଓଟ ପୁରଷ୍କାର ଦିଆଯିବ ଏବଂ ଏହି ପୁରଷ୍କାର ଘୋଷଣା ବିଷୟରେ ସେମାନେ ନିଜ ବାର୍ତାବାହକ ଜରିଆରେ ମକ୍କା ର ଆଖପାଖ ଇଲାକାରେ ଖବର ପହ*ଚାଇଦେଇଥିଲେ । ଅତଏବ ସେ ସମୟରେ ସୁରାକା ବିନ୍ ମାଲିକ୍ ସେହି ପୁରଷ୍କାର  ର ଲୋଭରେ ଆପଣ ସ ଆ ସ ଙ୍କ ପଛେ ପଛେ ଧାଇଁଲା ଓ ଖୋଜି ଖୋଜି ସେ ଆପଣ ସ ଆ ସ ଙ୍କୁ ମଦିନାର ରାସ୍ତାରେ ପାଇଲା । ଯେତେବେଳେ ସେ ଦୁଇଟି ଓଟକୁ ଏବଂ ସେଥିରେ ଆରୋହଣ କରିଥିବା ଦୁଇଜଣ ଲୋକଙ୍କୁ ଦେଖିଲା ସେ ଏକଥା ବୁଝିଗଲା ଯେ ଏ ଦୁହେଁ ହେଉଛନ୍ତି  ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଏବଂ ତାଙ୍କ ସାଥି (ହଜରତ୍ ଅବୁ ବକର୍ ର ଅ) ଅତଏବ ସେ ନିଜର ଘୋଡାକୁ ସେମାନଙ୍କ ପଛରେ ଦଉଡାଇଦେଲା ।

ପୁଣି ହଜରତ ମୁସ୍ଲେହ୍ ମଉଦ୍ ର ଅ ସେହି ଘଟଣା ବିଷୟରେ ଅର୍ଥାତ ସୁରାକା ଘୋଡା ଉପରୁ ଖସିପଡିବା ଘଟଣା ଏବଂ ଶୁଭ ଅଶୁଭର ଗୋଳା ପକାଇବା ବିଷୟରେ ସଂପୂର୍ଣ୍ଣ ବର୍ଣ୍ଣନା କରିଲେ । ପୁଣି କହିଲେ ସୁରାକା କହୁଥିଲା ...ରସୁଲୁଲ୍ଲାଃ.ସ ଆ ସ ଆରାମରେ ନିଜ ଓଟ ଉପରେ ବସି ଯାଉଥିଲେ । ସେ ପଛକୁ ଚାହିଁ ମୋ ଆଡକୁ ଅନାଇଲେ ବି ନାହିଁ କିନ୍ତୁ ଅବୁ ବକର୍ ର ଅ ବାରମ୍ବାର ବାରମ୍ବାର (ଏ ଭୟ ମନରେ ରଖି ) ମୋ ଆଡକୁ ଅନାଉଥିଲେ ଯେ (କାଳେ ରସୁଲେ କରିମ୍ ସ ଆ ସ ଙ୍କୁ କୌଣସି ଦୁଃଖ ନ ପହଂଚୁ)।

ହଜରତ ମୁସ୍ଲେହ୍ ମଉଦ୍ ର ଅ ସୁରାକାର ସେହି ପିଛା କରିବା ଘଟଣା ବିଷୟରେ ବିସ୍ତାର ରୂପେ ସଂପୂର୍ଣ୍ଣ ବର୍ଣ୍ଣନା କରିବା ପରେ ଉଲ୍ଲେଖ କରିଛନ୍ତି ଯେ... ଯେତେବେଳେ ସୁରାକା ସେଠାରୁ ପ୍ରତ୍ୟାବର୍ତନ କରୁଥିଲା, ସେହି ସମୟରେ ସର୍ବଶକ୍ତିମାନ ଅଲ୍ଲାଃତାଲା ହଜୁର ସ.ଅଙ୍କୁ ଭବିଷ୍ୟତର ସୂଚନା ଦେଲେ । ଆପଣ ସ ଆ ସ କହିଲେ; ହେ ସୁରାକା ! ସେତେବେଳେ ତୁମ ଅବସ୍ଥା କ'ଣ ହେବ ଯେତେବେଳେ କିସରାର କଙ୍କଣ ତୁମ ହାତ ମୁଠାରେ ଥିବ ? ଆପଣ ସ.ଅଙ୍କର ଏହି ଭବିଷ୍ୟତ ବାଣୀ ଦୀର୍ଘ ୧୬/୧୭ ବର୍ଷ ପରେ ଅକ୍ଷର ଅକ୍ଷରେ ପୂରଣ ହୋଇଥିଲା । ସୁରାକା ମୁସଲମାନ ହୋଇ ମଦିନା ଚାଲି ଆସିଲା । ରସୁଲେ କରିମ୍ ସ ଆ ସ ଙ୍କ ମୃତ୍ୟୁ ପରେ ପ୍ରଥମେ ହଜରତ୍ ଅବୁବକର୍ ର ଅ ପୁଣି ତାଙ୍କ ପରେ ହଜରତ୍ ଉମର୍ ର ଅ ଖଲିଫା ହେଲେ । ଦିନକୁ ଦିନ ଇସଲାମ୍ ର ବୈଭବ ବଢିବାକୁ ଲାଗିଲା । ଏହା ଦେଖି ଇରାନିମାନେ ମୁସଲମାନ୍ ମାନଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ ଏବଂ ଇସଲାମକୁ ତଳିତଳାନ୍ତ କରିବାକୁ କୁଚେଷ୍ଟା କରି ନିଜେ ତଳିତଳାନ୍ତ ହୋଇଗଲେ । କିସରା ସମ୍ରାଟର ରାଜଉଆସ ଇସଲାମୀୟ ସେନାର ଘୋଡା ଟାପୁ ଦ୍ୱାରା ପଦଦଳିତ ହେଲା ଏବଂ ଇରାନର ଖଜାନା ମୁସଲମାନମାନଙ୍କ କବ୍ଜାରେ ଆସିଗଲା । ସେହି ଖଜାନା ଭିତରେ କିସରା ସମ୍ରାଟର ସେହି କଙ୍କଣ ବି ଥିଲା ଯାହାକୁ କିସରା ସମ୍ରାଟ ରାଜସିହାଂସନରେ ବସିବା ସମୟରେ ନିଜ ହାତରେ ପିନ୍ଧୁଥିଲା । ସୁରାକା ମୁସଲମାନ୍ ହେବା ପରେ ନିଜର ଏହି ଘଟଣାକୁ ଅତି ଗର୍ବର ସହିତ ମୁସଲମାନମାନଙ୍କୁ ଶୁଣାଉଥିଲା ଏବଂ ମୁସଲମାନମାନେ ମଧ୍ୟ ଏକଥା ଜାଣିଥିଲେ ଯେ ରସୁଲେ କରିମ ସ ଆ ସ ତାକୁ ସମ୍ବୋଧନ କରି କହିଥିଲେ ଯେ ହେ ସୁରାକା!  ତୁମର ଅବସ୍ଥା ସେତେବେଳେ କ'ଣ ହେବ ଯେତେବେଳେ କିସ୍ରାର କଙ୍କଣ ତୁମ ହସ୍ତରେ ଥିବ ? ହଜରତ୍ ଉମର୍ ର ଅ ଙ୍କ ସମ୍ମୁଖରେ ଯେତେବେଳେ ମାଲେ ଗନିମତ୍ ରଖାଗଲା ଏବଂ ସେଥିରେ ସେ କିସରାର କଙ୍କଣକୁ ଦେଖିବାକୁ ପାଇଲେ ସେତେବେଳେ ସମସ୍ତ ଘଟଣା ତାଙ୍କ ଆଖିଆଗକୁ ଚାଲି ଆସିଲା । ଇସଲାମର ସେହି ଅସହାୟ ଏବଂ ଦୃବଳ ଅବସ୍ଥା ଯେବେ ଅଲ୍ଲାଃଙ୍କ ରସୁଲ ସ ଆ ସ ଙ୍କୁ ମଦିନା ହିଜରତ କରୁବାକୁ ପଡିଲା ।  ମକ୍କାର କୁରୈଶ୍ ମହାଭାଗ ସ ଆ ସଙ୍କ ପଛରେ ଖୋଜା ଖୋଜି କରିବା ତଥା ସୁରାକାର ଆପଣ  ସ ଆ ସଙ୍କ ପଛରେ ପୁରଷ୍କାର ଆଶାରେ ଅନୁଧାବନ କରିବାର ଉଦ୍ଦେଶ୍ୟ ଏହା ଥିଲା ଯେ ଆପଣ  ସ ଆ ସଙ୍କୁ ମାରିକରି ବା ଜୀବିତ ଅବସ୍ଥାରେ ଧରିଆଣି ମକ୍କାର କୁରୈଶ୍ ନିକଟରେ ଅର୍ପଣ କରିବେ ଯଦ୍ଦ୍ୱାରା ଶହେ ଓଟର ମାଲିକ ହୋଇଯିବେ । ଏହିପରି ପରିସ୍ଥିତିରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କର ଏକଥା କହିବା ହେ ସୁରାକା ! ସେତେବେଳେ ତୁମ ଅବସ୍ଥା କ'ଣ ହେବ ଯେତେବେଳେ କିସରାର କଙ୍କଣ ତୁମ ହାତ ମୁଠାରେ ଥିବ ? ଏହା କେତେବଡ ଭବିଷ୍ୟତବାଣୀ ଥିଲା  ! ଯେତେବେଳେ ହଜରତ ଉମର୍ ନିଜ ସାମନାରେ କିସରାର କଙ୍କଣକୁ ଦେଖିଲେ ସେତେବେଳେ ସବୁ ଘଟଣା ମନପଡିଗଲା ସୁତରାଂ ସେ ଆଦେଶ ଦେଲେ ଯେ ସୁରାକାକୁ ଡାକ । ଏବଂ ହଜରତ ଉମରର.ଅ ସୁରାକାଙ୍କୁ ଆଦେଶ ଦେଲେ ହେ କିସରା  ! ଏହି କଙ୍କଣକୁ ପରିଧାନ କର ଅର୍ଥାତ୍  ଇରାନ ବିଜୟ ପରେ ଯେତେବେଳେ ମୁସଲମାନମାନେ ଯୁଦ୍ଧ ବିଜୀତ ଧନସମ୍ପତି ହଜରତ ଉମର ର.ଅଙ୍କ ସେବାରେ ଅର୍ପଣ କଲେ,ଯେଉଁଥିରେ କିସରାର କଙ୍କଣ ମଧ୍ୟ ରହିଥିଲା, ତାହାକୁ ଦେଖି ଆପଣର.ଅଙ୍କ ଚକ୍ଷୁ ସମ୍ମୁଖରେ ସମସ୍ତ ପୂର୍ବ ଚିତ୍ରପଟ ଝଲସି ଉଠିଲା । ସେହି ଦୁର୍ବଳ ଓ ଅସହାୟ ଅବସ୍ଥା ଯେତେବେଳେ ପ୍ରଭୁଙ୍କ ଶ୍ରେଷ୍ଠ ନବୀକୁ ନିଜର ଭିଟାମାଟିକୁ ଛାଡ଼ି ମଦିନା ଆସିବାକୁ ପଡ଼ିଥିଲା । ସୁରାକା ଓ ଅନ୍ୟ ବ୍ୟକ୍ତିମାନଙ୍କର ହଜୁର ସ.ଅଙ୍କ ପଛରେ ଆସି ଆପଣଙ୍କୁ ଜୀବିତ ଅବା ମୃତ ମକ୍କାବାସୀଙ୍କୁ ହସ୍ତାନ୍ତର କରି ୧୦୦ଗୋଟି ଓଟର ମାଲିକ ହୋଇଯିବାର ଆଶା ଥିଲା  ସେତେବେଳେ ହଜୁରସ.ଅ ସୁରାକାଙ୍କୁ ଏହି ସୁସମାଚାର ଦେଇଥିଲେ । ଦେଖ ଏହା କେତେ ବଡ଼ ସୁସମାଚାର ଓ କିପରି ସ୍ୱଚ୍ଛ ଭବିଷ୍ୟତ ବାଣୀ ଥିଲା । ଅତଏବ ହଜରତ ଉମରର.ଅ ସୁରାକାଙ୍କୁ ଆଦେଶ ଦେଲେ କିସରାର କଙ୍କଣ ପରିଧାନ କର । ସୁରାକା ଉତର ଦେଲେ, ଜଣେ ମୁସଲମାନ ପାଇଁ ତ ସୁନା (ଅଳଙ୍କାର, ଆଭୂଷଣ) ପରିଧାନ କରିବା ଅବୈଧ ଅଟେ । ଏଥିରେ ପୁନଶ୍ଚ ହଜରତ ଉମରର.ଅ କହିଲେ; ହଁ ତୁମ କଥା ଠିକ୍ କିନ୍ତୁ ତାହା ଏପରି ପରିସ୍ଥିତି ପାଇଁ ପ୍ରଯୁଜ୍ୟ ନୁହେଁ । ଐଶ୍ୱର୍ଯ୍ୟମୟ ପ୍ରଭୁ ନିଜ ପ୍ରିୟ ନବୀଙ୍କୁ ତୁମ ହସ୍ତରେ ଏହି କଙ୍କଣ ଦେଖାଇ ଥିଲେ । ସୁତରାଂ ଯଦି ତୁମେ ଏହି କଙ୍କଣ ପରିଧାନ ନକର ତେବେ ମୁଁ ତୁମକୁ ଦଣ୍ଡିତ କରିବି । ସୁରାକାଙ୍କ ଏ ବିଷୟରେ ଆପତି କରିବା କେବଳ ଶରିୟତ୍ ନିୟମ କାନୁନର

## ଜରୁରୀ ଘୋଷଣା

### ହଜୁର ଅନୱ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି  ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ  ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍ମଦ୍ ଜାୱ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

ଉଲଂଘନ ହେଉଥିବା ଯୋଗୁଁ ଥିଲା କିନ୍ତୁ ସେ ମନେ ମନେ ଏହା ଚାହୁଁଥିଲେ ଯେ ରସୁଲେ କରିମ୍ ସ ଆ ସ ଙ୍କ ଭବିଷ୍ୟବାଣୀ ପୁରଣ ହେଉ । ସୁତରାଂ ସୁରାକା ସେହି କଙ୍କଣ ପରିଧାନ କଲେ ଏବଂ ମୁସଲମାନମାନେ ଉକ୍ତ ମହାନ ଭବିଷ୍ୟତ ବାଣୀକୁ ପୂରଣ ହେବାର ସ୍ୱଚକ୍ଷୁରେ ଅବଲୋକନ କରିନେଲେ । (ଦିବାଚା ତଫସିରୁଲ୍ କୁରଆନ୍,ଅନ୍‌ଓାରୁଲ୍ ଉଲୁମ୍ ଖଣ୍ଡ-୨୦ ପୃଷ୍ଠା- ୨୨୪-୨୨୬)

ପୁଣି ଏକଥା ବି ଉଲ୍ଲେଖ ଅଛି ଯେ ଫେରିବା ସମୟରେ କୁରୈଶ୍ ର ଗୋଟିଏ କାଫିଲା ଯିଏ ମହାଭାଗ ସ ଆ ସ ଙ୍କୁ ଖୋଜିବା ପାଇଁ ବାହାରିଥିଲା, ସୁରାକାକୁ ମହାଭାଗ ସ ଆ ସ ଙ୍କ ବିଷୟରେ ପଚାରିଲା । କିନ୍ତୁ ସୁରାକା ସେମାନଙ୍କୁ କିଛି ବତାଇଲେ ନାହିଁ ବରଂ ଏମିତି କଥାବାର୍ତ୍ତା କଲେ ଯେ କୁରୈଶ୍ ର ସେହି କାଫିଲା ସେଠାରୁ ଲେଉଟିଗଲା । .(ସୁବୁଲୁଲ୍ ହୁଦା ଓର୍ ରଶାଦ୍ .......ଖଣ୍ଡ-୩ ପୃଷ୍ଠା-୨୪୯....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୩)

ଏହି ହିଜରତ୍ ସମୟରେ ଉମ୍ମେ ମାବଦ୍‌ଙ୍କର ଗୋଟିଏ ଘଟଣା ବି ମିଳୁଛି । ହିଜରତ୍ ର ଯାତ୍ରା ସମୟରେ ଗୋଟିଏ ତମ୍ବୁ ନିକଟଦେଇ ଯାଉଥିବା ସମୟରେ ଖାଦ୍ୟସାମଗ୍ରୀ ର ତଲବରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କର ଏହି କାଫିଲାଟି ରହିଲା । ଏଠି ଉମ୍ମେ ମାବଦ୍‌ଙ୍କର ତମ୍ବୁ ଲାଗିଥିଲା । ଉମ୍ମେ ମାବଦ୍‌ଙ୍କର ନାମ ଆତିକା ବିନତେ ଖାଲିଦ୍ ଥିଲା । ତାଙ୍କର ସମ୍ବନ୍ଧ ଖୁଜାଅ କବିଲାର ଶାଖା ବନୁ କାଆବ୍ ସହିତ ଥିଲା । ସେ ହଜରତ୍ ହୁବୈଶ୍ ବିନ୍ ଖାଲିଦଙ୍କ ଭଉଣି ଥିଲେ ଯାହାଙ୍କୁ ସାହାବି ହେବାର ତଥା ରିଓାୟତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଉମ୍ମେ ମାବଦ୍‌ଙ୍କ ସ୍ୱାମିଙ୍କ ନାମ ଅବୁ ମାବଦ୍ ଥିଲା । କୁହାଯାଏ ଯେ ସେ ମଧ୍ୟ ରସୁଲେ କରିମ୍ ସ ଆ ସ ଙ୍କ ଠାରୁ ରିଓାୟତ୍ ବର୍ଣ୍ଣନା କରିଛନ୍ତି । ସେ ରସୁଲେ କରିମ୍ ସ ଆ ସ ଙ୍କ ଜୀବଦ୍ଦଶାରେ ମୃତ୍ୟୁ ବରଣ କରିଥିଲେ । ଅବୁ ମାବଦ୍ ଙ୍କ ନାମ ଜଣା ନାହିଁ । ଉମ୍ମେ ମାବଦ୍‌ଙ୍କ ତମ୍ବୁ କୁଦୈଦ୍ ଠାରେ ଅବସ୍ଥିତ ଥିଲା । କୁଦୈଦ୍ ମକ୍କା ନିକଟସ୍ଥିତ ଗୋଟିଏ କସବାର ନାମ ଥିଲା । ତାହା ରାବିଗ୍ ଠାରୁ କିଛି ମାଇଲ୍ ଦୂରତାରେ ଦକ୍ଷିଣରେ ଅବସ୍ଥିତ ଥିଲା । ଏହିଠାରେ ପ୍ରଶିଦ୍ଧ ମନାତ୍ ପିତୁଳା ଦଣ୍ଡାୟମାନ ଥିଲା । ମଦିନାବାସୀ ତାକୁ ପୂଜା କରୁଥିଲେ । (ରୌଜୁଲ୍ ଅନଫ୍ ......ଖଣ୍ଡ-୨ ପୃଷ୍ଠା-୩୨୫..... ବେରୁତ୍) (ଫରହଙ୍ଗ୍ ସିରତ୍...... ପୃଷ୍ଠା-୨୩୨)

ଉମ୍ମେ ମାବଦ୍ ଜଣେ ବାହାଦୁର୍ ଓ ମଜ୍‌ଭୁତ୍ ମହିଳା ଥିଲେ । ସେ ନିଜ ତମ୍ବୁ ସମ୍ମୁଖରେ ଥିବା ଅଗଣାରେ ବସିରହୁଥିଲେ ଏବଂ ଯାତ୍ରୀମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରୁଥିଲେ । ପ୍ରବାସ ସମୟରେ ହଜୁର ସ.ଅଙ୍କ ଦଳ ନିଜ କ୍ଷୁଧା ନିବାରଣ କରିବା ସକାଶେ ଉମ୍ମେ ମାଆବଦ୍‌ର ଶିବିର ନିକଟରେ ଅଟକି ଥିଲା । । ଯେତେବେଳେ ହଜୁର ସ.ଅଙ୍କ ଦଳ ସେଠାରେ ପହଂଚିଲା ଓ ତାଙ୍କୁ ମାଂସ ତଥା ଖଜୁରି ଇତ୍ୟାଦି ଖାଇବା ଜିନିଷ ବିଷୟରେ ପଚାରିଲା ଯଦ୍ୱାରା ତାହା ତାଙ୍କଠାରୁ କିଣି ନେଇଯିବେ । କିନ୍ତୁ ତାଙ୍କ ନିକଟରେ ସେ ସବୁ ଜିନିଷ ନଥିଲା । ସେତେବେଳେ ଉମ୍ମେ ମାଆବଦ୍‌ର ଗୋଷ୍ଠୀ ଅଭାବ ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଥିଲେ । ହଜୁର ସ.ଅଙ୍କ ସେବାରେ ଉପସ୍ଥାପନ କରିବା ସକାଶେ ତାଙ୍କ ନିକଟରେ କୌଣସି ଜିନିଷ ନଥିଲା । ଉମ୍ମେ ମାଆବଦ କହିଲେ ଯଦି କିଛି ମୋ ନିକଟରେ ଥାନ୍ତା ତାହେଲେ ଆପଣମାନଙ୍କୁ ସେଥିରୁ ବଂଚିତ ରଖାଯାଇ ନଥାନ୍ତା । ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଙ୍କୁ ସେହି ତମ୍ବୁର ଗୋଟିଏ କୋଣରେ ଛେଳିଟିଏ ଦୃଶ୍ୟମାନ ହେଲା । ଏହା ଦେଖି ହଜରତ ମୁହମ୍ମଦ ମୁସ୍ତଫା ସ.ଅ ପଚାରିଲେ ହେ ଉମ୍ମେ ମାଆବଦ ! ଏ ଛେଳିଟିର ଅବସ୍ଥା କଣ ? ଉମ୍ମେ ମାଆବଦ କହିଲେ ଏହା ଏପରି ଗୋଟିଏ ଛେଳି ଯାହାକୁ ତା ଦୃବଳତା ତା ଗୋଠରୁ ଅଲଗା କରିରଖିଛି । ଅର୍ଥାତ ତା ମଧ୍ୟରେ ଏତେ ଶକ୍ତି ନାହିଁ ଯେ ସେ ଗୋଠରେ ମିଶି ଚରିବାକୁ ଯାଇପାରିବ । ଏହା ଶୁଣି ହଜରତ ମୁହମ୍ମଦ ମୁସ୍ତଫା ସ.ଅ ପଚାରିଲେ କଣ ଏ ଛେଳି ଖିର ଦେଉଛି ? ସେ କହିଲା ଇଏ ତ ବହୁତ ଦୃବଳ ଖିର କୁଆଡୁ ଦେବ । ହଜରତ ମୁହମ୍ମଦ ମୁସ୍ତଫା ସ.ଅ ପଚାରିଲେ କଣ ତୁମେ ମତେ ଅନୁମତି ଦେବ କି ମୁଁ ତାଠାରୁ ଖିର ଦୁହିଁପାରିବି ? ସେ କହିଲା ଯଦି ଆପଣ ତାଠାରେ ଖିର ଦେଖିପାରୁଛନ୍ତି ତାହେଲେ ନିଶ୍ଚିତ ଦୁହିଁପାରନ୍ତି ମୋର କିଛି କହିବାର ନାହିଁ । ଉମ୍ମେ ମାଆବଦ୍‌ଙ୍କ ଅନୁମତିକ୍ରମେ ଗୋଟିଏ ଅତି ଦୁର୍ବଳ ଓ ଅଧେଡ଼ ଛେଳି ରସୁଲେ କରିମ୍ ସ ଆ ଙ୍କ ସେବାରେ ସଉପସ୍ଥିତ କରାଗଲା ,ରସୁଲେ କରିମ୍ ସ ଆ ସ ତା ଥନରେ ହାତ ମାରିଲେ ଏବଂ ଅଲ୍ଲାଃ ତାଲାଙ୍କ ନାମ ସ୍ମରଣ କରି ଉମ୍ମେ ମାଆବଦ୍‌ଙ୍କ ପାଇଁ ତାଙ୍କ ଛେଳିକୁ ଆଶୀର୍ବାଦ ପ୍ରଦାନ କରି ଦୁଆ କଲେ । ଦୁଆ କରିବା ପରେ ଛେଳିଟି ବଡ ଆରାମରେ ଛିଡା ହୋଇ ରହିଲା । ପୁଣି ତାକୁ ଦୁହାଁଗଲା । ଅତଏବ ତାଠାରୁ ବହୁତ ଖିର ବାହାରିଲା ଓ ସେ ଖାଦ୍ୟ ବି ପାଗୁଳି କଲା । ପୁଣି ମହାଭାଗ ସ ଆ ସ ଉମ୍ମେ ମାଆବଦ୍‌ଙ୍କଠାରୁ ଖିର ରଖିବା ପାଇଁ ବଡ ପାତ୍ର ମଗାଇଲେ ଯାହା ଗୋଟିଏ ବଡ ଗୋଷ୍ଠିର ଶୋଷ ମେଂଟାଇ ପାରିବା ନିମନ୍ତେ ଯଥେଷ୍ଟ ଥିଲା । ସେଥିରେ ଏତେ ଖିର ଦୁହାଁଗଲା ଯେ ପାତ୍ରଟି ଫେଣରେ ଭରିଗଲା ଓ ଖିର ଉପରକୁ ଆସିଗଲା । ପୁଣି ଉମ୍ମେ ମାଆବଦ୍‌ଙ୍କୁ ଖିର ପିଆଇଲେ, ସେ ପେଟପୁରା ପିଇ ତୁଷ୍ଟ ହେଲେ । ପୁଣି ମହାଭାଗ ସ ଆ ସ ନିଜ ସାଥିମାନଙ୍କୁ ଖିର ପିଆଇଲେ ଦୟାଶୀଳ ପ୍ରଭୁ ସେଥିରେ ଏଭଳି କଲ୍ୟାଣ ପ୍ରଦାନ କଲେ ଯେ ସଭିଏଁ କ୍ଷୀର ପାନ କରି ତୃପ୍ତ ହୋଇଗଲେ । ଶେଷରେ ମହାଭାଗ ସ ଆ ସ ଖିରପାନ କଲେ ଓ କହିଲେ ଏ ଜାତିକୁ ପିଆଇବା ପରେ ଶେଷରେ ମୁଁ ନିଜେ ପିଉଅଛି । ପୁଣି କିଛି ସମୟ ପରେ ସେହି ଛେଳିକୁ ପୂନର୍ବାର ଦୁହିଁଲେ, ପୁଣି ସେହି ପାତ୍ରଟି ଭରିଗଲା । ପୁଣି ତାହା ଉମ୍ମେ ମାଆବଦ୍‌ଙ୍କ ନିକଟରେ ରଖିଦେଲେ । ପୁଣି ମହାଭାଗ ସ ଆ ସ ସେହି ଛେଳିଟିକୁ କିଣି ତାକୁ ସାଥିରେ ଧରି ଯାତ୍ରାରେ ବାହାରି ପଡିଲେ । (ସୁବୁଲୁଲ୍ ହୁଦା ଓର୍ ରଶାଦ୍ .......ଖଣ୍ଡ-୪ ପୃଷ୍ଠା- ୨୪୪-୨୪୫ ଫି ହିଜରତେ ରସୁଲୁଲ୍ଲାଃ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୩)

ଉଲ୍ଲେଖ ଅଛି ଯେ ଗୋଟିଏ ପଟେ ନବି କରିମ୍ ସ ଆ ସ ଏବଂ ମହାଭାଗ ସ ଆ ସ ଙ୍କ ଉତ୍ସର୍ଗ ସାଥି ହଜରତ ଅବୁବକର୍ ର ଅ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗ ଦ୍ୱାରା ସତେ ଯେପରି ସୁରକ୍ଷାକାରୀ ଦେବଦୂତଙ୍କ ପରି ଏହି ଯାତ୍ରାରେ ମହାଭାଗ ସ ଆ ସ ଙ୍କ ସହିତ ଥିଲେ ଅପରପକ୍ଷେ ମକ୍କାବାସୀ ସତେଯେପରି ଏପର୍ଯ୍ୟନ୍ତ ହାରମାନୁନଥିଲେ ।

ସେମାନେ ବି ଅନବରତ ମହାଭାଗ ସ ଆ ସ ଙ୍କ ପଛେ ପଛେ ଅନୁଧାବନ କରୁଥିଲେ । ଅତଏବ କୁରୈଶମାନଙ୍କ ତରଫରୁ ଅନୁଧାବନ କରୁଥିବା ଗୋଟିଏ ଦଳ ମହାଭାଗ ସ ଆ ସ ଙ୍କୁ ଖୋଜି ଖୋଜି ଉମ୍ମେ ମାବଦ୍‌ଙ୍କ ତମ୍ବୁ ନିକଟରେ ମଧ୍ୟ ଆସି ପହଂଚି ଗଲା । ସେମାନେ ବାହନରୁ ଓହ୍ଲାଇବା କ୍ଷଣି ମହାଭାଗ ସ ଆ ସ ଙ୍କ ସମ୍ବନ୍ଧରେ ପଚାରିବାକୁ ଲାଗିଲେ । ଉମ୍ମେ ମାବଦ୍ ସେମାନଙ୍କ ଆଚରଣରୁ ଏକଥା ବୁଝିଗଲେ ଯେ ସେମାନେ ମନ୍ଦ ଉଦ୍ଦେଶ୍ୟ ରଖିଛନ୍ତି । ତେଣୁ ସେ କହିଲେ ଯେ ତୁମେ ଏମିତି କଥା ପଚାରୁଛ ଯାହା ବିଷୟରେ ମୁଂ କେବେ ବି ଶୁଣିନାହିଁ ଓ ନା ମୁଁ ଏକଥା ବୁଝି ପାରୁଛି ଯେ ତୁମେମାନେ କଣ ଚାହୁଁଛ । ଯେତେବେଳେ ସେମାନେ କଠୋରତାର ସହିତ ପଚାରିଲେ ସେତେବେଳେ ସେହି ସାହସୀ ମହିଳା ଜଣକ କହିଲେ ଯେ ଦେଖ ! ଯଦି ତୁମେମାନେ ମୋଠାରୁ ଏବେ ଦୂରେଇ ନ ରହିବ ତାହେଲେ ମୁଁ ମୋ କବିଲାର ଲୋକମାନଙ୍କୁ ଡାକିଦେବି । ସେମାନେ ସେହି ମହିଳାଙ୍କ ପଦମର୍ଯାଦାକୁ ଜାଣିଥିଲେ, ତେଣୁ ସେମାନେ ସେଠାରୁ ଲେଉଟିଯିବାକୁ ନିଜ ପାଇଁ ଠିକ୍ ହେବ ବୋଲେ ଉଚିତ୍ ମଣିଲେ । (ମୁହମ୍ମଦ ରସୁଲୁଲ୍ଲାଃ ଓଲ୍ଲଜିନା ମାଆହୁ .......ଖଣ୍ଡ-୩ ପୃଷ୍ଠା- ୬୭... ମିସର୍)

ରସୁଲୁଲ୍ଲାଃ ସ ଆ ସ ଏବେ ରସ୍ତାରେ ହିଁ ଥିଲେ ଯେ ହଜରତ ଯୁବେର୍ ର.ଅଙ୍କୁ ସାକ୍ଷାତ କଲେ ଯିଏ ମୁସଲମାନମାନଙ୍କ ଗୋଟିଏ ଦଳ ସାଥିରେ ସିରିୟାରୁ ବ୍ୟବସାୟ କରି ଫେରୁଥିଲେ । ସେ ହଜୁରସ.ଅ ଓ ହଜରତ ଅବୁବକର ର.ଅଙ୍କୁ ଗୋଟିଏ ଗୋଟିଏ ହଳ ଧଳା ରଙ୍ଗର ବସ୍ତ୍ର ଉପହାର ସ୍ୱରୂପ ପ୍ରଦାନ କଲେ । (ସହି ବୁଖାରୀ କିତାବୁଲ ମନାକିବ୍ .......ହଦିସ୍ ୩୯୦୬).

ଏହି ଯାତ୍ରା ସମୟରେ ହୋଇଥିବା ସାକ୍ଷାତକାର ସମ୍ବନ୍ଧରେ ହଜରତ ମିର୍ଜା ବଶିର୍ ଅହମଦ୍ ସାହେବ୍ ର ଅ ଉଲ୍ଲେଖ କରିଛନ୍ତି ଯେ ରାସ୍ତାରେ ଜୁବେର୍ ବିନ୍ ଅଲ୍‌ଅଓାମ୍ ର ଅ ଙ୍କ ସହିତ ସାକ୍ଷାତ ହେଲା । ସେ ସିରିୟା ଦେଶରୁ ବାଣିଜ୍ୟ କରି ମୁସଲମାନମାନଙ୍କ ଗୋଟିଏ ଛୋଟିଆ ଦଳ ସାଥିରେ ମକ୍କା ଲେଉଟୁ ଥିଲେ । ଜୁବେର୍ ହଜୁରସ.ଅ ଓ ହଜରତ ଅବୁବକର ର.ଅଙ୍କୁ ଗୋଟିଏ ଗୋଟିଏ ହଳ ଧଳା ରଙ୍ଗର ବସ୍ତ୍ର ଉପହାର ସ୍ୱରୂପ ପ୍ରଦାନ କଲେ ଏବଂ କହିଲେ ଯେ ମୁଁ ବି ମକ୍କାରେ ହାବୁଡି ପୁଣି ବହୁତ ଶୀଘ୍ର ଯାଇ ମଦିନାରେ ଆପଣମାନଙ୍କ ସହିତ ସାକ୍ଷାତ କରିବି । (ସିରତ୍ ଖାତମୁନ୍ ନବିୟିନ୍‌ସ.ଅ.ସ ପୃଷ୍ଠା-୨୪୨)

ପୁଣି ବୁଖାରୀରେ ଆଉ ଗୋଟିଏ ରିଓାୟତ୍ ଆସିଛି ଯେ ହଜରତ ଅବୁବକରର.ଅ ମଧ ଜଣେ ବ୍ୟବସାୟୀ ବ୍ୟକ୍ତି ଥିଲେ ଏବଂ ସେ ସେହି ମାର୍ଗ ଦେଇ ଅନେକ ଥର ଯାତାୟାତ କରିଥିଲେ । ତେଣୁ ଅଧିକାଂଶ ଲୋକ ତାଙ୍କୁ ଚିହ୍ନି ଥିଲେ, ଅପରପକ୍ଷେ ହଜୁର ସ.ଅଙ୍କୁ ଲୋକମାନେ ଚିହ୍ନି ନଥିଲେ । ବସ୍ତୁତଃ ସେମାନେ ହଜରତ ଅବୁବକର ର.ଅଙ୍କୁ ପଚାରୁଥିଲେ, ତୁମ ଆଗରେ କିଏ ଅଛନ୍ତି ? ହଜରତ ଅବୁବକରର.ଅ ଉତର ଦେଲେ ହାଜା ରଜୁଲୁ ୟହ୍‌ଦିନିୟ୍‌ସ୍ ସବିଲ୍ ଅଥାତ୍ ଯେ ମୋ ମାର୍ଗଦର୍ଶୀ (ମୁନିବ) କିନ୍ତୁ ଲୋକମାନେ ମଣୁଥିଲେ ଯେ ସମ୍ଭବତଃ ସେ ହଜରତ ଅବୁବକରର.ଅଙ୍କର କୌଣସି ଜଣେ ଗାଇଡ୍ ହୋଇଥିବେ, ବାଟ ଦେଖାଇବା ପାଇଁ ହଜରତ ଅବୁବକରର.ଅ ତାଙ୍କୁ ସାଥିରେ ରଖିଥିବେ କିନ୍ତୁ ହଜରତ ଅବୁବକରର.ଅଙ୍କର ଏକଥା କହିବାର ଉଦ୍ଦେଶ୍ୟ ଅଲଗା ଥିଲା । (ସହି ବୁଖାରୀ କିତାବୁଲ ମନାକିବ୍ .......ହଦିସ୍ ୩୯୧୧)

ଏ ସମ୍ବନ୍ଧରେ ହଜରତ ମିର୍ଜା ବଶିର୍ ଅହମଦ୍ ସାହେବ୍ ର ଅ ଏମିତି କିଛି ଉଲ୍ଲେଖ କରିଛନ୍ତି - : ଯେହେତୁ ହଜରତ୍ ଅବୁବକର୍ ର ଅ ଜଣେ ବ୍ୟବସାୟୀ ହୋଇଥିବାରୁ ସେହି ରାସ୍ତା ଦେଇ ସବୁବେଳେ ଯାଆ ଆସ କରୁଥିଲେ ତେଣୁ ଅଧିକାଂଶ ଲୋକେ ତାଙ୍କୁ ଜାଣିଥିଲେ ଓ ଚିହ୍ନିଥିଲେ କିନ୍ତୁ ଆଁହଜରତ୍ ସ ଆ ସ ଙ୍କୁ ସେମାନେ ଚିହ୍ନି ନଥିଲେ । ତେଣୁ ସେମାନେ ହଜରତ ଅବୁବକର୍ ର ଅ ଙ୍କୁ ପଚାରୁଥିଲେ ଯେ ଏ ଲୋକ ଜଣକ କିଏ ଯିଏ ତୁମ ଆଗରେ ଯାଉଛନ୍ତି ? ହଜରତ୍ ଅବୁବକର୍ ର ଅ କହୁଥିଲେ ହାଜା ୟହ୍‌ଦିନିୟ୍‌ସ୍ ସବିଲ ଅର୍ଥାତ ଏ ଲୋକ ଜଣକ ହେଉଛନ୍ତି ମୋ ମାର୍ଗଦର୍ଶନକାରୀ । ଏଥିରୁ ସେମାନେ ଏହା ବୁଝୁଥିଲେ ଯେ ଇଏ ବୋଧେ ତାଙ୍କ ଗାଇଡ୍ ହୋଇଥିବେ ଯିଏ ତାଙ୍କୁ ରାସ୍ତା ଦେଖାଇବା ପାଇଁ ସାଥିରେ ଯାଉଛନ୍ତି । କିନ୍ତୁ ହଜରତ୍ ଅବୁବକର୍ ର ଅଙ୍କର କହିବାର ଉଦ୍ଦେଶ୍ୟ ଆଉ କିଛି ଥିଲା । (ସିରତ୍ ଖାତମୁନ୍ ନବୀୟିନ୍ ସ.ଅ ....... ପୃଷ୍ଠା- ୨୪୨)

ଲକ୍ଷସ୍ଥଳରେ ପହଂଚିବା ସମ୍ବନ୍ଧରେ ଏକଥା ଉଲ୍ଲେଖ ଅଛି ଯେ ଆଠ ଦିନ ଯାତ୍ରା କରିବା ପରେ ପ୍ରଭୁଙ୍କ ସାହାଯ୍ୟ ଓ ଅନୁକମ୍ପା ଫଳରେ ଶେଷରେ ହଜୁରସ.ଅ ସୋମବାର ଦିନ କୁବାରେ ପହଂଚିଗଲେ । ହଦିସରେ ଲେଖା ଅଛି ଯେ ସୋମବାର ଦିନ ମହାଭାଗ ସ ଆ ସ ଜନ୍ମ ହୋଇଛନ୍ତି , ସୋମବାର ଦିନ ମକ୍କାରୁ ବାହାରିଛନ୍ତି, ସୋମବାର ଦିନ ମଦିନାରେ ପହଂଚିଛନ୍ତି ଏବଂ ସୋମବାର ଦିନ ହିଁ ମହାଭାଗ ସ ଆ ସଙ୍କର ଦେହାବସାନ ହୋଇଛି । (ସୁବୁଲୁଲ୍ ହୁଦା ଓର୍ ରଶାଦ୍ .......ଖଣ୍ଡ-୩ ପୃଷ୍ଠା- ୨୫୩....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୩)(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ ....... ପୃଷ୍ଠା-୨୪୩)

ଗୋଟିଏ କୂପର ନାମ କୁବା ଥିଲା ତା ନାମଅନୁସାରେ ସେହି ବସ୍ତିର ନାଁ ମଧ୍ୟ କୁବା ପ୍ରଶିଦ୍ଧ ହୋଇଗଲା । ସେଠାରେ ଅନସାର୍ ମାନଙ୍କ ବନୁ ଅମରୋ ବିନ୍ ଅଓଫ୍ କବିଲାର ଲୋକମାନେ ବସବାସ କରୁଥିଲେ । କୁବା ବସ୍ତିଟି ମଦିନା ଠାରୁ ଦୁଇ ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । (ମୁଅଜମୁଲ୍ ବୁଲ୍‌ଦାନ୍ ......... ଖ-୪ ପୃ - ୩୭୭.... ବେରୁତ୍ ୨୦୧୪)

ଆଉ କେତେକଙ୍କ ମତରେ କୁବାର ଦୂରତା ମଦିନା ଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ । ତାକୁ ଆଲିୟା ମଧ୍ୟ କୁହାଯାଉଥିଲା । (ଫରହଂଗ ସିରତ୍ ,ପୃ-୨୩୦)

ମଦିନାରେ ମୁସଲମାନମାନେ ରସୁଲୁଲ୍ଲାଃ ସ ଆ ସ ଙ୍କ ମକ୍କାରୁ ବାହାରି ଆସିବା ବିଷୟରେ ଅବଗତ ହୋଇସାରି ଥିଲେ । ତେଣୁ ସେମାନେ ପ୍ରତିଦିନ ସକାଳେ ହୁର୍ରାଃ ନାମକ ସ୍ଥାନକୁ ଯାଇ ରସୁଲୁଲ୍ଲାଃ ସ ଆ ସ ଙ୍କୁ ଅପେକ୍ଷା କରୁଥିଲେ । ମଦିନା ଦୁଇଟି ହୁର୍ରାଃ ର ମଧ୍ୟବର୍ତୀ ସ୍ଥାନରେ ଅବସ୍ଥିତ । କଳା ପଥୁରିଆ ଜମିକୁ ହୁର୍ରାଃ କୁହାଯାଏ । ମଦିନାର ପୂର୍ବପଟରେ ହୁର୍ରାଃ ଓାକିମ୍ ଅବସ୍ଥିତ ତାକୁ ହୁର୍ରାଃ ବନୁ କୁରୈଜା ବି କୁହାଯାଏ । ଆଉଗୋଟିଏ ଥିଲା ହୁର୍ରଃତୁଲ୍ ଓବୁରାଃ, ତାହା ମଦିନାଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ । ମଦିନାର ସେହି ମୁସଲମାନମାନେ ଦ୍ୱିପ୍ରହରର ସୂର୍ଯ୍ୟତାପ ସହି ନପାରି ସେଠାରୁ ଲେଉଟି ଯାଉଥିଲେ । ଦିନେ ସେମାନେ ବହୁତ ସମୟ ଅପେକ୍ଷା କରିବା ପରେ ସେଠାରୁ ଲେଉଟିଲେ । ଜଣେ ଇହୁଦି ତା କିଲ୍ଲା ଉପରେ କୌଣସି କାମ କରିବା ପାଇଁ ଚଢଥିଲା । ସେ ରସୁଲୁଲ୍ଲାଃ ସ ଆ ସ ଓ ତାହାଙ୍କ ସାଥିମାନଙ୍କୁ ଦେଖିନେଲା, ଯେଉଁମାନେ ଧଳା ପୋଷାକ ପରିଧାନ କରିଥିଲେ । ସେହି ଇହୁଦୀ ଜଣକ ନିଜକୁ ରୋକିପାରିଲା ନାହିଁ ,ବଡ ପାଟିରେ ଡାକ ଛାଡିଲା ଯେ ହେ ଆରବୋୟ ଲୋକମାନେ ! ଦେଖ ତୁମେମାନେ ତୁମର ଯେଉଁ

ସର୍ଦାର୍‌ଙ୍କୁ ଅପେକ୍ଷା କରିରହିଥିଲ ସେ ଆସୁଛନ୍ତି । ଏହା ଶୁଣି ମୁସଲମାନମାନେ ନିଜ ନିଜର ହାତହତିୟାର ଧରି ହୁର୍ରାଃ ନାମକ ପଡିଆରେ ଯାଇ ରସୁଲୁଲ୍ଲାଃ ସ ଆ ସ ଓ ତାହାଙ୍କ ସାଥିମାନଙ୍କ ସହିତ ସାକ୍ଷାତ କଲେ । ରସୁଲୁଲ୍ଲାଃ ସ ଆ ସ ଓ ତାହାଙ୍କ ସାଥିମାନେ ଡାହାଣପଟକୁ ଅଗ୍ରଗତି କରି ଚାଲିଲେ ଏପରିକି ମହାଭାଗ ବନୁ ଅମରୋ ବିନ୍ ଅଓଫ୍ ଙ୍କ ସାହିରେ ତାଙ୍କ ସହିତ ପହଂଚି ଅବତରଣ କଲେ ଏବଂ ଏହା ରବିଉଲ୍ ଅଓଲ୍ ମାସର ସୋମବାର ଦିନ ଥିଲା । ହଜରତ୍ ଅବୁବକର୍ ର ଅ ଲୋକମାନଙ୍କୁ କିଛି କହିବା ପାଇଁ ଛିଡାହେଲେ ଯେବେକି ରସୁଲୁଲ୍ଲାଃ ସ ଆ ସ ନୀରବ ହୋଇ ବସିଥାନ୍ତି ଏବଂ ଅନସାରମାନଙ୍କ ମଧ୍ୟରୁ ଯେଉଁମାନେ ରସୁଲୁଲ୍ଲାଃ ସ ଆ ସ ଙ୍କୁ ଦେଖିନଥିଲେ ସେମାନେ ଆସି ହଜରତ୍ ଅବୁବକର୍ ର ଅଙ୍କୁ ସଲାମ୍ କଲେ । ତାପରେ ଯେତେବେଳେ ଖରା ରସୁଲୁଲ୍ଲାଃ ସ ଆ ସ ଙ୍କ ଉପରେ ପଡିଲା ସେତେବେଳେ ହଜରତ୍ ଅବୁ ବକର୍ ର ଅ ଆଗକୁ ବଢି ରସୁଲୁଲ୍ଲାଃ ସ ଆ ସ ଙ୍କ ଚେହେରାକୁ ନିଜ ଚାଦର ସାହାଯ୍ୟରେ ଛାଇକରି ଘୋଡାଇଦେଲେ । ସେତେବେଳେ ଲୋକମାନେ ରସୁଲୁଲ୍ଲାଃ ସ ଆ ସ ଙ୍କୁ ଚିହ୍ନିଲେ ୀ ରସୁଲୁଲ୍ଲାଃ ସ ଆ ସ ବନୁ ଅମରୋ ବିନ୍ ଅଓଫ୍ ଙ୍କ ସାହିରେ ଦଶରୁ ଅଧିକ ରାତି ବିତାଇଲେ । ବୁଖାରୀର ଗୋଟିଏ ରିଓାୟତ୍ ମୁତାବକ ଚଉଦ ରାତି ବିତାଇଛନ୍ତି । ରସୁଲୁଲ୍ଲାଃ ସ ଆ ସ ସେହି ମସ୍‌ଜିଦର ମୂଳଦୁଆ ରଖିଥିଲେ ଯାହାର ଭିତି ଧର୍ମପରାୟଣତା ଉପରେ ରଖାଯାଇଥିଲା ଓ ସେଥିରେ ରସୁଲୁଲ୍ଲାଃ ସ ଆ ସ ନମାଜ ପାଠକଲେ । (ସହି ବୁଖାରୀ କିତାବ୍ ମନାକିବୁଲ୍ ଅନସାର୍ ......ହଦିସ୍ ନଂ-୩୯୦୬)(ସହି ବୁଖାରୀ କିତାବୁସ ସଲାତ୍ , ....ହଦିସ୍ ନଂ-୪୨୮)(ଫରହଂଗ ସିରତ୍ ,ପୃ-୧୦୧-୧୦୨)

ବୁଖାରୀର ଏହି ରିଓାୟତ୍ ମୁତାବକ ରସୁଲୁଲ୍ଲାଃ ସ ଆ ସ ଦଶ ରାତିରୁ ବି ଅଧିକା ରାତି କୁବାଠାରେ ସମୟ ଅତିବାହିତ କରିଛନ୍ତି ।

ଆଉ ଏକ ରିଓାୟତ୍ ମୁତାବକ ରସୁଲୁଲ୍ଲାଃ ସ ଆ ସ ବନୁ ଅମରୋ ବିନ୍ ଅଓଫ ଅର୍ଥାତ କୁବାଠାରେ ସୋମବାର,ମଂଗଳ, ବୁଧ ଏବଂ ଗୁରୁବାର ଚାରିଦିନ ରହିଥିଲେ । ଯୁମା ଅର୍ଥାତ ଶୁକ୍ରବାର ଦିନ ମଦିନା ଆଡକୁ ବାହାରିଲେ । ଆଉ ଏକ ରିଓାୟତ୍‌ରେ ଉଲ୍ଲେଖ ଅଛି ଯେ ରସୁଲୁଲ୍ଲାଃ ସ ଆ ସ ବାଇଶି ରାତି ବିତାଇଥିଲେ । (ଅସସିରତୁଲ୍ ହଲବିୟା ଖ-୨ ପୃ-୭୫ ,...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୨)

ହଜରତ ମୁସଲେହ ମଉଦର.ଅ ରସୁଲୁଲ୍ଲାଃ ସ ଆ ସଙ୍କ କୁବାଠାରେ ପହଂଚିବା ବିଷୟରେ କୁହନ୍ତି ଯେ - ସୁରାକାକୁ ବିଦା କରିବା ପରେ କିଛି ମାଇଲ୍ ଯାତ୍ରା କରିବା ଅନ୍ତେ ରସୁଲୁଲ୍ଲାଃ ସ ଆ ସ ମଦିନାରେ ପହଂଚିଲେ ମଦିନାର ଲୋକମାନେ ବହୁତ ଉତ୍କଣ୍ଠାର ସହିତ ମହାଭାଗ ସ ଆ ସ ଙ୍କୁ ଅପେକ୍ଷା କରି ରହିଥିଲେ । ଆଠାରୁ ବଳି ସୌଭାଗ୍ୟ ଆଉ କଣ ହୋଇପାରେ ଯେ ସେହି ସୂର୍ଯ୍ୟ ଯାହା ମକ୍କାବାସୀଙ୍କ ପାଇଁ ବାହାରିଥିଲା ତାହା ମଦିନାର ଲୋକମାଙ୍କ ନିମନ୍ତେ ଉଦୟ ହେଲା । ଯେତେବେଳେ ମଦିନାର ଲୋକମାନେ ଏକଥା ଜାଣି ପାରିଲେ ଯେ ରସୁଲୁଲ୍ଲାଃ ସ ଆ ସ ମକ୍କାରୁ ଅନ୍ତର୍ଦ୍ଧ୍ୟାନ ହୋଇଯାଇଛନ୍ତି ବୋଲି, ସେବେଠାରୁ ସେମାନେ ରସୁଲୁଲ୍ଲାଃ ସ ଆ ସଙ୍କୁ ଅପେକ୍ଷା କରିଆସୁଥିଲେ । ସେମାନଙ୍କ ଓଫଦ୍ (ଦଳ) ପ୍ରତ୍ୟହ ମଦିନାରୁ ବାହାରି ଅନେକ ମାଇଲ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ ଆ ସଙ୍କୁ ଖୋଜିବା ପାଇଁ ଯାଉଥିଲେ ଏବଂ ସଂଧ୍ୟାବେଳକୁ ନିରାଶ ହୋଇ ଫେରିଯାଉଥିଲା । ଯେତେବେଳେ ରସୁଲୁଲ୍ଲାଃ ସ ଆ ସ ମଦିନା ନିକଟରେ ପହଂଚିଲେ ସେତେବେଳେ ଆପଣ ସ ଆ ସ ନିଷ୍ପତି କଲେ ଯେ ମଦିନାର ନିକଟବର୍ତୀ ଗୋଟିଏ ଗ୍ରାମ କୁବା, ସେଠାରେ ଆପଣ ସ ଆ ସ ରହିବେ । ଜଣେ ଇହୁଦୀ ଆପଣ ସ ଆ ସଙ୍କ ଓଟକୁ ଦୂରରୁ ଆସୁଥିବାର ଦେଖିଲା, ସେ ବୁଝିଗଲା ଯେ ଏ କାଫିଲାଟି ଆପଣ ସ ଆ ସଙ୍କର । ସୁତରାଂ ସେ ଗୋଟିଏ ଛୋଟ ପାହାଡ ଉପରେ ଚଢିଗଲା ଓ ଡାକଛାଡିଲା ଯେ ହେ କୈଲାର ସନ୍ତାନମାନେ ! (କୈଲା ମଦିନାରେ ରହୁଥିବା ଲୋକମାନଙ୍କର ଗୋଟିଏ ଉପତ୍ୟକାର ନାମ ଥିଲା ) ତୁମେ ଯେଉଁ ଲୋକର ଅପେକ୍ଷାରେ ଥିଲ ସେ ଆସିଯାଇଛନ୍ତି । ଏହି ଡାକକୁ ଶୁଣି ମଦିନାର ପ୍ରତ୍ୟେକ ବ୍ୟକ୍ତି କୁବା ଆଡକୁ ଧାଇଁଲେ । କୁବାର ଲୋକମାନେ ଅତ୍ୟନ୍ତ ଖୁସି ହୋଇଗଲେ ଯେ ଅଲ୍ଲାଃଙ୍କ ନବି ସ ଆ ସ ଆମ ପାଖରେ ରହିବେ । ଏହି ଅବସରରେ ଗୋଟିଏ ଘଟଣା ଘଟିଲା ଯାହା ରସୁଲୁଲ୍ଲାଃ ସ ଆ ସଙ୍କ ସିଦ୍ଧ ସରଳତାକୁ ପ୍ରମାଣିତ କରୁଥିଲା ମଦିନାର ଅଧିକାଂଶ ଲୋକେ ରସୁଲୁଲ୍ଲାଃ ସ ଆ ସଙ୍କୁ ଚିହ୍ନି ନଥିଲେ । ଯେତେବେଳେ କୁବା ବାହାରେ ରସୁଲୁଲ୍ଲାଃ ସ ଆ ସ ଗୋଟିଏ ବୃକ୍ଷ ତଳେ ବସିଥିଲେ ଯେ ଲୋକମାନେ ମଦିନାରୁ ରସୁଲୁଲ୍ଲାଃ ସ ଆ ସଙ୍କୁ ଦେଖିବା ପାଇଁ ଧାଇଁ ଆସୁଥିଲେ । ଯେହେତୁ ରସୁଲୁଲ୍ଲାଃ ସ ଆ ସ ଅତ୍ୟଧିକ ସରଳତାର ସହିତ ବସିଥିଲେ ସୁତରାଂ ଯେଉଁମାନେ ରସୁଲୁଲ୍ଲାଃ ସ ଆ ସଙ୍କୁ ଚିହ୍ନି ନଥିଲେ ସେମାନେ ହଜରତ୍ ଅବୁବକର୍ ର ଅ ଙ୍କୁ ଦେଖିଲେ ଯେ ବୟସରେ ଛୋଟ ହେବା ସତ୍ୱେ ମଧ୍ୟ ତାଙ୍କ ଦାଢି କିଛିଟା ଅଧିକ ପାଚି ଯାଇଥିଲା ଓ ତାଙ୍କ ପୋଷାକ ବି ରସୁଲୁଲ୍ଲାଃ ସ ଆ ସ ଙ୍କ ପୋଷାକ ଠାରୁ କିଛିଟା ଉତମ ଥିଲା, ତେଣୁ ସେମାନେ ଭାବିଲେ ଯେ ବୋଧହୁଏ ଇଏ ଅର୍ଥାତ୍ ହଜରତ ଅବୁବକର୍ ହିଁ ରସୁଲୁଲ୍ଲାଃ ସ ଆ ସ ଅଟନ୍ତି । ତେଣୁ ସେମାନେ ଅତି ଭଦ୍ରାମିର ସହିତ ତାଙ୍କ ଆଡକୁ ମୁହଁ କରି ଆତ୍ମବିଭୋର ହୋଇ ବସିଥିଲେ । ହଜରତ୍ ଅବୁବକର୍ ର ଅ ଯେତେବେଳେ ଏକଥା ଅବଲୋକନ କଲେ, ସେ ବୁଝିଗଲେ ଯେ ଲୋକମାନେ ରସୁଲୁଲ୍ଲାଃ ସ ଆ ସ ଙ୍କୁ ଚିହ୍ନିପାରିନାହାନ୍ତି ଓ ଜାଣିଗଲେ ଯେ ଲୋକମାନେ ଭ୍ରମର ଶିକାର ହୋଇଛନ୍ତି ତେଣୁ ସେ ତତ୍‌କ୍ଷଣାତ୍ ତାଙ୍କ ନିଜ ଚାଦରକୁ ମେଲାଇ ସୂର୍ଯ୍ୟ ସମ୍ମୁଖରେ ଆଢୁଆଳ କରି ଛିଡା ହୋଇଗଲେ ଅର୍ଥାତ୍ ସେ ସଙ୍ଗେସଙ୍ଗେ ସୂର୍ଯ୍ୟ କିରଣ ପଡୁଥିବା ଦିଗରେ ଚଦର ନେଇ ଛିଡ଼ା ହୋଇଗଲେ । ପୁନଶ୍ଚ କହିଲେ ହେ ଅଲ୍ଲାଃଙ୍କ ରସୁଲସ.ଅ ! ଆପଣଙ୍କ ଉପରେ ସୂର୍ଯ୍ୟାଲୋକ ପଡୁଛି ତେଣୁ ମୁଁ ଆପଣଙ୍କୁ ଛାଇ କରି ଦେଉଛି । ଏହିପରି ସୁନ୍ଦର ଶୈଳୀରେ ହଜରତ୍ ଅବୁବକର୍ ର ଅ ଲୋକମାନଙ୍କୁ ସେମାନଙ୍କ ଭ୍ରାନ୍ତ ଧାରଣା ବିଷୟରେ ସୂଚାଇଦେଲେ । (ଦିବାଚା ତଫସିରୁଲ୍ କୁର୍‌ଆନ୍ , ଅନ୍‌ଓାରୁଲ୍ ଉଲୁମ୍ ଖ-୨୦, ପୃ-୨୨୬-୨୨୭)

ଏହି ଘଟଣା ବିଷୟରେ ବିସ୍ତାର ଭାବରେ ହଜରତ୍ ମିର୍ଜା ବଶିର୍ ଅହମଦ୍ ସାହେବ୍ ର ଅ ବୁଖାରୀର ଗୋଟିଏ ରିଫରେନସ ଦରଜ କରି ଉଲ୍ଲେଖ କରିଛନ୍ତି ଯେ - ବୁଖାରୀରେ ବରାଅ ବିନ୍ ଆଜିବ୍ ଙ୍କ ବର୍ଣନା ରହିଛି ଯେ ଯେଉଁ ଆନନ୍ଦ ଅନସାର୍‌ମାନଙ୍କୁ ରସୁଲୁଲ୍ଲାଃ ସ ଆ ସ ଙ୍କ ଆଗମନ ସମୟରେ ମିଳିଥିଲା ସେମିତି ଆନନ୍ଦ ମୁଁ କେବେ ବି ସେମାନଙ୍କ ମଧ୍ୟରେ ଅନ୍ୟ କୌଣସି ଅବସରରେ ଦେଖିନାହିଁ ।

ତିରମିଜି ଏବଂ ଇବ୍ନେ ମାଜାଃ ଅନସ୍ ବିନ୍ ମାଲିକ୍ ଙ୍କଠାରୁ ବର୍ଣ୍ଣନା କରିଛନ୍ତି ଯେ ଯେତେବେଳେ ରସୁଲୁଲ୍ଲାଃ ସ ଆ ସ ପଦାର୍ପଣ କଲେ ସେତେବେଳେ ଆମେମାନେ ଏପରି ଅନୁଭବ କଲୁଁ ଯେ ଯେମିତି ସମଗ୍ର ମଦିନାଟି ଆମମାନଙ୍କ ପାଇଁ ଆଲୋକିତ ହୋଇଗଲା ଏବଂ ଯେଉଁଦିନ ରସୁଲୁଲ୍ଲାଃ ସ ଆ ସଙ୍କର ଦେହାନ୍ତ ହେଲା ସେହିଦିନଠାରୁ ଅଧିକ ଅନ୍ଧକାରମୟ ରାତି ମଦିନାର ସହରରେ ଆମେ ଆଉ କେବେ ବି ଦେଖିନାହୁଁ ।

ସ୍ୱାଗତକରିବାକୁ ଆସିଥିବା ଲୋକମାନଙ୍କ ସହିତ ସାକ୍ଷାତ କରିବା ପରେ ରସୁଲୁଲ୍ଲାଃ ସ ଆ ସ କୌଣସି ଭାବନା ଅନ୍ତର୍ଗତ ସିଧା ସହର ଭିତରେ ପ୍ରବେଶ କଲେ ନାହିଁ ବରଂ ଡାହାଣପଟେ ଥିବା ମଦିନାର ଉଚ୍ଚା ସ୍ଥାନ. ଯାହା ମଦିନାଠାରୁ ଦୁଇ ଅଢେଇ ମାଇଲ୍ ଦୂରତାରେ ଅବସ୍ଥିତ କୁବା ନାମକ ସ୍ଥାନକୁ ଚାଲିଗଲେ । ଏହାର କାରଣ ଇତିହାସରେ ଉଲ୍ଲେଖ ନାହିଁ । ସେ ଇଲାକାରେ ଅନସାରମାନଙ୍କର କିଛି ଖାନଦାନ୍ ବସବାସ କରୁଥିଲେ ।ସେମାନଙ୍କ ମଧ୍ୟରେ ଅଧିକ ଅମରୋ ବିନ୍ ଅଓଫ୍ ଖାନଦାନ୍ ପ୍ରଶିଦ୍ଧ ଥିଲା । ସେତେବେଳେ ସେହି ଖାନଦାନ୍ ର ସରଦାର୍ କୁଲସୁମ୍ ବିନ୍ ଅଲ୍‌ହଦମ୍ ଥିଲେ । କୁବାର ଅନସାରମାନେ ରସୁଲୁଲ୍ଲାଃ ସ ଆ ସ ଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ କଲେ ଓ ମହାଭାଗ ସ ଆ ସ କୁଲସୁମ୍ ବିନ୍ ଅଲ୍‌ହଦମଙ୍କ ଘରେ ରହିଲେ । ଯେଉଁ ମୁହାଜିର୍ ମାନେ ରସୁଲୁଲ୍ଲାଃ ସ ଆ ସ ଙ୍କ ପୂର୍ବରୁ ମଦିନା ପହଂଚିଯାଇଥିଲେ ସେମାନଙ୍କୁ ମଧ୍ୟରୁ ଅଧିକାଂଶ ଲୋକେ କୁବାଠରେ କୁଲସୁମ୍ ବିନ୍ ଅଲ୍‌ହଦମଙ୍କ ଘରେ ତଥା ଅନ୍ୟ ସମ୍ମାନୀୟ ଅନସାର୍ ମାନଙ୍କ ଘରେ ରହିଥିଲେ । ବୋଧହୁଏ ଏହି କାରଣ ଥିଲା ଯେ ରସୁଲୁଲ୍ଲାଃ ସ ଆ ସ ସର୍ବପ୍ରଥମେ କୁବାଠାରେ ରହିବାକୁ ପସନ୍ଦ କଲେ । ଗୋଟିଏ କ୍ଷଣ ଭିତରେ ସାରା ମଦିନାରେ ରସୁଲୁଲ୍ଲାଃ ସ ଆ ସ ଙ୍କ ଆଗମନର ଖବର ବ୍ୟାପିଗଲା ଏବଂ ସମସ୍ତ ମୁସଲମାନମାନେ ବହୁତ ଉତ୍ସାହିତ ହୋଇ ରସୁଲୁଲ୍ଲାଃ ସ ଆ ସ ଙ୍କ ରହଣି ସ୍ଥାନରେ ଏକତ୍ରିତ ହେବାକୁ ଲାଗିଲେ । (ସିରତ୍ ଖାତମୁନ୍ ନବୀୟିନ୍ ସ.ଅ ....... ପୃଷ୍ଠା-୨୬୪-୨୬୫)

କୁବା ମସଜିଦ୍ ନିର୍ମାଣ ହେବା ସମ୍ବନ୍ଧରେ ଆସିଛି ଯେ ରସୁଲୁଲ୍ଲାଃ ସ ଆ ସ କୁବାରେ ରହଣି ସମୟରେ ଗୋଟିଏ ମସଜିଦ୍‌ର ଭିତି ପ୍ରସ୍ତର ରଖିଥିଲେ ଯାହାକୁ କୁବା ମସଜିଦ୍ କୁହାଯାଏ । ସହି ବୁଖାରିରେ ଆସିଛି ଯେ ରସୁଲୁଲ୍ଲାଃ ସ ଆ ସ ବନୁ ଅମରୋ ବିନ୍ ଅଓଫ୍ ଙ୍କ ସାହିରେ ଦଶରୁ ଅଧିକ ରାତି ବିତାଇଲେ ଓ ଏହି ମସଜିଦ୍‌ର ଭିତି ପ୍ରସ୍ତର ରଖିଥିଲେ ଯାହାର ଭିତି ଧର୍ମପରାୟଣତା ଉପରେ ରଖାଯାଇଥିଲା ଓ ସେଥିରେ ରସୁଲୁଲ୍ଲାଃ ସ ଆ ସ ନମାଜ ପାଠକଲେ । (ବୁଖାରୀ କିତାବୁ ମନାକିବୁଲ୍ ଅନସାର୍ .....ହଦିସ ନଂ-୩୯୦୬)

ରିଓାୟତ୍ ରେ ଉଲ୍ଲେଖ ଅଛି ଯେ ଯେତେବେଳେ ଆପଣ ସ ଆ ସ ଉକ୍ତ ମସଜିଦ୍‌ର ଭିତି ପ୍ରସ୍ତର ରଖିଲେ ସେତେବେଳେ ସର୍ବପ୍ରଥମେ ଆପଣ କିବ୍‌ଲା ଆଡକୁ ମୁହଁକରି ଗୋଟିଏ ପଥର ରଖିଲେ । ସେଥିଅନ୍ତେ ହଜରତ ଅବୁବକରର.ଅ ଗୋଟିଏ ପଥର ଆଣି ରଖିଦେଲେ ଓ ହଜରତ ଉମରର.ଅ ମଧ ଗୋଟିଏ ପଥର ଆଣି ହଜରତ ଅବୁବକରର.ଅ ଙ୍କ ଦ୍ୱାରା ରଖାଯାଇଥିବା ପଥର ସହିତ ରଖିଦେଲେ । ଏହିପରି ସମସ୍ତ ଲୋକମାନେ ନିର୍ମାଣ କାର୍ଯ୍ୟରେ ମଜି ଯାଇଥିଲେ । ଯେତେବେଳେ ମସଜିଦ କୁବା୍ର ନିର୍ମାଣ କାର୍ଯ୍ୟ ଚାଲିଥିଲା ସେତେବେଳେ ରସୁଲୁଲ୍ଲାଃ ସ ଆ ସ ଗୋଟିଏ ପଥର ଆଣିଲେ ଓ ତାହା ସେ ତାଙ୍କ ପେଟରେ ଲଗାଇରଖିଥିଲେ । କାରଣ ତାହା ବହୁତ ଭାରି ପଥର ଥିଲା । କେହି ଜଣେ ଆସି ସେହି ପଥରକୁ ଉଠାଇବାକୁ ଚେଷ୍ଟା କଲେ କିନ୍ତୁ ଉଠାଇପାରିଲେ ନାହିଁ । ଏହା ଦେଖି ରସୁଲୁଲ୍ଲାଃ ସ ଆ ସ ତାକୁ କହିଲେ ଛାଡିଦିଅ ଆଉ କୌଣସି ପଥରକୁ ଉଠାଇ ନେଇଆସ । (ଅର୍ ରୌଜୁଲ୍ ଅନଫ୍ ଖ-୨ ପୃ-୩୩୨ ତାସିସ୍ ମସଜିଦ୍ କୁବା ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ )

ମସଜିଦ୍ କୁବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ଏହା ହେଉଛି ସେହି ମସଜିଦ୍ ଯାହାର ଭିତି ତକ୍‌ୱା ଅର୍ଥାତ ଧର୍ମନିଷ୍ଠ ଆଧାରରେ ରଖାଯାଇଥିଲା, କିନ୍ତୁ କିଛି ରିଓାୟତ୍‌ରେ ମସଜିଦ୍ ନବଓିକୁ ସେହି ମସଜିଦ୍ ବୋଲି ଅଭିହିତ କରାଯାଇଅଛି ଯାହାର ଭିତି ଧର୍ମନିଷ୍ଠ ଆଧାରରେ ରଖାଯାଇଥିଲା । ଏକଥାର ସମର୍ଥନ ହଜରତ ଇବନେ ଅବ୍‌ବାସ୍ ର ଅ ମଧ୍ୟ କରିଛନ୍ତି । ତାଙ୍କ ମତରେ ମଦିନାର ସମସ୍ତ ମସଜିଦ୍ , ଯେଉଁଥିରେ ମସଜିଦ୍ କୁବା ମଧ ସାମିଲ ରହିଛି ସେ ସମସ୍ତ ମସଜିଦ୍‌ର ଭିତି ଧର୍ମନିଷ୍ଠ ଆଧାରରେ ରଖାଯାଇଥିଲା । କିନ୍ତୁ ଯାହା ପ୍ରସଙ୍ଗରେ ପବିତ୍ର କୁରଆନରେ ପଂକ୍ତି ଅବତୀର୍ଣ୍ଣ ହୋଇଥିଲା ତାହା ଥିଲା ମସଜିଦ୍ କୁବା । (ସିରତୁଲ୍ ହଲବିୟା ଖ-୨ ପୃ-୭୫ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୨)

ଦଶ ଦିନ ବା ଚଉଦ ଦିନ ସେଠାରେ ରହିବା ପରେ ଜୁମା ଦିନ ରସୁଲୁଲ୍ଲାଃ ସ ଆ ସ କୁବାରୁ ମଦିନା ନିମନ୍ତେ ଯାତ୍ରା ଆରମ୍ଭ କଲେ । ରାସ୍ତାରେ ଯେତେବେଳେ ବନୁସାଲିମ୍ ବିନ୍ ଅଓଫ୍ ବସବାସ କରୁଥିବା ଇଲାକାରେ ପହଂଚିଲେ ସେତେବେଳେ ଜୁମା ନମାଜ୍ ପାଠକରିବାର ସମୟ ହୋଇଗଲା । ସୁତରାଂ ରସୁଲୁଲ୍ଲାଃ ସ ଆ ସ ମୁସଲମାନମାନଙ୍କ ସହିତ ରାନୁନାଆ ନାମକ ଉପତ୍ୟକାରେ ଅବସ୍ଥିତ ମସଜିଦ୍ ରେ ଜୁମା ନମାଜ୍ ପାଠକଲେ ଏବଂ ସେମାନଙ୍କର ସଂଖ୍ୟା ଏକ ଶହ ଥିଲା । ରାନୁନାଆ ଉପତ୍ୟକା ମଦିନାର ଦକ୍ଷିଣ ଦିଗରେ ଅବସ୍ଥିତ । ଯେତେବେଳେ ରସୁଲୁଲ୍ଲାଃ ସ ଆ ସ ସେହି ମସଜିଦ୍ ରେ ଜୁମା ନମାଜ୍ ପାଠକଲେ ସେବେଠାରୁ ସେହି ମସଜିଦ୍ କୁ ମସଜିଦ୍ ଅଲ୍ ଜୁମା କୁହାଯାଉଅଛି । ଏହା ପ୍ରଥମ ଜୁମା ଥିଲା ଯାହା ରସୁଲୁଲ୍ଲାଃ ସ ଆ ସ ମଦିନାରେ ପାଠ କରିଥିଲେ । (ସିରତୁଲ୍ ହଲବିୟା ....... ଖ-୨ ପୃଷ୍ଠା-୮୧.....ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୨)(ସିରତୁନ୍ ନବଓିୟା ଲିଇବନେ ହୁଶାମ୍ ପୃ-୩୪୯ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୧) (ଅତଲସ୍ ସିରତ୍ ନବଓି ସ.ଅ , ପୃ-୧୬୮)

ହୋଇପାରେ କି ଏହି ମସଜିଦ୍ ପରେ ସେଠାରେ ନିର୍ମାଣ କରାଯାଇଥିବ । ସେଠାରେ ଜୁମା ପଢିବା ଯୋଗୁଁ ତାର ନାମକରଣ ଏପରି କରାଯାଇଥିବ । ପୁଣି ଉଲ୍ଲେଖ ଅଛି ଯେ ଜୁମା ନମାଜ୍ ପାଠକରିବା ପରେ ରସୁଲୁଲ୍ଲାଃ ସ ଆ ସ ନିଜ ଓଟ ଉପରେ ଆରୋହଣ କରି ମଦିନା ନିମନ୍ତେ ଯାତ୍ରା ଆରମ୍ଭ କଲେ ଓ ସେତେବେଳେ ଆପଣ ହଜରତ୍ ଅବୁବକର୍ ଙ୍କୁ ନିଜ ପଛରେ ବସାଇଥିଲେ । (ଶରହୁଲ୍ ଜରକାନୀ .... ଖ-୨ ପୃ-୧୫୭ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୬ )

ପୁରଷ୍କାର ପାଇବା ଆଶାରେ ବହୁତ ଲୋକେ ମହାଭାଗ ସ ଆ ସ ଙ୍କ ପଛରେ ପିଛା କରିଥିଲେ ।

ଗୋଟିଏ ଘଟଣା ଇତିହାସ ପୁସ୍ତକରେ ଏମିତି ଦରଜ ଅଛି । ବୁରୈଦାଃ ବିନ୍ ହୁସୈବ୍ ବର୍ଣ୍ଣନା

କରିଛନ୍ତି ଯେ ଯେତେବେଳେ କୁରୈଶ୍ ଏଥି ସକାଶେ ଶହେ ଓଟ ପୁରସ୍କାର ରଖିଲେ ଯେ ଯିଏ ରସୁଲୁଲ୍ଲାଃ ସ ଆ ସଙ୍କୁ ଜୀବିତ ବା ମୃତ ଧରି ନେଇଆସିବ ତାକୁ ଏହି ପୁରଷ୍କାର ଦିଆଯିବ । ସୁତରାଂ ମୁଁ ମଧ୍ୟ ଲୋଭର ଶିକାର ହୋଇଗଲି ଓ ବନୁ ସହମ୍ ର ସତୁରୀ ଜଣ ଲୋକଙ୍କ ସହିତ ବାହନରେ ଆରୋହଣ କରି ବାହାରିଲି ଏବଂ ରସୁଲୁଲ୍ଲାଃ ସ ଆ ସଙ୍କୁ ସାକ୍ଷାତ୍ କଲି । ମହାଭାଗ ପଚାରିଲେ ତୁମେ କିଏ ? ମୁଁ କହିଲି ବୁରୈଦାଃ । ଏଥିରେ ରସୁଲୁଲ୍ଲାଃ ସ ଆ ସ ହଜରତ୍ ଅବୁ ବକର୍ ର ଅ ଙ୍କ ଆଡକୁ ଚାହିଁ କହିଲେ ହେ ଅବୁ ବକର୍ ! ଆମ ମାମଲା ଶୀଥିଳ ଓ ଠିକ୍ ହୋଇଗଲା । ପୁଣି ମହାଭାଗ ପଚାରିଲେ ତୁମେ କେଉଁ କବିଲାର ? ମୁଁ କହିଲି ଅସଲମ୍ କବିଲାର । ଏଥିରେ ରସୁଲୁଲ୍ଲାଃ ସ ଆ ସ କହିଲେ ସୁରକ୍ଷିତ ରୁହ । ପୁଣି ମହାଭାଗ ପଚାରିଲେ ତୁମେ କାହା ସନ୍ତାନ ? ମୁଁ କହିଲି ବନୁ ସହିମ୍ ର । ଏଥିରେ ରସୁଲୁଲ୍ଲାଃ ସ ଆ ସ କହିଲେ ହେ ଅବୁ ବକର୍ ! ତୁମର ସହମ୍ ଅର୍ଥାତ୍ ତୁମର ଭାଗ୍ୟ ଖୋଲିଗଲା । ପୁଣି ବୁରୈଦାଃ ରସୁଲୁଲ୍ଲାଃ ସ ଆ ସ ଙ୍କୁ ପଚାରିଲେ ଆପଣ କିଏ ? ଏଥିରେ ରସୁଲୁଲ୍ଲାଃ ସ ଆ ସ କହିଲେ ମୁଁ ହେଉଛି ମୁହମ୍ମଦ୍ ବିନ୍ ଅବ୍ଦୁଲ୍ଲା, ଅଲ୍ଲାଃଙ୍କ ରସୁଲ୍ । ଏଥିରେ ବୁରୈଦାଃ କହିଲେ ଯେ ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଠାକୁର (ପୂଜାର ଅଧିକାରୀ )ନାହାନ୍ତି ଏବଂ ମୁହମ୍ମଦ୍ ହେଉଛନ୍ତି ତାହାଙ୍କ ଭକ୍ତ ଓ ରସୁଲ୍ । ପୁଣି ବୁରୈଦାଃ ଓ ତା ସାଥିରେ ଥିବା ସମସ୍ତ ଲୋକେ ଇସଲାମ୍ ଗ୍ରହଣ କରିନେଲେ । ବୁରୈଦାଃ କହିଲେ - ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ । ବନୁ ସହମ୍ ବିନା କୌଣସି ବାଧ୍ୟ ବାଧକତାରେ ଇସଲାମ୍ ଗ୍ରହଣ କରିନେଲା । ଯେତେବେଳେ ସକାଳ ହେଲା ବୁରୈଦାଃ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! ମଦିନାରେ ଆପଣଙ୍କ ପ୍ରବେଶ ଗୋଟିଏ ଧ୍ୱଜା ସହିତ ହେବା ଉଚିତ୍ । ତାପରେ ସେ ନିଜର ପଗଡିକୁ କାଢିଲେ ଓ ତାକୁ ନିଜ କନ୍ତ(ନେଜା) ଉପରେ ବାନ୍ଧିଲେ ଏବଂ ରସୁଲୁଲ୍ଲାଃ ସ ଆ ସ ଙ୍କ ଆଗରେ ଚାଲିବାକୁ ଲାଗିଲେ, ଏପରିକି ମୁସଲମାନ୍ ମଦିନାରେ ପବେଶ ହୋଇଗଲେ । (ଶରହୁଲ୍ ଜରକାନୀ .... ଖ-୨ ପୃ-୧୪୮ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୬ )(ସିରତୁଲ୍ ହଲବିୟା ....... ଖ-୨ ପୃଷ୍ଠା-୭୧.....ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)

ସହି ବୁଖାରୀରେ ରସୁଲୁଲ୍ଲାଃ ସ ଆ ସ ଙ୍କଙ୍କ ମଦିନା ଆଗମନ ବିଷୟରେ ହଜରତ ଅନସ୍ ବିନ୍ ମାଲିକ୍ ଙ୍କ ଗୋଟିଏ ରିଓାୟତ୍ ଏପରି ମିଳୁଛି ଯେ ରସୁଲୁଲ୍ଲାଃ ସ ଆ ସ ମଦିନା ଆସିଲେ । ମଦିନାର ଉପର ଭାଗରେ ବନୁ ଅମରୋ ବିନ୍ ଅଓଫ୍ ନାମକ ଗୋଟିଏ କବିଲା ଥିଲା,ସେଠାରେ ଓହ୍ଲାଇଲେ । ରସୁଲୁଲ୍ଲାଃ ସ ଆ ସ ସେଠାରେ ଚଉଦ ରାତି ବିତାଇଲେ । ପୁଣି ବନୁ ନଜ୍ଜାର୍ କୁ ଡକାଇପଠାଇଲେ । ସେମାନେ ତରବାରୀ ଧରି ଆସି ପହଂଚିଲେ । ଏହି ଘଟଣା ମତେ ଏମିତି ମନେଅଛି ସତେଯେପରି ମୁଁ ରସୁଲୁଲ୍ଲାଃ ସ ଆ ସ ଙ୍କୁ ଏବେ ବି ନିଜ ବାହନ ଉପରେ ଆରୋହଣ କରିଯାଉଥିବାର ଦେଖୁଅଛି । ହଜରତ୍ ଅବୁବକର୍ ର ଅ ତାଙ୍କ ପଛରେ ବସିଥିଲେ ଏବଂ ବନୁ ନଜ୍ଜାରର ଦଳ ମହାଭାଗ ସ ଆ ସ ଙ୍କ ଚାରିପଟେ ଥିଲା । ପରିକ୍ଷେଶରେ ମହାଭାଗ ସ ଆ ସ ହଜରତ୍ ଅବୁ ଅୟୁବ୍ ର ଅ ଙ୍କ ପ୍ରାଙ୍ଗଣରେ ଡେରା ପକାଇଲେ । (ସହି ବୁଖାରୀ କିତାବୁସ୍ ସଲାତ୍ ....... ହଦିସ ୪୨୮)

ଏ ବିଷୟରେ ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ କୁହନ୍ତି;- କୁବାରେ ୧୦ରୁ ଅଧିକ ଦିନ ଅବସ୍ଥାନ କରିବା ପରେ ଜୁମା ଦିନ ହଜୁରସ.ଅ ମଦିନାର ଭିତରକୁ ପ୍ରବେଶ କରିଥିଲେ । ଅନସାର ଓ ମୁହାଜିର୍ ଅର୍ଥାତ ପ୍ରବାସକାରୀମନଙ୍କର ଏକ ବଡ଼ ଦଳ ଆପଣସ ଆ ସଙ୍କ ସାଥିରେ ଥିଲେ । ଆପଣସ.ଅ ଗୋଟିଏ ଓଟ ଉପରେ ଆରୋହଣ କରିଥିଲେ ଏବଂ ହଜରତ ଅବୁବକରର.ଅ ଆପଣ ସ.ଅଙ୍କ ପଛରେ ଥିଲେ । ଉକ୍ତ ଦଳଟି ଧିରେ ଧିରେ ସହରର ମଧଭାଗକୁ ଅଗ୍ରସର ହେବାକୁ ଲାଗିଲା । ରାସ୍ତାରେ ହିଁ ଜୁମା ନମାଜ ର ସମୟ ହୋଇଯିବାରୁ ହଜୁରସ.ଅ ବନୁ ସାଲିମ୍ ବିନ୍ ଅଔଫ୍ଙ୍କ ସାହିରେ ଓହ୍ଲାଇ ସାହାବାଙ୍କ ସମ୍ମୁଖରେ ଖୁତବା ପ୍ରଦାନ କଲେ ଏବଂଜୁମା ନମାଜ ପାଠ କରିଥିଲେ । ଐତିହାସିକ ମାନେ ଉଲ୍ଲେଖ କରିଛନ୍ତି ଯେ ଯଦିଓ ଆ ପୂର୍ବରୁ ଜୁମା ନମାଜ୍ ଆରମ୍ଭ ହୋଇସାରିଥିଲା କିନ୍ତୁ ଏହା ପ୍ରଥମ ଜୁମା ଥିଲା ଯାହା ମହାଭାଗ ସ ଆ ସ ସ୍ୱୟଂ ପାଠ କରାଇଲେ । ପୁଣି ତାପରେ ଜୁମା ନମାଜ ର ଶୈଳି ନିୟମିତ ଭାବରେ ଜାରି ହୋଇଗଲା । (ଏଠାରେ ମଧ୍ୟ ଏକଥା ଜାହିର୍ ହୋଇଯାଉଛି ଯେ ସେହି ମସଜିଦଟି ପରେ ନିର୍ମାଣ କରାଯାଇଥିଲା)

ଜୁମା ନମାଜ ପାଠକରିସାରିବା ପରେ ମହାଭାଗ ସ ଆ ସଙ୍କ କାଫିଲା ଧିରେ ଧିରେ ଆଗକୁ ବଢିଲା । ରାସ୍ତାରେ ମୁସଲମାନମାନଙ୍କ ଘରପାଖ ଦେଇ ଯେବେ ଯାଉଥିଲେ ସେମାନେ ପ୍ରେମରେ ବହୁତ ଉତ୍ସାହିତ ହୋଇ କହୁଥିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଇଏ ଆମ ଘର ଓ ଇଏ ଆମ ଧନସମ୍ପତି ଓ ଜୀବନ ସବୁକିଛି ଆପଣଙ୍କ ପାଇଁ ହାଜିର୍ ଅଛି । ଏସବୁକିଛି ଆପଣଙ୍କ ସକାଶେ ଉତ୍ସର୍ଗିତ । ଆପଣଙ୍କ ସୁରକ୍ଷା ପାଇଁ ଆମେମାନେ ସର୍ବଦା ଉପସ୍ଥିତ ତଥା ପ୍ରତିଶୃତିବଦ୍ଧ, ଆପଣ ଆମ ନିକଟରେ ରହନ୍ତୁ । ମହାଭାଗ ସ ଆ ସ ସେମାନଙ୍କ ପାଇଁ ପ୍ରାଥନା କରୁଥିଲେ ଓ ଧିରେ ଧିରେ ସହର ଆଡକୁ ଯାଉଥିଲେ । ମୁସଲମାନ ମହିଳାମାନେ ଏବଂ ଝିଅପିଲାମାନେ ଆନନ୍ଦରେ ଘରଛାତ ଉପରେ ଚଢି ଗିତ ଗାଉଥିଲେ ।

**ତଲଅଲ୍ ବଦରୁ ଆଲୈନା ମିନ୍ ସନିୟାତିଲ୍ ଓଦାଇ**

**ଓଜବଶ୍ ଶୁକରୋ ଆଲୈନା ମା ଦଆ ଲିଲ୍ଲାହି ଦାଇ**

ଅର୍ଥାତ୍ ଆଜି ଆମ ଉପରେ ଓଦାଅ ଘାଟିରୁ ପୂର୍ଣ୍ଣିମା ଚାନ୍ଦ ଉଦୟ ହୋଇଛି । ତେଣୁ ଆମ ପାଇଁ ସଦା ସର୍ବଦା ଖୁଦାଙ୍କ କୃତଜ୍ଞତା ଜ୍ଞାପନ କରିବା ଜରୁରୀ । ମୁସଲମାନ ପିଲାମାନେ ମଦିନାର ଗଳି କନ୍ଦିରେ ଘୁରିଘୁରି ଗାଇବୁଲୁଥିଲେ ଯେ ମୁହମ୍ମଦ ସ ଆ ସ ଆସିଯାଇଛନ୍ତି । ଖୁଦାଙ୍କ ରସୁଲ ଆସିଯାଇଛନ୍ତି । ମଦିନାର ହବଶି(ନିଗ୍ରୋ) ଗୁଲାମ୍ ମାନେ ମୁହମ୍ମଦ ସ ଆ ସଙ୍କ ଆଗମନର ଖୁସିରେ ତରବାରୀ ଦ୍ୱାରା କର୍ତବ ଦେଖାଉଥିଲେ । ଖଣ୍ଡା ଚାଳନାର ନିଜ ନିପୁଣତା ପ୍ରଦର୍ଶନ କରୁଥିଲେ । ଯେବେ ମୁହମ୍ମଦ ସ ଆ ସ ସହର ଭିତରକୁ ପ୍ରବେଶ କଲେ, ପ୍ରତ୍ୟେକଙ୍କର ଏ ଇଛା ଥିଲା ଯେ ଆପଣ ସ ଆ ସ ତାଙ୍କ ପାଖରେ ରହନ୍ତୁ । ପ୍ରତ୍ୟେକ ବ୍ୟକ୍ତି ଆଗକୁ ବଢି ନିଜର ସେବାକାର୍ଯ୍ୟ ପେଶ୍ କରୁଥିଲା । ଆପଣ ସ ଆ ସ ସମସ୍ତଙ୍କ ସହିତ ପ୍ରେମଭରା କଥା ହେଉଥିଲେ ଓ ଆଗକୁ ବଢିଚାଲୁଥିଲେ ଏପରିକି ଆପଣ ସ ଆ ସଙ୍କ ଓଟଟି ବନୁ ନଜ୍ଜାର୍ ର ସାହିରେ ଯାଇ ପହଂଚିଗଲା । ସେଠାରୁ ବନୁ ନଜ୍ଜାର୍‌ର ଲୋକମାନେ ହାତହତିୟାର୍ ଧରି ଧାଡିବାନ୍ଧି ଆପଣ ସ ଆ ସଙ୍କୁ ସ୍ୱାଗତ କରିବା ପାଂଇ ଛିଡା ହୋଇଥିଲେ । କବିଲାର ଝିଅପିଲାମାନେ ଢୋଲ ବଜାଇ ବଜାଇ ଏହି ଗିତ ଗାଉଥିଲେ ।

ନହନୋ ଜଓାରିନ୍ ମିନ୍ ବନି ନଜ୍ଜାର୍ ୟା ହବ୍‌ବଜା ମୁହମ୍ମଦନ୍ ମିନ୍ ଜାରିନ୍

ଅର୍ଥାତ୍ ଆମେ ବନୁ ନଜ୍ଜାର କବିଲାର ଝିଅମାନେ । ଆମେ କେଡେ ଭାଗ୍ୟବତୀ ଯେ ମୁହମ୍ମଦ ସ ଆ ସ ଆମ ସାହିରେ ରହିବା ପାଇଁ ଆସୁଛନ୍ତି । (ସିରତ୍ ଖାତମୁନ୍ ନବୀୟିନ୍ ସ.ଅ ....... ପୃଷ୍ଠା-୨୬୬-୨୬୭)

ମୁହମ୍ମଦ ସ ଆ ସଙ୍କ ପରିବାର ତଥା ହଜରତ ଅବୁବକର ର ଅ ଙ୍କ ପରିବାରକୁ ମଦିନା ଅଣାଯିବାର ଘଟଣା ବିଷୟରେ ହଜରତ୍ ମୁସଲେହ୍ ମଉଦ୍ ର ଅ ଉଲ୍ଲେଖ କରିଛନ୍ତି ଯେ -କିଛି କାଳ ଅତିବାହିତ ହେବା ପରେ ହଜୁରସ.ଅ ହଜରତ ଜୈଦ ର.ଅଙ୍କୁ ମକ୍କା ପ୍ରେରଣ କରିଥିଲେ ଯେ ସେ ଯାଇ ହଜୁରସ.ଅ ଓ ହଜରତ ଅବୁବକର ର.ଅଙ୍କ ପରିବାରବର୍ଗଙ୍କୁ ସୁରକ୍ଷିତ ଭାବରେ ମଦିନା ଘେନି ଆଣିବେ । ଯେହେତୁ ମକ୍କାବାସୀ ଏହି ଅଚାନକ ହିଜରତ ଯୋଗୁଁ ଘାବରେଇ ଯାଇଥିଲେ ସେଥିପାଇଁ କିଛି କାଳ ପର୍ଯ୍ୟନ୍ତ ଅତ୍ୟାଚାର ର ଧାରା ବନ୍ଦ ରହିଲା । ଓ ସେହି ବ୍ୟତିବ୍ୟସ୍ତତା ଯୋଗୁଁ ସେମାନେ ହଜୁରସ.ଅ ଓ ହଜରତ ଅବୁବକର ର.ଅଙ୍କ ପରିବାରବର୍ଗଙ୍କୁ ମକ୍କା ଯିବାରେ ପ୍ରତିବନ୍ଧକ ସାଜିଲେ ନାହିଁ । ସୁତରାଂ ଏମାନେ ସୁରକ୍ଷିତ ଭାବରେ ମଦିନା ପହଂଚି ଗଲେ । ଏହି ଅବଧିରେ ମଦିନାରେ ହଜୁରସ.ଅ ଯେଉଁ ଜମି କ୍ରୟ କରିଥିଲେ, ସର୍ବପ୍ରଥମେ ସେଠାରେ ମସଜିଦ୍‌ର ଭିତି ସ୍ଥାପନ କରିଥିଲେ । ସେଥିଅନ୍ତେ ନିଜ ଓ ନିଜ ସାଥିମାନଙ୍କ ନିମନ୍ତେ ଘର ନିର୍ମାଣ କଲେ । (ଦିବାଚା ତଫସିରୁଲ୍ କୁର୍ଆନ୍ ଅନଓାରୁଲ୍ ଉଲୁମ୍ ଖ-୨୦ ପୃ-୨୩୦)

ମଦିନା ପ୍ରବାସ କରିବା ପରେ ହଜରତ ଅବୁବକର୍‌ର.ଅ ସୁନାହ୍‌ଠାରେ ହଜରତ ଖୁବୈବ୍ ବିନ୍ ଇସାଫ୍ ର.ଅଙ୍କ ଘରେ ଅବସ୍ଥାନ କରିଥିଲେ । ସୁନାହ୍ ମଦିନାର ନିକଟବର୍ତୀ ଏକ ସ୍ଥାନ, ଯାହାକି ମସଜିଦ୍ ନବଓ୍ୱୀଠାରୁ ଉଣାଅଧିକେ ଦୁଇ ମାଇଲ୍ ଦୂରତାରେ ଅବସ୍ଥିତ । ହଜରତ ଖୁବୈବ୍ ର.ଅଙ୍କ ସମ୍ପର୍କ ବନୁ ହାରିସ୍ ବିନ୍ ଖଜରଜ୍ ସହିତ ଥିଲା । ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକରର.ଅ ହଜରତ ଖାରଜାଃ ବିନ୍ ଜଏଦ ର.ଅଙ୍କ ଘରେ ଅବସ୍ଥାନ କରିଥିଲେ ।(ସିରତୁନ୍ ନବଓିୟା ଲିଇବନେ ହୁଶାମ୍ ପୃ-୩୪୮..... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୧)

ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକରର.ଅ ସୁନାହ୍‌ଠାରେ ହିଁ ନିଜର ଘର ଓ କପଡ଼ା ପ୍ରସ୍ତୁତ କରିବାର କାରଖାନା ନିର୍ମାଣ କରି ନିଜ ବ୍ୟବସାୟ ଆରମ୍ଭ କରିଦେଇଥିଲେ ।(ମକାଲାତେ ସିରତ୍ ଖ-୩ ପୃ-୧୩୧ ମକତୁବୁଲ୍ ଇସଲାମିୟା ଲାହୋର୍ ୨୦୧୬)

ହଜରତ ଅବୁବକର ର.ଅଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ ବର୍ଣ୍ଣନା ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ ।

ସେଥିଅନ୍ତେ ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ ଏବେ ମୁଁ କିଛି ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି । ସେମାନଙ୍କ ମଧ୍ୟରେ ପ୍ରଥମ ମୃତକ ହେଉଛନ୍ତି ଶ୍ରୀମାନ୍ ଚୌଧରୀ ଅସଗର୍ ଅଲି କଲାର ସାହେବ ପିତା ମୁହମ୍ମଦ ଶରିଫ୍ କଲାର ସାହେବ ବାହାଓ୍ୱଲ୍‌ପୁର ନୀବାସୀଙ୍କର ସେ ଅସିରାନେ ରାହେ ମୌଲା ଥିଲେ ଅର୍ଥାତ୍ ସେ ଅଲ୍ଲାଃଙ୍କ ମାର୍ଗରେ ବନ୍ଦୀ ହୋଇଥିଲେ । ଚଳିତ ଜାନୁଆରୀ ମାସ ୧୦ତାରିଖ ଦିନ କାରାଗାରରେ ବନ୍ଦୀ ରହିଥିବା ଅବସ୍ଥାରେ ହିଁ ୭୦ବର୍ଷ ବୟସରେ ଦେହ ତ୍ୟାଗ କଲେ । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜିଉନ୍ । ଏ ଦୃଷ୍ଟି କୋଣରୁ ସେ ଶହୀଦ୍ ମାନଙ୍କ ମଧ୍ୟରେ ଗଣା ହେବେ ।

ତଥ୍ୟ ମୁତାବକ ତାଙ୍କ ଉପରେ ଗତବର୍ଷ ସେପ୍ଟେମ୍ବର ମାସ ୨୪ତାରିଖ ଦିନ ପୋଲିସ୍ ଷ୍ଟେସନ ବଗଦାଦ୍ ଅଲ୍ ଜଦିଦ୍ ଠାରେ ୨୯୫-ଖ ଦଫା ଅନ୍ତର୍ଗତ ପବିତ୍ର ଅବତାର ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା (ନଉଯୁବିଲ୍ଲାଃ) ଦୋଷରେ ମକଦ୍ଦମା କରାଯାଇଥିଲା ଏବଂ ସେହି ମାସ ୨୬ ତାରିଖ ଦିନ ତାଙ୍କୁ ବନ୍ଦୀ କରା ଯାଇଥିଲା । ଗିରଫ କରିବା ପରେ ତାଙ୍କୁ ବାହାଓ୍ୱଲ୍‌ପୁର ଜେଲରେ ରଖାଯାଇଥିଲା । ଜେଲରେ ରକ୍ତବାନ୍ତି ହେବା ଯୋଗୁଁ ତଥା ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରେ ୦୪ ଯାନୁୟାରୀ ୨୦୨୨ ଦିନ ବାହାଓ୍ୱଲ୍‌ପୁର ଡାକ୍ତରଖାନା ନିଆଗଲା ଓ ଚିକିତ୍ସା କରାଗଲା । ଚିକିତ୍ସା ଚାଲିଥିଲା ଯେ ୧୦ ଯାନୁୟାରୀ ୨୦୨୨ ଦିନ ପ୍ରତ୍ୟୁଷ ଫଜର୍ ପୂର୍ବରୁ ସେଠାରେ ସେହି ବନ୍ଦୀ ଅବସ୍ଥାରେ ହିଁ ଜୀବନ ଚାଲିଗଲା । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜିଉନ୍ । ମୃତ୍ୟୁ ସମୟରେ ତାଙ୍କ ବୟସ ୭୦ ବର୍ଷ ହୋଇଥିଲା ।

ମୃତକଙ୍କ ଜମାନତ ଦରଖାସ୍ତ ଅଦାଲତରେ ଶୁଣାଣିହେବାକୁ ଥିଲା । ୦୮ ଯାନୁୟାରୀ ଦିନ ଜମାନତର ତାରିଖ ଥିଲା କିନ୍ତୁ ପୋଲିସ ରେକର୍ଡ ନେଇକି ଆସିଲା ନାହିଁ ତେଣୁ ଜଜ୍ ସାହେବ ୧୧ ତାରିଖକୁ ଶୁଣାଣି ଘୁଂଚାଇ ଦେଲେ । କିନ୍ତୁ ଫଇସଲା ଆସିବା ପୂର୍ବରୁ ହିଁ ସେ ଅଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇଗଲେ । ସେ ତିନି ମାସ ପନ୍ଦର ଦିନ ଅଲ୍ଲାଃଙ୍କ ଖାତିର୍ କାରାଗାରରେ ବନ୍ଦୀ ଜୀବନ ଅତିବାହିତ କରିଛନ୍ତି ।

ମରହୁମ୍ (ମୃତକ) ୧୯୭୧ ମସିହାରେ କମ ବୟସରେ ମାଟ୍ରିକ୍ ପରେ ନିଜେ ହିଁ ବୟତ୍ କରି ଜମାଅତ୍ ଅହମଦିୟାରେ ସାମିଲ ହୋଇଥିଲେ । ନିଜ ପରିବାରରେ ସେ ଏକାକୀ ଅହେମଦି ଥିଲେ । ଅହେମଦିୟତ୍ ଗ୍ରହଣ କରିବା ପରେ ତାଙ୍କୁ ବିରୋଧର ସମ୍ମୁଖିନ ହେବାକୁ ପଡିଥିଲା । ଏହା ସତ୍ତ୍ୱେ ମଧ୍ୟ ସେ ଦୃଢତାର ସହିତ ଅହେମଦୀୟତ୍ ରେ ରହିଲେ । ଏଫ୍ ସି କଲେଜରୁ ସେ M.sc Math ରେ ଡିଗ୍ରୀ ହାସଲ କରିଥିଲେ । ପାଠପଢିବା ସମୟରେ ଅହେମଦିୟତ୍ ଗ୍ରହଣ କରିବା ଯୋଗୁଁ ତାଙ୍କ ମାଆବାପା ତାଙ୍କର ପାଠପଢିବା ପାଇଁ ଦେଉଥିବା ଆର୍ଥିକ ସାହାଯ୍ୟ ବନ୍ଦ କରିଦେଇଥିଲେ ଓ ଏ ସର୍ତ ରଖିଥିଲେ ଯେ ଅହେମଦିୟତ୍ ପରିତ୍ୟାଗ କଲେ ଆସନ୍ତାକୁ ପାଠପଢିବା ନିମନ୍ତେ ଆର୍ଥିକ ସାହାଯ୍ୟ ମିଳିବ ଅନ୍ୟଥା ମିଳିବ ନାହିଁ । ଏହା ସତ୍ତ୍ୱେ ମଧ୍ୟ ସେ ଟିଉସନ୍ ପଢାଇ ନିଜର ପାଠପଢା ଖର୍ଚ୍ଚ ନିଜେ ବହନ କରୁଥିଲେ । ତାଙ୍କ ବାପା ତାଙ୍କର ଏପରି ଦୃଢମନୋବଳ ଦେଖି ବହୁତ ପ୍ରଭାବିତ ହେଲେ ଓ ତାଙ୍କର ବିରୋଧ କରିବା ଛାଡିଦେଲେ । ପୁଣି ତାଙ୍କ ବାପା ଏ କଥା ଚିନ୍ତା କଲେ ଯେ କାଳେ ଅହେମଦୀୟତ୍ ଯୋଗୁଁ ତାଙ୍କ ପୁତ୍ରକୁ ପରେ ତାଙ୍କ ସମ୍ପତିରୁ ଭାଗ ନ ମିଳିପାରେ ତେଣୁ ତାଙ୍କ ଜୀବଦ୍ଦଶାରେ ସେ ତାଙ୍କ ସମ୍ପତିରୁ ଅହେମଦୀ ପୁଅର ସମ୍ପତିଭାଗକୁ ଦେଇଦେଇଥିଲେ । ତାଙ୍କ ବାପା ତାଙ୍କ ସହିତ ଏହି ପୁଣ୍ୟକାର୍ଯ୍ୟ କରିଯାଇଥିଲେ । ମରହୁମ ଅଲ୍ଲାଃଙ୍କ କୃପାରୁ ୧/୮ ର ଓସିୟତ୍ କରିଥିଲେ । ଆର୍ଥିକ ବଳିଦାନରେ ଆଗକୁ ବଢିଚଢିକି ଭାଗ ନେଉଥିଲେ । ନୂଆ ବର୍ଷର ଆରମ୍ଭରେ ହିଁ ଅର୍ଥାତ ଆର୍ଥିକ ବର୍ଷର ଘୋଷଣା ହେବା ସହିତ ଶତ ପ୍ରତିଶତ ଚାନ୍ଦା ପଇଠ

କରିଦେଉଥିଲେ । ଖିଲାଫତେ ଅହମଦିୟା ସହିତ ଅତ୍ୟନ୍ତ ନିଷ୍ଠା ଓ ପ୍ରେମଭାବ ଥିଲା । ଓାକିଫୀନେ ଜୀନ୍ଦେଗୀ ତଥା ମର୍କଜୀ ଅତିଥିମାନଙ୍କୁ ବହୁତ ଆଦର ସମ୍ମାନ କରୁଥିଲେ । ଜମାତି ଗସ୍ତ (ଦୌରା) ସମୟରେ ନିଜ ଗାଡିକୁ ସର୍ବଦା ପେଶ୍ କରିଦେଉଥିଲେ । ଦାଓତ ଇଲଲ୍ଲାହ୍ କରିବା ପାଇଁ ବହୁତ ଆଗ୍ରହ ରଖୁଥିଲେ । ଜଣେ ସାହସୀ ନିର୍ଭୀକ ଦାଇଇଲଲ୍ଲାଃ ଥିଲେ । ତାଙ୍କ ଜରିଆରେ ଅଲ୍ଲାଃ ତାଲା ଅନେକ ପୁଣ୍ୟ ସ୍ୱଭାବର ଲୋକମାନଙ୍କୁ ଅହେମଦିୟତ୍ ରେ ସାମିଲ୍ ହେବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । ନମାଜ୍ ରୋଜା ବ୍ୟତୀତ ନିୟମିତ ତହଜ୍ଜୁଦ୍ ପାଠ କରୁଥିଲେ । ଗରୀବ ଓ ଦୁଃଖୀଜନଙ୍କ ସେବାକରିବାର ସୌଭାଗ୍ୟ ପଉଥିଲେ । ସେ ଅହେମଦି ହୋଇଥିବା ଯୋଗୁଁ ତାଙ୍କ ନିଜ କୁଟୁମ୍ବର ଲୋକମାନେ ତାଙ୍କୁ ବିରୋଧ କରୁଥିବା ସତ୍ୱେ ମଧ୍ୟ ସେ ସେମନଙ୍କ ସହିତ ଆର୍ଥିକ ଓ ନୈତିକ ସାହାଯ୍ୟ ସହଯୋଗ କରିଆସୁଥିଲେ । ମରହୁମଙ୍କୁ ଶହୀଦ୍ ହେବାର ବହୁତ ଇଛା ଥିଲା ଯାହା ଅଲ୍ଲାଃ ତାଲା ଏପରି ପୂରଣ କରିଦେଲେ ।

ତାଙ୍କ ପତ୍ନୀ ବର୍ଣ୍ଣନା କରିଛନ୍ତି ଯେ ଜେଲରେ ସାକ୍ଷାତ୍ କରିବା ସମୟରେ ମରହୁମ୍ କହିଲେ ଯେ ଅଲ୍ଲାଃ ତାଲା ଙ୍କ ତରଫରୁ ତାଙ୍କୁ ତିନି ଥର ସଲାମ ର ବାର୍ତା ମିଳିସାରିଛି । ଆଉ ଗୋଟିଏ ସ୍ୱପ୍ନରେ ସେ ଏହା ଦେଖିଛନ୍ତି ବୋଲି କହିଲେ ଯେ ମୁଁ ଜେଲରୁ ମୋ ମୃତ ଶରୀରକୁ ବାହାରୁଥିବାର ଦେଖିଛି । ମରହୁମ୍ ନାଜିମ୍ ଅନସାରୁଲ୍ଲାଃ,ଜଇମ୍ ଆଲା ବାହାୱଲ୍‌ପୁର, ସେକ୍ରେଟାରୀ ଦାୱତେ ଇଲଲ୍ଲାଃ, ସେକ୍ରେଟାରୀ ୱକ୍‌ଫେ ଜଦିଦ୍ ଏବଂ ଜିଲ୍ଲାଇ ସେକ୍ରେଟାରୀ ଇସଲାହ୍ ୱ ଇରଶାଦ୍ ଭାବରେ ଖିଦମତ୍ (ସେବାକାର୍ଯ୍ୟ) କରିବାର ସୌଭାଗ୍ୟ ପଇଛନ୍ତି । ଦେହାନ୍ତ ସମୟ ପର୍ଯ୍ୟନ୍ତ ସେ ଜିଲ୍ଲାଇ କାଜି (ବିଚାରପତି) ମଧ୍ୟ ଥିଲେ । ମରହୁମ୍ ନିଜ ଅନ୍ତେ ନିଜ ପତ୍ନୀଙ୍କ ବ୍ୟତୀତ ଦୁଇଜଣ ପୁତ୍ରେ ଓ ଜଣେ ପୁତ୍ରୀ ସ୍ମୃତିସନ୍ତକ ଭାବରେ ଛାଡିଯାଇଛନ୍ତି । ତାଙ୍କର ଜଣେ ପୁଅ ବିଦେଶରେ ଅଛନ୍ତି ଓ ତାଙ୍କ ଝିଅ ବି କାନାଡାରେ ରହୁଛନ୍ତି । ଅଲ୍ଲାଃ ତାଲା ଚୌଧରୀ ଅସଗର୍ ଅଲି କଲାର ସାହେବଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ, ତାଙ୍କ ସ୍ତରକୁ ଉନ୍ନତି କରନ୍ତୁ । ତାଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଓ ତାଙ୍କ ପୁଣ୍ୟକାର୍ଯ୍ୟକୁ ଜାରି ରଖିବା ପାଇଁ ତଥା ତାଙ୍କ ପରିବାରବର୍ଗକୁ ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଅନ୍ୟ ଅସିରାନେ ରାହେ ମୌଲା ଅର୍ଥାତ୍ ଅଲ୍ଲାଃଙ୍କ ଖାତିର୍ ବନ୍ଦୀ ହୋଇ କାରାଗାରରେ ରହିଥିବା ଅହେମଦି ମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କୁ ମୁକ୍ତ କରାନ୍ତୁ ।

ଦ୍ୱିତୀୟ ଜନାଯାଃ ହେଉଛି ଶ୍ରୀମାନ ମିର୍ଜା ମୁମତାଜ୍ ଅହେମଦ ସାହେବଙ୍କର । ସେ ଓକାଲତ୍ ଉଲିୟା ରବୱାର କର୍ମୀ ଥିଲେ । ପଂଚାଅଶୀ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜିଉନ ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ ପରିବାରରେ ଅହେମଦିୟତ୍ ତାଙ୍କ ବାପା କ୍ୟାପଟେନ୍ ଡାଃ ଶେର୍ ମୁହମ୍ମଦ୍ ଆଲି ସାହେବ୍ ଙ୍କ କରିଆରେ ଆସିଥିଲା,ଯିଏ ୧୯୨୩ ମସିହାରେ ବୟତ୍ କରିଥିଲେ । ମିର୍ଜା ମୁମତାଜ୍ ସାହେବ୍ ଏପ୍ରିଲ୍ ୧୯୬୪ ମସିହାରେ ଦଫ୍‌ତର୍ ଅମାନତ୍ ତହରିକ୍ ଏ ଜଦିଦ୍ ରେ ଜଣେ ମୋହରିଲ ଭାବରେ ସେବାକାର୍ଯ୍ୟ ଆରମ୍ଭ କଲେ । ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଅଠାବନ ବର୍ଷ କାଳ ଖିଦମତ୍ କରିବାର ସୌଭାଗ୍ୟ ପାଇଲେ । ତାଙ୍କ ବିବାହ ଶ୍ରୀମାନ୍ ଚୌଧୁରୀ ମୁଜଫର୍ ଉଦ୍ଦିନ୍ ବଙ୍ଗାଲି ସାହେବ୍ ଙ୍କ ଝିଅ ମାଜ୍‌ଦାଃ ବେଗମ୍ ସାହିବାଙ୍କ ସହିତ ହୋଇଥିଲା । ତାଙ୍କଠାରୁ ଅଲ୍ଲାଃ ତାଲା ମୁମତାଜ୍ ଅହେମଦ ସାହେବଙ୍କୁ ଦୁଇଜଣ ପୁତ୍ର ଓ ଜଣେ ପୁତ୍ରୀ ପ୍ରଦାନ କରିଛନ୍ତି ।

ତାଙ୍କ ନାତି ଖାଲିଦ୍ ମନସୁର୍ ଲେଖିଛନ୍ତି ଯେ ଆମ ଅଜା ଆମକୁ ସର୍ବଦା ଜମାଅତର ସେବା କରିବା ପାଇଁ□ଉତ୍ସାହିତ କରୁଥିଲେ । ସର୍ବଦା ବାଜମାଅତ୍ ନମାଜର ଗୁରୁତ୍ୱ ବିଷୟରେ ବତାଉଥିଲେ ଓ ପର୍ବତାଉଥିଲେ ।ପୁଣି ସେ କହିଲେ ଯେ -ମୋ ବାପାଙ୍କ ଦେହାନ୍ତ ପରେ ମୋ ଅଜା ମତେ ମୋ ବାପାଙ୍କ ଅଭାବ କେବେ ବି ଅନୁଭବ କରିବାକୁ ଦେଇନାହାନ୍ତି । ମୁଁ ମୋ ଅଜାଙ୍କୁ ସର୍ବଦା ମୋ ସାଙ୍ଗ ଭଳି ପାଇଛି । ମୁଁ ତାଙ୍କୁ ସର୍ବଦା ଜମାତର କାମ କରୁଥିବାର ଦେଖିଛି । ସେ ଜଣେ ଉଦାହରଣୀୟ ବନ୍ଧୁ , ବାପା ଏବଂ ଜମାଅତର ଜଣେ ଉଦାହରଣୀୟ କର୍ମୀ ଥିଲେ । ପ୍ରତ୍ୟେକ ଙ୍କ ସହିତ ପ୍ରେମ,ସ୍ନେହ ଏବଂ ଦୟା ଆଚରଣ କରୁଥିଲେ । ସେ ବହୁତ ସମୟାନୁବର୍ତୀତା ଥିଲେ ଓ ସମୟର ଗୁରୁତ୍ୱ ବିଷୟରେ ବତାଉଥିଲେ ।

ତାଙ୍କ ସହିତ କାମ କରିଥିବା ଜଣେ କର୍ମୀ ସଇଦ୍ ନାସିର୍ ସାହେବ୍ କହୁଛନ୍ତି ଯେ ମୋତେ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ତାଙ୍କ ସହିତ କାମ କରିବାର ସୁଯୋଗ ମିଳିଛି । ସେ ବହୁତ ସ୍ୱଛତାର ସହିତ କାମ କରୁଥିଲେ । ନିଜ କାମ ଶେଷ କରିବା ପରେ ସାଙ୍ଗମାନଙ୍କ କାମରେ ବି ସାହାଯ୍ୟ କରୁଥିଲେ ।

ପୁଣି ଜଣେ ମୁରବୀ ଲୁକମାନ୍ ସାକିବ୍ ସାହେବ୍ କହିଛନ୍ତି ଯେ ମୁଁ ଏହା ଦେଖଛି ଯେ ତାଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ସତ୍ୱେ ବି ନିଜ ଦାୟିତ୍ୱରେ ଥିବା କାର୍ଯ୍ୟକୁ ବହୁତ ସୁନ୍ଦର ଭାବରେ ସମ୍ପାଦନ କରୁଥିଲେ । ଶେଷ ସମୟ ପର୍ଯ୍ୟନ୍ତ ତାଙ୍କ ସ୍ମୃତିଶକ୍ତି ବହୁତ ଭଲ ଥିଲା । କୌଣସି କାମ ପଡିଲେ ଅନେକ ବର୍ଷ ତଳ କଥାକୁ ମନେ ପକାଇ ଦେଉଥିଲେ । ବିନା କାରଣରେ ଗପ କରିବା ତଥା ବେକାର କଥା କହିବା ତାଙ୍କ ସ୍ୱଭାବରେ ନଥିଲା । ନିଜ କାମ ସରିବା ପରେ ଯଦି ସମୟ ମିଳୁଥିଲା ତାହେଲେ ଦଫତର୍ ର ପୁରୁଣା ଫାଇଲ୍ ଖୋଲି ପଢିବା ଆରମ୍ଭ କରିଦେଉଥିଲେ ।

ଡାଃ ସୁଲତାନ୍ ମୁବଶିର୍ ସାହେବ୍ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ ସେ ବହୁତ ବିନମ୍ର ବ୍ୟକ୍ତି ଥିଲେ । ଜଣେ ବରିଷ୍ଠ କର୍ମୀ ହେବା ସତ୍ୱେ ବି ସେ ଯେବେ ଡାକ୍ତରଖାନା ଆସୁଥିଲେ ନିଜ ପାଳିର ଅପେକ୍ଷା କରୁଥିଲେ । କେବେ ବି ଶୀଘ୍ରତା ଦେଖାଉନଥିଲେ । ସେ ଅତ୍ୟନ୍ତ କୃତଜ୍ଞ ଓ ବହୁତ ବିନୟ ବ୍ୟକ୍ତି ଥିଲେ । ତାଙ୍କ ନିକଟରେ ଧୈର୍ଯ୍ୟ ବହୁତ ଥିଲା । ବହୁତ ଦିନ ପର୍ଯ୍ୟନ୍ତ ବେମାର ପଡି କଷ୍ଟ ପାଉଥିବା ସତ୍ୱେ ବି ସେ କେବେ ଅଧୈର୍ଯ୍ୟ ହୋଇନାହାନ୍ତି । ତାଙ୍କ କାର୍ଯ୍ୟାଳୟର କିଛି ଲୋକଙ୍କ ବ୍ୟତୀତ ଅନ୍ୟ ଲୋକମାନଙ୍କ ସହିତ ତାଙ୍କର ସେତେଟା ମିଳାମିଶା ଅଧିକ ନଥିଲା ।

ମୁଁ ତାଙ୍କୁ ସର୍ବଦା ନୀରବ ରହିବାର ଦେଖିଆସିଛି । ତାଙ୍କର ଅଳ୍ପ କିଛି ସଙ୍ଗସାଥି ମାନଙ୍କ ସହିତ ମିଳାମିଶା ତଥା ଦଫତରରୁ ଘର ଓ ଘରୁ ଦଫତର୍ ଯିବା, ଏହା ହିଁ ତାଙ୍କର ନିତିଦିନିଆ କାମ ଥିଲା । କିନ୍ତୁ ନିଜ କାମକୁ ବହୁତ ପରିଶ୍ରମର ସହିତ ସମ୍ପାଦନ କରୁଥିଲେ । ସେ ବହୁତ ନିଷ୍ଠା ଓ ଆନ୍ତରିକତାର ସହିତ ଜୀବନ ବିତାଇଛନ୍ତି ।

ଅଲ୍ଲାଃ ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ଉପରେ ଦୟା କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ବି ତାଙ୍କ ପୂଣ୍ୟ କାର୍ଯ୍ୟକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ତୃତୀୟ ଜନାଯାଃ ହେଉଛି ଅବସର ପ୍ରାପ୍ତ ଶ୍ରୀମାନ କର୍ନଲ୍ ଡ଼ାଃ ଅବ୍‌ଦୁଲ୍ ଖାଲିକ୍ ସାହେବ ପୂର୍ବତନ ଆଡ଼ମିନିଶ୍‌ଷ୍ଟ୍ରେଶନ୍ ଫଜଲ୍ ଉମର ଚିକିତ୍ସାଳୟ ରବୱାଙ୍କର । ୯୭ ବର୍ଷ ବୟସରେ ବିଗତ ଦିନ ତାଙ୍କର ଦେହାନ୍ତ ହୋଇଯାଇଛି । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜିଉନ। ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ ପରିବାରରେ ଅହେମଦିୟତ୍ ତାଙ୍କ ବାପା ମିଆଁ ମୁହମ୍ମଦ୍ ଆଲମଙ୍କ ଜରିଆରେ ଆସିଥିଲା ଯିଏ ୧୯୧୯ ମସିହାରେ ବୟତ୍ କରିଥିଲେ । ଯେବେକି ଡ଼ାଃ ଅବ୍‌ଦୁଲ୍ ଖାଲିକ୍ ସାହେବ ୧୯୩୮ ମସିହାରେ ବୟତ୍ କରିଥିଲେ । ସେ ନିଜ ବୟତ କରିବାର ବିବରଣୀ ବର୍ଣ୍ଣନା କରି କୁହନ୍ତି ଯେ ଆମ ଅବାଜାନ୍ ଅଲଫଜଲ୍ ଖବରକାଗଜ ମଗାଉଥିଲେ । ତାକୁ ଅଧ୍ୟୟନ କରି ଅହେମଦିୟତ୍ ଆଡକୁ ଆଗ୍ରହ ବଢିଲା । ସୁତରାଂ ୧୯୩୮ ମସିହାରେ ଆମେ ତିନି ଜଣ ଭାଇ ଭଉଣୀ ବୟତ କରିନେଲୁଁ । ସେ କୁହନ୍ତି ୧୯୩୯ ମସିହାରେ ଯେଉଁ ଜୁବୁଲି ଜଲସା ହୋଇଥିଲା, ସେଥିରେ ଯୋଗଦେବା ପାଇଁ ମୁଁ ପ୍ରଥମଥର କାଦିୟାନ୍ ଯାଇଥିଲି । ତାଙ୍କର ଦୁଇଜଣ ପୁଅ ଓ ଦୁଇଜଣ ଝିଅ ଅଛନ୍ତି ।

ତାଙ୍କ ପୁଅ ଡାକ୍ତର ଅବଦୁଲ୍ ବାରି ସାହେବ୍ ଜମାଅତ୍ ଅହେମଦୀୟା ଇସଲାମାବାଦ୍ ର ଅମୀର୍ ଅଛନ୍ତି । ୧୯୭୪ ମସିହାରେ ଯେବେ ଭୁଟ ସରକାର୍ ଅହେମଦୀମାନଙ୍କୁ ଅଣମୁସଲିମ୍ ଘୋଷଣା କଲା,ସେତେବେଳେ ଡାକ୍ତର ସାହେବ୍ ସରକାରି ଚକିରିରୁ ଇସ୍ତଫା ଦେଇଥିଲେ ଓ ନୁସରତ୍ ଜାହାଁ ସ୍କିମ୍ ଅନ୍ତର୍ଗତ ସେବାକରିବା ପାଇଁ ନିଜକୁ ଉତ୍ସର୍ଗ କଲେ । ମର୍କଜ ତରଫରୁ ତାଙ୍କୁ ୧୯୭୭ ମସିହାରେ ସିରିଆଲିଓନ୍ ପଠାଗଲା ଯେଉଁଠି ତେଙ୍କୁ ତିନି ବର୍ଷକାଳ ମାନବଜାତିର ସେବା କରିବାର ସୌଭାଗ୍ୟ ମିଳିଲା । ପୁଣି ୧୯୯୨ ମସିହାରେ ପି ଆଇ ଏ ତାସକେଣ୍ଟ୍ ପାଇଁ ଉଡାଜାହଜ ସେବା ଆରମ୍ଭ କଲା, ଡକ୍ତର ସାହେବ ଏହାକୁ ଏକ ଅବସର ଭାବି ତାସକେଣ୍ଟ୍ ରେ ଓ ଉଜବେଗିସ୍ଥାନ୍ ରେ ୱକଫେ ଆରଜି କରିବା ପାଇଁ ଦରଖାସ୍ତ ଦେଲେ । ମର୍କଜ ତାଙ୍କ ଦରଖାସ୍ତ କୁ ମଞ୍ଜୁର କଲା । ସୁତରାଂ ସେ ନିଜ ଛୋଟ ଭଉଣୀ ସହିତ ସମରକନ୍ଦ ଓ ବୁଖାରାରେ ୱକଫେ ଆରଜି କଲେ ଓ ସେହିଦିନଗୁଡିକରେ ମାନବଜାତିର ଖୁବ୍ ସେବା କଲେ । ଅହେମଦୀୟତର ବାର୍ତା ପହଂଚାଇବାର ସୌଭାଗ୍ୟ ତାଙ୍କୁ ମଧ୍ୟ ମିଳିଲା । ୧୯୯୪ ମସିହାରେ ହଜରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ରହେମହୁଲ୍ଲାହା ତାଲା ତାଙ୍କୁ ଫଜଲେ ଉମର୍ ହସପିଟାଲ୍ ରବୁୱାର ଅଡମିନିଷ୍ଟେଟର୍ ନିଯୋଜିତ କଲେ । ସେଠାରେ ସେ ୨୦୦୫ ପର୍ଯ୍ୟନ୍ତ ପ୍ରାୟ ଦଶ ବର୍ଷରୁ ଅଧିକକାଳ ସେବାକାର୍ଯ୍ୟ କରିବାର ସୌଭାଗ୍ୟ ପାଇଲେ । ତାଙ୍କ ସମୟରେ ଫଜଲେ ଉମର୍ ହସପିଟାଲ୍ ରେ ନୂତନ ନିର୍ମାଣ ତଥା ନବୀକରଣ କାର୍ଯ୍ୟର ଅନେକ ଯୋଜନା ପ୍ରସ୍ତୁତ ହୋଇ ସମ୍ପୂର୍ଣ୍ଣ କରାଯାଇଛି । ତାଙ୍କ ସମ୍ବନ୍ଧରେ ବୋଧହୁଏ ଗୋଟିଏ ପିଲା ଏକଥା କହିଛି ଯେ ସେ ଅଶୀ ଏକାଅଶୀ ବର୍ଷରେ ପହଂଚିବା ସତ୍ୱେ ବି ତାଙ୍କ ସେବାମନବୃତି ଯବାନ୍ ଥିଲା କିନ୍ତୁ ତାଙ୍କୁ ଏହା ଅନୁଭବ ହେଉଥିଲା ଯେ ମୁଁ ଏବେ ବୁଢା ହୋଇଗଲିଣି । ସେଥିଯୋଗୁଁ ସେ ୨୦୦୫ମସିହାରେ ଦରଖାସ୍ତ ଦେଲେ ଓ ମତେ କହିଲେ । ସୁତରାଂ ତାଙ୍କର ରିଟାଏଡମେଂଟ୍ ହୋଇଗଲା । ତାପରରେ ସେ ଇସଲାମାବାଦ୍ ରେ ରହିଲେ । ସେଠାରେ ବି ସେ ଲୋକାଲ୍ କାଜି ଭାବେ ସେବାକାର୍ଯ୍ୟ ସମ୍ପାଦନ କରୁଥିଲେ ।

ତାଙ୍କ ବଡ ପୁଅ ଡାକ୍ତର ଅବଦୁଲ୍ ବାରି କହୁଛନ୍ତି ଯେ ମୋ ବାପାଙ୍କୁ ସନ୍ତାନ ମାନଙ୍କର ଧାର୍ମିକ ତଥା ନୈତିକ ପ୍ରଶିକ୍ଷଣ ପ୍ରତି ବହୁତ ଚିନ୍ତା ରହୁଥିଲା । ପବିତ୍ର କୁର୍‌ଆନ୍‌ର ତିଲାୱତ୍ ନିୟମିତ ସକାଳେ ଓ ସଂଧ୍ୟାବେଳେ କରୁଥଲେ । ଏହା ତାଙ୍କର ବହୁତ ପ୍ରିୟ କାର୍ଯ୍ୟ ଥିଲା । ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡିକର ସମାଧାନ ସେ ପବିତ୍ର କୁର୍‌ଆନ୍‌ର ଆଲୋକରେ କରୁଥିଲେ ।

ତାଙ୍କ ଜ୍ୱାଇଁ ଡାକ୍ତର ମୁଜଫର୍ ଅଲୀ ନାସିର୍ , ସେ ମଧ୍ୟ ୱାହ୍ କେଂଟ୍ ଜିଲ୍ଲାର ନାଏବ୍ ଅମୀର୍ ଅଛନ୍ତି । ସେ କହୁଛନ୍ତି ଯେ ମୁଁ କେବେ ବି କାହାକୁ ଦିନତମାମ୍ ଏମିତି ପବିତ୍ର କୁର୍‌ଆନ୍‌ର ତିଲାୱତ୍ କରିବାର ଦେଖିନାହି । ତାଙ୍କୁ ପବିତ୍ର କୁର୍‌ଆନ୍ ସହିତ ବହୁତ ପ୍ରେମ ଥିଲା । ଥରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବାବେଳେ ଜଣେ ଷ୍ଟାଫ୍ ମନଊଣା କରି ଦୁଃଖ ପ୍ରକାଶ କଲେ ଯେ ଏବେ ଆମକୁ କିଏ ପବିତ୍ର କୁର୍‌ଆନ୍ ତିଲାୱତ୍ କରି ଶୁଣାଇବ ? ଶୀତ ହେଉ ବା ଗ୍ରୀଷ୍ମ ତହଜ୍ଜୁଦ୍ ନମାଜ୍ ସେ ନିୟମିତ ପାଠ କରୁଥିଲେ । ଆମ ପାଇଁ ଏହା ତାଙ୍କର ନମୁନା ଥିଲା । ଖିଲାଫତ୍ ତଥା ଜମାଅତ୍ ସହିତ ଗଭୀର ଭଲପାଇବା ଥିଲା । ଜୀବନ ଅତି ସରଳ ଥିଲା, କେବେ ବି କୌଣସି ଆପତି ଅଭିଯୋଗ କରିନାହାନ୍ତି ।

ତାଙ୍କ ଭାଇଙ୍କ ନାତି ଅଙ୍ଗୁସ୍ ସମଦ୍ ରିଜ୍‌ୱି ଲେଖିଛନ୍ତି ଯେ ସେ ଅଲ୍ଲାଙ୍କ ଖାତିର୍ ଓ ତାହାଙ୍କ ପ୍ରସନ୍ନତା ପାଇଁ ସବୁ ଦୁଃଖ କଷ୍ଟ ସହିଯାଉଥିଲେ । ନିଜ ଖୁସିକୁ ହାତଛଡା କରିଦେଉଥିଲେ । ସେ ପୁଣି କହୁଛନ୍ତି ଯେ ତାଙ୍କ ଘରେ ରବ୍‌ୱାରେ ମତେ ଅନେକ ଥର ରହିବାର ସୁଯୋଗ ମିଳିଛି । ମୋ ପାଇଁ ତାଙ୍କର ଅସ୍ତିତ୍ୱ ଜୀବନ୍ତ ଈଶ୍ୱରକୁ ଚିହ୍ନିବାର କାରଣ ସାଜିଛି । ତାଙ୍କ ତହଜ୍ଜୁଦ୍ ନମାଜ୍ ଅନୁପମ ଥିଲା । ଖିଲାଫତ୍ ର ସମ୍ମାନ ଓ ଖିଲାଫତ୍ ସହିତ ଅତ୍ୟନ୍ତ ପ୍ରେମଭାବ ଥିଲା ଯାହା ଆମପାଇଁ ସୁନ୍ଦର ପ୍ରଶିକ୍ଷଣର କାରଣ ହେଲା ।

ଫଜଲେ ଉମର୍ ହସପିଟାଲର ଡାକ୍ତର ଅବଦୁଲ୍ ଖାଲିକ୍ କହୁଛନ୍ତି ଯେ ଡାକ୍ତର ସାହେବ୍ ହସ୍ପିଟାଲର ଯୁବ ଡାକ୍ତରମାନଙ୍କ ସହିତ ପ୍ରେମ ଓ ସ୍ନେହଭରା ବ୍ୟବହାର କରୁଥିଲେ । ସିନିୟର୍ ଡାକ୍ତରମାନଙ୍କୁ କହୁଥିଲେ ଯେ ଜୁନିୟର୍ ଡାକ୍ତରମାନଙ୍କ ଟ୍ରେନିଂ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ହସପିଟାଲର ଧନସମ୍ପତିର ଅତି ସଚ୍ଚୋଟ ଓ ସାଧୁତାର ସହିତ ନିରିକ୍ଷଣ ଓ ସୁରକ୍ଷା କରୁଥିଲେ । ଗରୀବ ଓ ଅସହାୟ ଲୋକମାନଙ୍କୁ ନିଜ ପକେଟରୁ ଖର୍ଚ୍ଚ କରି ସାହାଯ୍ୟ କରୁଥିଲେ ।

ଡାକ୍ତର ମୁହମ୍ମଦ୍ ଅହମଦ୍ ଅଶ୍ରଫ୍ କହୁଛନ୍ତି ଯେ ସେ ବହୁତ ଧୈର୍ଯ୍ୟବାନ୍ ବ୍ୟକ୍ତି ଥିଲେ । ନମ୍ର ଓ ବିନୟସ୍ୱଭାବ ବହୁ ମାତ୍ରାରେ ଥିଲା । ବହୁତ ସ୍ନେହି ଥିଲେ । ଅଧିକ କଥା କୁହନ୍ତି ନାହିଁ କିନ୍ତୁ ବ୍ୟବସ୍ଥାପକ ମାମଲାରେ ଛୋଟ ଛୋଟ କଥା ପ୍ରତି ଗଭୀର ଦୃଷ୍ଟି ଥିଲା । ସିଦ୍ଧାନ୍ତ ଉପରେ ପରିଚାଳିତ ହେବାପାଇଁ ତାଗିଦ୍ କରୁଥିଲେ । ପୁଣି ୱକଫେ ଆରଜି କରିବା ନିମନ୍ତେ ଅନ୍ୟ ଡାକ୍ତରମାନଙ୍କୁ ଅନୁପ୍ରାଣିତ କରୁଥିଲେ ଯେ ଫଜଲେ ଉମର୍ ହସ୍ପିଟାଲ୍ ଆସନ୍ତୁ । ନିଜ ଜ୍ୱାଇଁ ଓ ନିଜ ପୁଅ ମାନଙ୍କୁ ମଧ୍ୟ ଏହା କହୁଥିଲେ ।

ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ଉପରେ ଦୟା କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ବି ତାଙ୍କ ପୂଣ୍ୟ କାର୍ଯ୍ୟକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ହଜୁର୍ ଅନୱରଅ.ବ କହିଲେ ନମାଜ୍ ଜୁମା ପରେ ମୁଁ ଏମାନଙ୍କର ଯନାଜାଃ ନମାଜ୍ ପଢାଇବି ।

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ଅଲ୍ଲାଃଙ୍କ ନବୀଙ୍କ ସମ୍ମାନର ଏହା ବିପରୀତ ଯେ ସେ ଅସ୍ତ୍ରଶସ୍ତ୍ର ଉଠାଇ ପୁଣି ତାହାକୁ ରଖିଦେବେ । ଅତଏବ ଅଲ୍ଲାଃ ତାଲାଙ୍କ ନାମ ଧରି ଚାଲ । ଯଦି ତୁମେମାନେ ଧୈର୍ଯ୍ୟ ଧରିବ ତା'ହେଲେ ବିଶ୍ୱାସ ରଖ ଯେ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗ ତୁମ ସହିତ ନିଶ୍ଚୟ ରହିବ । (ହଦିସ୍)**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

**ମଦିନା ପହଂଚିବା ପରେ ରସୁଲେ୍ କରିମ୍ ସ:ଆ:ସ ସର୍ବପ୍ରଥମେ ମସ୍‌ଜିଦ୍ ନିର୍ମାଣ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କଲେ ।**

**ଇତିହାସରେ ଏହା ଉଲ୍ଲେଖ ରହିଛି ଯେ ଆଁ ହଜରତ ସ:ଆ:ସ ସାହାବାମାନଙ୍କ ମଧ୍ୟରେ ଦୁଇଥର ମୁଆଖାତ୍ ପ୍ରତିଷ୍ଠା କରିଛନ୍ତି । ଥରେ ହିଜ୍‌ରତ୍ ପୂର୍ବରୁ ମକ୍କାରେ ଓ ଦ୍ୱିତୀୟ ଥର ମଦିନାରେ ।**

**ବଦର ଯୁଦ୍ଧ ପାଇଁ ଯାଉଥିବା ବେଳେ ସାହାବାମାନଙ୍କ ନିକଟରେ ସତୁରୀ (୭୦)ଟି ଓଟ ଥିଲା । ତେଣୁ ତିନି ତିନି ଜଣ ଲୋକଙ୍କ ନିମନ୍ତେ ଗୋଟିଏ ଲେଖା ଓଟ ଧାର୍ଯ୍ୟ କରାଯାଇଥିଲା । ପାଳି କରି ସେଥିରେ ଆରୋହଣ କରୁଥିଲେ । ହଜରତ ଅବୁ ବକର ର:ଅ ହଜରତ ଉମର ର:ଅ ଏବଂ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଗୋଟିଏ ଓଟ ଉପରେ ପାଳି କରି ଆରୋହଣ କରୁଥିଲେ ।**

**ହଜରତ ଅବୁ ବକର ର:ଅ ଶିବିରରେ ତରବାରୀ ଧରି ମହାଭାଗ ସ:ଆ:ସଙ୍କ ସୁରକ୍ଷା ନିମନ୍ତେ ଛିଡ଼ା ହୋଇ ରହିଥିଲେ । ''ଏବଂ ମହାଭାଗ ସ:ଆ:ସ ରାତିସାରା ଅଲ୍ଲାଃଙ୍କ ନିକଟରେ ଆକୁଳ ପ୍ରାର୍ଥନା କରୁଥିଲେ । ଉଲ୍ଲେଖ ଅଛି ଯେ ସୈନ୍ୟଦଳର ସମସ୍ତ ସେନା ପାଳି କରି ନିଜର ନିଦ ପୂରଣ କଲେ କିନ୍ତୁ ମହାଭାଗ ସ:ଆ:ସ ରାତିସାରା ଜାଗ୍ରତ ଥିଲେ ।''**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୨୧ ଜାନୁୟାରୀ ୨୦୨୨ ଅନୁଯାୟୀ ୨୧ ସୁଲାହ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ବିଗତ ଖୁତ୍‌ବାଗୁଡ଼ିକରେ ହଜରତ ଅବୁ ବକର୍ ର:ଅଙ୍କ ଚର୍ଚ୍ଚା ଚାଲିଆସୁଅଛି । ମଦିନା ପହଂଚିବା ପରେ ରସୁଲେ୍ କରିମ୍ ସ:ଆ:ସ ସର୍ବପ୍ରଥମେ ମସ୍‌ଜିଦ୍ ନିର୍ମାଣ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କଲେ । ଅତଏବ ସିରତ ଖାତ୍‌ମୁନ୍ ନବିୟୀନ୍‌ରେ ଉଲ୍ଲେଖ ରହିଛି ଯେ ମଦିନା ପହଂଚିବା ପରେ ସର୍ବପ୍ରଥମ କାର୍ଯ୍ୟ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ଥିଲା । ଯେଉଁ ସ୍ଥାନରେ ମହାଭାଗ ସ:ଆ:ସଙ୍କ ଓଟଟି ଆସି ବସି ପଡ଼ିଲା । ତାହା ସେଠାକାର ଦୁଇଜଣ ବାଳକ ସହଲ୍ ଓ ସୁହେଲ୍‌ଙ୍କ ଜମି ଥିଲା । ସୁତରାଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଉକ୍ତ ଜମିକୁ ମସ୍‌ଜିଦ୍ ଓ ନିଜ ପରିଜନଙ୍କ ପାଇଁ ଘର ନିର୍ମାଣ କରିବା ନିମନ୍ତେ ପସନ୍ଦ କଲେ ଏବଂ ଆପଣ ସ:ଆ:ସ ସେହି ଦୁଇଭାଇଙ୍କଠାରୁ ଦଶ ଦୀନାର୍‌ରେ ଉକ୍ତ ଜମିଟିକୁ ଖରିଦ କରିନେଇଥିଲେ । ତାହା ଏକ ନିଛାଟିଆ ସ୍ଥାନ ଥିଲା, ଯାହାର ଗୋଟିଏ ଭାଗରେ ସ୍ଥାନେ ସ୍ଥାନେ ଖଜୁରୀ ଗଛ ଥିଲା ଓ ଦ୍ୱିତୀୟ ଭାଗରେ କିଛି ଧ୍ୱଂସାବିଶେଷ ଇତ୍ୟାଦି ଥିଲା । ତେଣୁ ସେହି ସ୍ଥାନକୁ ସମତଳ କରି ଓ ଗଛପତ୍ରକୁ କାଟି ମସ୍‌ଜିଦ୍ ନବଓ୍ୱି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା । ହଜୁର ସ:ଆ:ସ ସ୍ୱୟଂ ଦୁଆ ପାଠ କରି ଉକ୍ତ ଜମିରେ ମସ୍‌ଜିଦ୍‌ର ମୂଳଦୁଆ ରଖିଲେ ଯେପରି କୁବା ମସ୍‌ଜିଦ୍ ନିର୍ମାଣ ସମୟରେ ସାହାବାମାନେ ମିସ୍ତ୍ରୀ ଓ ମୁଲିଆଙ୍କ ପରି କାର୍ଯ୍ୟ ସମ୍ପାଦନ କରିଥିଲେ ସେହିପରି ଏଠାରେ ମଧ୍ୟ ହଜୁର ସ:ଆ:ସ ସାହାବାମାନଙ୍କ ସହିତ ମିଶି କାର୍ଯ୍ୟ କରିଥିଲେ । (ଉର୍ଦ୍ଧୃତ ସିରତ୍ ଖାତମୁନ୍ ନବିୟିନ୍ ସ:ଆ:ସ, ପୃ-୨୬୯)

ସେଥିଅନ୍ତେ ଆପଣ ହଜରତ ଅବୁବକର ର:ଅଙ୍କୁ କହିଲେ, ନିଜ ପଥର ମୋ ପଥର ସହିତ ରଖ ପୁନଶ୍ଚ ହଜରତ ଉମର ର:ଅଙ୍କୁ କହିଲେ ନିଜ ପଥର ହଜରତ ଅବୁବକର ର:ଅଙ୍କ ପଥର ସହିତ ସଲଗ୍ନ କରି ରଖ ଏବଂ ହଜରତ ଉସ୍‌ମାନ ର:ଅଙ୍କୁ ମଧ୍ୟ କହିଲେ ନିଜ ପଥର ହଜରତ ଉମର ର:ଅଙ୍କ ପଥର ସହିତ ସଲଗ୍ନ କରି ରଖ । (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ବାବ୍ ଅଲ୍‌ହିଜ୍‌ରାଃ, ପୃ-୯୦,... ବେରୁତ ୨୦୦୨)

ମହ୍‌ରମ୍ ସାତ ହିଜ୍‌ରୀରେ ଖୈବର ଯୁଦ୍ଧ ବିଜୟ ପରେ ହଜୁର ସ:ଆ:ସ ମସ୍‌ଜିଦ୍ ନବଓ୍ୱିର ନୂତନ ନିର୍ମାଣ ତଥା ପ୍ରଶସ୍ତିକରଣ କରିବା ନିମନ୍ତେ ଆଦେଶ ଦେଲେ । ଏଥରକ ବି ଆପଣ ସ:ଆ:ସ ନିଜ ସାହାବାମାନଙ୍କ ସହିତ ମିଳିତ ହୋଇ ସ୍ୱୟମ ଏ କାର୍ଯ୍ୟ ସମ୍ପାଦନ କରିଥିଲେ । (ଜୁସ୍‌ତୁଜୁଏ ମଦିନା, ପୃ-୪୪୬, ଓରିଏଟଂଲ ପବ୍ଲିକେଶନ୍‌ସ୍ ପାକିସ୍ତାନ)

ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲା ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ:ଆ:ସ ମଦିନାରେ ଘର ତିଆରି କରିବା ସକାଶେ ଜମି ବଂଟନ କଲେ ସେତେବେଳେ ଆପଣ ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ନିଜ ଘର ନିକଟରେ ଥିବା ଜମିକୁ ପ୍ରଦାନ କରିଥିଲେ ଯଦ୍ୱାରା ହଜରତ ଅବୁବକର ର:ଅ ସେଠାରେ ନିଜ ଓ ନିଜ ପରିବାରବର୍ଗଙ୍କ ପାଇଁ ଘର ନିର୍ମାଣ କରନ୍ତୁ । (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୩........ ବେରୁତ ୧୯୯୬)

ହଜରତ ଅବୁବକର ର:ଅଙ୍କ ମୈତ୍ରିକ ସମ୍ପର୍କ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କ ମୈତ୍ରିକ ସମ୍ପର୍କ ହଜରତ ଖାର୍‌ଜା ବିନ୍ ଜୈଦ୍‌ଙ୍କ ମଧ୍ୟରେ ସ୍ଥାପନ କରିଥିଲେ । (ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୧୯୦.......... ବେରୁତ ୨୦୦୫)

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଉମର ର:ଅଙ୍କ ମଧ୍ୟରେ ହଜରତ ଅବୁବକର ର:ଅଙ୍କର ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୩........ ବେରୁତ ୧୯୯୬)

ଏହି ମୈତ୍ରିକ ସମ୍ପର୍କ ହଜୁର ସ:ଆ:ସ ମକ୍କାରେ ସ୍ଥାପନ କରିଥିଲେ । ଏହି ପ୍ରସଙ୍ଗରେ ବର୍ଣ୍ଣନା ରହିଛି ଯେ, ଅଲାମା ଇବ୍‌ନେ ଅସାକର୍ ଲେଖିଛନ୍ତି ଯେ ମକ୍କାରେ ଆଁ ହଜରତ ସ:ଆ:ସ ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ଆଉ ଯେତେବେଳେ ହଜୁର ମଦିନା ଆଡ଼କୁ ହିଜ୍‌ରତ୍ କରିଗଲେ ମଦିନାରେ ପହଂଚିଲେ ସେତେବେଳେ ଉକ୍ତ ସମସ୍ତ ମୈତ୍ରିକ ସମ୍ପର୍କ ଯାହାକି ମକ୍କାରେ ଆପଣ ସ:ଆ:ସ କରିଥିଲେ, ତାହା ସବୁ ଭାଙ୍ଗି ଦେଇ ନୂତନ ରୂପେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । କେବଳ ଦୁଇଟି ମୈତ୍ରିକ ସମ୍ପର୍କ ବ୍ୟତିତ । ଗୋଟିଏ ଆପଣ ସ:ଆ:ସଙ୍କର ହଜରତ ଅଲୀ ର:ଅଙ୍କ ସହିତ ଥିଲା ଓ ଅନ୍ୟଟି ହଜରତ ହମ୍‌ଜା ର:ଅଙ୍କର ହଜରତ ଜୈଦ୍ ବିନ୍ ହାର୍‌ସା ର:ଅଙ୍କ ସହିତ ଯେଉଁ ମୈତ୍ରିକ ସମ୍ପର୍କ ହୋଇଥିଲା । (ଏହି ଦୁଇଟି ମୈତ୍ରିକ ସମ୍ପର୍କକୁ ଭଙ୍ଗ କରିନଥିଲେ ବରଂ ଅଭ୍ୟାହତ ରଖିଥିଲେ) । (ତାରିଖେ ଦମଶ୍‌କ..... ଖଣ୍ଡ-୧୬, ଭାଗ-୩୨, ପୃ-୬୩.... ବେରୁତ ୨୦୦୧)

ମୁଆଖାତ୍ କେବେ ହୋଇଥିଲା ? ଏ ସମ୍ବନ୍ଧରେ ଇତିହାସରେ ଏ ବର୍ଣ୍ଣନା ମିଳୁଅଛି ଯେ ମୁଆଖାତ୍ ଦୁଇଥର ହୋଇଥିଲା । ଅତଏବ୍ ସହି ବୁଖାରୀର ବ୍ୟାଖ୍ୟାରେ ଅଲ୍ଲାମାଃ କୁସ୍ତୁଲାନୀ ବର୍ଣ୍ଣନା କରିଛନ୍ତି; ମୁସଲମାନମାନଙ୍କ ମଧ୍ୟରେ ଭାତୃଭାବର ସମ୍ପର୍କ ଦୁଇ ଥର ସ୍ଥାପନ ହୋଇଥିଲା । ପ୍ରଥମ ଥର ହିଜରତ୍ (ପ୍ରବାସ) ପୂର୍ବରୁ ହଜୁର ସ:ଆ:ସ ହଜରତ ଅବୁବକରର:ଅ ଓ ହଜରତ ଉମର ର:ଅଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ଯେପରି କି ମୁଁ ଆଲୋଚନା କରି ଆସିଲି ଓ ହଜରତ ହମଜାଃ ର:ଅଙ୍କର ହଜରତ ଜୈଦ ବିନ୍ ହାରସା ର:ଅଙ୍କ ସାଥିରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ହଜରତ ଉସମାନ ର:ଅଙ୍କର ହଜରତ ଅବଦୁର୍ ରହେମାନ୍ ବିନ୍ ଅଓ୍ୱଫ୍ ର:ଅଙ୍କ ସାଥିରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ହଜରତ ଜୁବେର୍ ର:ଅଙ୍କର ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ର:ଅଙ୍କ ସାଥିରେ ଏବଂ ହଜରତ ଅଲୀ ର:ଅଙ୍କର ନିଜ ସାଥିରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ଦ୍ୱିତୀୟ ଥର ହିଜରତ୍ ପରେ ଅର୍ଥାତ ମଦିନାରେ ହଜୁର ସ:ଆ:ସ ହଜରତ ଅନସ୍ ବିନ୍ ମାଲିକ୍ ର:ଅଙ୍କ ଘରେ ୫୦ଜଣ ମୁହାଜିର୍‌ମାନଙ୍କ ସାଥିରେ ୫୦ ଜଣ ଅନସାରମାନଙ୍କ ସହିତ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । (ଇର୍‌ଶାଦୁସ୍ ସାରୀ, ଶରହ୍ ସହୀ ବୁଖାରୀ, ଖଣ୍ଡ-୭, ପୃ-୧୩୩, ହଦିସ୍ ନଂ-୩୯୩୭, ଦାରୁଲ୍ ଫିକର୍ ୨୦୧୦)

ବଦର ଯୁଦ୍ଧ ଏବଂ ହଜରତ ଅବୁ ବକର୍ ର:ଅଙ୍କ ସମ୍ବନ୍ଧରେ ଏ କଥା ମିଳୁଛି ଯେ ବଦର ଯୁଦ୍ଧ ରମ୍‌ଜାନ୍ ମାସ ଦୁଇ ହିଜ୍‌ରୀ ମୁତାବକ ମାର୍ଚ୍ଚ ମାସ ୬୨୩ ମସିହାରେ ହୋଇଥିଲା ।

(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୩୪୯)

ବଦର ଯୁଦ୍ଧରେ ଯୋଗଦେବା ସମୟରେ ସାହାବାଙ୍କ ନିକଟରେ ୭୦ଟି ଓଟ ରହିଥିଲା । ଗୋଟିଏ ଗୋଟିଏ ଓଟ ଉପରେ ତିନି ତିନି ଜଣ ସାହାବାଙ୍କୁ ପାଳି କରି ଆରୋହଣ କରିବା ପାଇଁ ହଜରତ ଅବୁ ବକର ର:ଅ ନିର୍ଦ୍ଦେଶ ଦେଇଥିଲେ । ହଜରତ ଅବୁ ବକର ର:ଅ, ହଜରତ ଉମର ର:ଅ ଏବଂ ହଜରତ ଅବଦୁର୍ ରହେମାନ୍ ବିନ୍ ଅଓ୍ୱଫ୍ ର:ଅଙ୍କ ପାଇଁ ମଧ୍ୟ ଗୋଟିଏ ଓଟ ଯୋଗାଇ ଦିଆଯାଇଥିଲା । ଉକ୍ତ ତିନିଜଣ ସାହାବା ପାଳି ପାଳି କରି ଆରୋହଣ କରୁଥିଲେ ।

(ସିରତୁଲ୍ ହଲ୍‌ବିୟା..... ଖଣ୍ଡ-୨, ପୃ-୨୦୪....... ବେରୁତ ୨୦୦୨)

ହଜୁର ସ:ଆ:ସ ନିଜ ସାହାବାମାନଙ୍କ ସାଥିରେ ଅବୁ ସୁଫିୟାନ୍‌ର ବ୍ୟବସାୟୀ ଦଳ ଯାହାକି ସିରିୟାରୁ ପ୍ରତ୍ୟାବର୍ତନ କରୁଥିଲା, (ତାହାକୁ) ଅଟକାଇବା ପାଇଁ ମଦିନାରୁ ବଦର ଅଭିମୁଖେ ବାହାରି ଥିଲେ । କିନ୍ତୁ ଯେତେବେଳେ ଆପଣଙ୍କୁ ସୂଚନା ମିଳିଲା ଯେ କୁରୈଶ ମକ୍କାର ଗୋଟିଏ ସୈନ୍ୟ ଦଳ ଖୁବ୍ ତୀବ୍ର ବେଗରେ ଉକ୍ତ ବ୍ୟବସାୟୀ ଦଳକୁ ସୁରକ୍ଷା ପ୍ରଦାନ କରିବା ସକାଶେ ଚାଲି ଆସୁଛି । ଏପରି ପରିସ୍ଥିତିରେ ସଠିକ୍ ଉପଦେଶ ସଠିକ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ହଜୁର ସ:ଆ:ସ ନିଜ ସାହାବାଙ୍କୁ ଏକତ୍ରିତ କରିଥିଲେ ଏବଂ ସେମାନଙ୍କଠାରୁ ପରାମର୍ଶ ଲୋଡ଼ିଥିଲେ । ସାହାବାମାନଙ୍କର ଗୋଟିଏ ଦଳ ଏହି ପରାମର୍ଶ ଦେଲେ ଯେ ଶତ୍ରୁକୁ ଛାଡ଼ି ଆମକୁ ବ୍ୟବସାୟୀ ଦଳ ପାଇଁ ଆଗକୁ ଅଗ୍ରସର ହେବା ଉଚିତ୍ । ଏଥିରେ ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳ ପରିବର୍ତିତ ହୋଇଯାଇଥିଲା । ହଜରତ ଅବୁ ଅୟୁବ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଏହି ଆୟତର ଅବତୀର୍ଣ୍ଣ ହେବାର କାରଣ ବି ଏହି ଘଟଣା ଥିଲା ଯେ **କମା ଅଖ୍‌ରଜକା ରବ୍‌ବୁକା ମିମ୍ ବଇତିକା ବିଲ୍ ହକ୍‌କି ଓ୍ୱ ଇନ୍ନା ଫରିକମ୍ ମିନଲ୍ ମୁମିନିନା ଲକାରିହୁନ୍ (ଅଲ୍ ଅନ୍‌ଫାଲ୍:୬)** ଅର୍ଥାତ:- ଯେଉଁଭଳି ତୁମ ପାଳନକର୍ତା ତୁମକୁ ସତ୍ୟତାର ସହିତ ତୁମ ଘରୁ ବାହାର କରି ଆଣିଥିଲେ ଯଦିଓ ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଗୋଟିଏ ଦଳ ଏହାକୁ ଅବଶ୍ୟ ପସନ୍ଦ କରୁନଥିଲା । କିନ୍ତୁ ସେହି ମୁହୂର୍ତରେ ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅ ନିଜ ନିଜର ସାରଗର୍ଭିକ ମନ୍ତବ୍ୟ ରଖିଥିଲେ । ଗୋଟିଏ ବର୍ଣ୍ଣନାରେ ଏପରି ଉଲ୍ଲେଖ ରହିଛି ଯେ ସାହାବାମାନଙ୍କର ଏକ ଦଳ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଆମକୁ ତ ଯୁଦ୍ଧ କରିବା ପ୍ରସଙ୍ଗରେ କହିନଥିଲେ ଯଦ୍ୱାରା ଆମେ ପ୍ରସ୍ତୁତି ମଧ୍ୟ ହୋଇନାହୁଁ ଯଦି କହିଥାନ୍ତେ ତେବେ ଆମେ ନିଶ୍ଚିତ ରୂପେ ସେଥିପାଇଁ ପ୍ରସ୍ତୁତ ହୋଇ ଆସିଥାନ୍ତୁ ଆମେ ତ ବ୍ୟବସାୟୀ ଦଳଙ୍କର ମୁକାବିଲା ପାଇଁ ମନସ୍ଥ କରି ଘରୁ ବାହାରିଲୁ କିନ୍ତୁ ବର୍ତମାନ ଆପଣ ସେମାନଙ୍କ ସୈନ୍ୟଦଳର ମୁକାବିଲା କରିବାକୁ କହୁଛନ୍ତି ତେଣୁ ଏଠାରେ ଉଚିତ ହେବ ଯେ ଆମେ ସୈନ୍ୟଦଳକୁ ଛାଡ଼ି ବ୍ୟବସାୟୀ ଦଳ ପଛରେ ଯିବା ଓ ସୈନ୍ୟଦଳଙ୍କୁ ବାଦ୍ ଦେବା କିନ୍ତୁ ଯେତେବେଳେ ହଜୁର ହଜରତ ଅବୁ ବକର ର:ଅ ଓ ହଜରତ ଉମର ର:ଅଙ୍କ ମନ୍ତବ୍ୟ ଶୁଣିଲେ ତାଙ୍କ ଚିନ୍ତା ଧାରା ଶୁଣିଲେ, ହଜରତ ମିକଦାଦ୍ ର:ଅ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ସେ କହିଲେ, କହିଲେ, ହେ ଅଲ୍ଲାଃଙ୍କ ରସୁଲ ସ:ଆ:ସ ! ଅଲ୍ଲାଃତାଲା ଆପଣଙ୍କୁ ଯେଉଁ ମାର୍ଗ ଆଡ଼କୁ ଟାଣି ନେଉଛନ୍ତି ଆପଣ ତାହା ହିଁ କରନ୍ତୁ । ଅର୍ଥାତ ଅଲ୍ଲାଃଙ୍କ ଆଦେଶ ପାଳନ କରନ୍ତୁ । ଆମେ ଆପଣଙ୍କ ସହିତ ଅଛୁ । ଅଲ୍ଲାଃଙ୍କ ରାଣ ! ଆମେ ଆପଣଙ୍କୁ ସେପରି କହିବୁ ନାହିଁ ଯେପରି ବନି ଇସ୍ରାଇଲ୍ ମୁସା ଆ:ସଙ୍କୁ କହିଥିଲେ କି **ଫଜ୍‌ହବ୍ ଅନ୍‌ତା ଓ୍ୱ ରବ୍‌ବୁକା ଫକାତିଲା ଇନ୍ନା ହାହୁନା କାଏଦୁନା (ଅଲ୍‌ମାଇଦାଃ:୨୫)** ଅର୍ଥାତ:- ଯାଅ ତୁମେ ତୁମର ପାଳନକର୍ତା ଦୁଇଜଣଯାକ ଲଢ଼ । ଆମେ ଏଠାରେ ବସିଅଛୁ । କିନ୍ତୁ ସାହାବାମାନେ କହିଲେ ସେ ପର୍ଯ୍ୟନ୍ତ ଆମେମାନେ ଆପଣଙ୍କ ସାଥିରେ ମିଶି ଯୁଦ୍ଧ କରିବୁ ଯେପର୍ଯ୍ୟନ୍ତ ଆମ ଶରୀରରେ ଜୀବନ ରହିଥିବ । ଅଲ୍ଲାଃଙ୍କ ରାଣ ! ଯିଏ ଆପଣଙ୍କୁ ସତ୍ୟତା ପ୍ରଦାନ କରି ନବୀ ବନାଇ ପ୍ରେରଣ କରିଛନ୍ତି । ଯଦି ଆପଣ ଆମକୁ ବରକୁଲ୍ ଗୁମାଦ୍‌ଠାକୁ ମଧ୍ୟ ନେଇଯିବେ, ତା'ହେଲେ ଆମ୍ଭେ ଆପଣଙ୍କ ସାଥିରେ ତରବାରୀ ଦ୍ୱାରା ଲଢ଼ି ଲଢ଼ି ଚାଲିବୁ । ଆମେ ଆପଣଙ୍କ ପଛରେ ରହି ଖଣ୍ଡା ଦ୍ୱାରା ଲଢି ଚାଲିବୁ । ଏପରିକି ଆମେ ବର୍‌କୁଲ୍ ଗୁମାଦ୍ ଠାରେ ପହଂଚିଯିବୁ । ଏଥିରେ ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳ ଚମକି ଉଠିଲା ଏବଂ ହଜୁର ସ:ଆ:ସ ଏହି କଥା ଶୁଣି ଅତି ଆନନ୍ଦିତ ହୋଇଗଲେ ।

ବର୍‌କୁଲ୍ ଗୁମାଦ୍ ମକ୍କାଠାରୁ ୫ ରାତ୍ରର ଦୁରତାରେ ଅବସ୍ଥିତ ଏକ ସହର ଥିଲା ତାହା ସମୁଦ୍ର ଉପକୂଳରେ ଅବସ୍ଥିତ ଥିଲା ସେଠାରେ ପହଂଚିଯିବୁ । ସେ ଯାହା ହେଉ ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ପବିତ୍ର ଚେହେରାକୁ ଦେଖିଲି, ତାହା ଏକାରେ ଚମକି ଉଠିଲା ଓ ଆପଣ ସ:ଆ:ସ ବହୁତ ଖୁସି ହୋଇଗଲେ । (ସିରତୁଲ୍ ହଲ୍‌ବିୟା..... ଖଣ୍ଡ-୨, ପୃ-୨୦୫-୨୦୬...... ବେରୁତ ୨୦୦୨) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୧, ପୃ-୪୭୫.... ବେରୁତ)

ପୁନଶ୍ଚ ହଜୁର ସ:ଆ:ସ ଜଫ୍‌ରାନ୍‌ଠାରୁ ପ୍ରସ୍ଥାନ କଲେ ଏବଂ ବଦର ନିକଟରେ ଶିବିର ଲଗାଇଲେ ସେଥିଅନ୍ତେ ହଜୁର ସ:ଆ:ସ ଓ ଆପଣଙ୍କର ଜଣେ ସାହାବା ବାହନ ଉପରେ ଆରୋହଣ କଲେ ଇବ୍‌ନେ ହୁଶାମ୍‌ଙ୍କ କହିବା ଅନୁଯାୟୀ ସେହି ସାହାବାଜଣକ ହଜରତ ଅବୁ ବକର ର:ଅ ଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସେହି ସାହାବାଜଣକ ହଜରତ ଅବୁ ବକର ର:ଅଙ୍କ ପରିବର୍ତେ ହଜରତ କତାଦା ବିନ୍ ନୁମାନ୍ ଅବା ହଜରତ ମାଆଜ୍ ବିନ୍ ଜବଲ୍ ର:ଅ ଥିଲେ । ଏପରି କି ହଜୁର ସ:ଆ:ସ ଆରବର ଜଣେ ବୃଦ୍ଧ ବ୍ୟକ୍ତି ନିକଟରେ ଅଟକିଲେ ଏବଂ ତାଙ୍କୁ କୁରୈଶ୍ ପ୍ରସଙ୍ଗରେ ଓ ହଜୁର ସ:ଆ:ସ ତଥା ଆପଣଙ୍କ ସାଥିମାନଙ୍କ ପ୍ରସଙ୍ଗରେ ପ୍ରଶ୍ନ କଲେ ଯେ ସେମାନଙ୍କ ବିଷୟରେ କିଛି ଜାଣିଛ କି ? (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍, ପୃ-୪୨୧..... ବେରୁତ ୨୦୦୧) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୨୦୭.... ବେରୁତ ୨୦୦୨)

ଯେତେବେଳେ ବଦର ରଣଭୂମିରେ ସଭିଏଁ ଏକତ୍ରିତ ହେଲେ ସେତେବେଳେ ହଜୁର ସ:ଆ:ସଙ୍କ ପାଇଁ ଏକ ଶିବିର ତିଆରି କରାଗଲା ସେଥିସଂକ୍ରାନ୍ତରେ ଉଲ୍ଲେଖ ରହିଛି ସାଆଦ୍ ବିନ୍ ମାଆଜ୍‌ଙ୍କ ପରାମର୍ଶ କ୍ରମେ ସାହାବାଗଣ ପଡ଼ିଆର ଗୋଟିଏ ଭାଗରେ ହଜୁର ସ:ଆ:ସଙ୍କ ପାଇଁ ଏକ ଶିବିର ତିଆରି କଲେ ଏବଂ ହଜରତ ସାଆଦ୍ ହଜୁର ସ:ଆ:ସଙ୍କ ବାହନକୁ ସେଠାରେ ବାନ୍ଧିଦେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଏଠାରେ ଛାଇରେ ବସନ୍ତୁ, ଆମେ ଅଲ୍ଲାଃଙ୍କ ନାମ ନେଇ ଶତ୍ରୁର ମୁକାବିଲା କରୁଅଛି...... ଏବଂ ସାଆଦ୍ ଓ ଅନ୍ୟ ଅନ୍‌ସାର୍ ସାହାବାଗଣ ସେଠାରେ ପହରା ଦେବାପାଇଁ ଛିଡ଼ା ହୋଇଗଲେ ହଜୁର ସ:ଆ:ସଙ୍କ ଶିବିର ଚର୍ତୁପ୍ରାର୍ଶ୍ୱରେ । ହଜୁର ସ:ଆ:ସ ଓ ହଜରତ ଅବୁ ବକର ର:ଅ ସେହି ଶିବିରରେ ରାତ୍ରି ଯାପନ କଲେ ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଅବୁ ବକର ର:ଅ ମୁକୁଳା ଖଣ୍ଡା ଧରି ହଜୁର ସ:ଆ:ସଙ୍କ ନିକଟରେ ସୁରକ୍ଷା ଦାୟିତ୍ୱରେ ମୃତୟନ ହୋଇଥିଲେ ଏବଂ ଆଁ ହଜରତ ସ:ଆ:ସ ରାତି ତମାମ୍ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରି ଚାଲିଲେ । ଉଲ୍ଲେଖ ଅଛି ଯେ ପୁରା ସୈନ୍ୟଦଳରେ କେବଳ ଆପଣ ସ:ଆ:ସ ହିଁ ଥିଲେ ଯିଏ ରାତିସାରା ଜାଗ୍ରତ ଥିଲେ । ବାକି ସମସ୍ତେ ପାଳି କରି ନିଜ ନିଜର ନିଦ ପୂରଣ କରିଥିଲେ । (ସିରତୁନ୍ ଖାତମୁନ୍ ନବିୟିନ୍, ପୃ-୩୫୭) (ସୁବୁଲୁଲ୍ ହୁଦା, ଖଣ୍ଡ-୧୧, ପୃ-୩୯୮...... ବେରୁତ ୧୯୯୩)

ହଜରତ ଅବୁ ବକର ର:ଅଙ୍କ ବିରତ୍ୱ ପ୍ରସଙ୍ଗରେ ହଜରତ ଅଲୀ ର:ଅଙ୍କ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ ହଜରତ ଅଲୀ ର:ଅ ଏକଦା କହିଲେ ସାହାବାମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ବୀର ଓ ସାହାସୀ ହଜରତ ଅବୁ ବକର ର:ଅ ଥିଲେ । ବଦର ଯୁଦ୍ଧ ଦିନ ଆମେ ହଜୁର ସ:ଆ:ସଙ୍କ ଶିବିର ତିଆରି କଲୁ ଏବଂ କହିଲୁ ଏବେ ହଜୁର ସ:ଆ:ସଙ୍କ ସୁରକ୍ଷା ଦାୟିତ୍ୱରେ କିଏ ମୃତୟନ ରହିବ ? ଯଦ୍ୱାରା କୌଣସି ଅମାନ୍ୟକାରୀ ଆପଣ ସ:ଆ:ସଙ୍କର ତିଳେମାତ୍ରା ଅନିଷ୍ଟ କରିପାରିବ ନାହିଁ । ଅଲ୍ଲାଃଙ୍କ ରାଣ ! ସେତେବେଳେ ଆମମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଏହି ଗୁରୁଦାୟିତ୍ୱକୁ ବହନ କରିବାକୁ ପାଦ ବଢ଼ାଇଲେ ନାହିଁ । କିନ୍ତୁ ହଜରତ ଅବୁ ବକର ର:ଅ ନିଜ ଖଣ୍ଡା ଧରି ହଜୁର ସ:ଆ:ସଙ୍କ ନିକଟରେ ଛିଡ଼ା ହୋଇଗଲେ । ସେଥିଅନ୍ତେ ବେଶ୍ ଦାମ୍ଭିକତାର ସହିତ କହିଲେ; ହଜୁର ସ:ଆ:ସଙ୍କୁ କେହି ଜଣେ ହେଲେ ଅମାନ୍ୟକାରୀ ସ୍ପର୍ଶ କରିପାରିବ ନାହିଁ ଯେପର୍ଯ୍ୟନ୍ତ ସେ ମୋ ସହିତ ମୁକାବିଲା ନ କରିଛି ଅର୍ଥାତ ମୋ ସହିତ ଯୁଦ୍ଧ ନ କରିଛି । (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୨୧୪...... ବେରୁତ ୨୦୦୨)

ହଜରତ ମୁସଲେହ ମଉଦ ର:ଅ ଏହି ପରିପ୍ରେକ୍ଷୀରେ କୁହନ୍ତି; ହଜରତ ଅଲୀ ର:ଅ ଥରେ କହିଲେ ଯେ ସାହାବାମାନଙ୍କ ମଧରେ ସବୁଠାରୁ ସାହସୀ ବ୍ୟକ୍ତି ହଜରତ ଅବୁ ବକର୍ ର:ଅ ଥିଲେ । ବଦର ଯୁଦ୍ଧ ଦିନ ଯେତେବେଳେ ହଜୁର ସ:ଆ:ସଙ୍କ ସକାଶେ ଏକ ଶିବିର ତିଆରୀ କରାଗଲା ସେତେବେଳର ଅତି ସଂଙ୍କଟାପର୍ଣ୍ଣ ଓ ଜଟିଳ ମୁହୂର୍ତରେ ହଜୁର ସ:ଆ:ସଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ହଜରତ ଅବୁବକର ର:ଅ ନିଜ ଖଣ୍ଡା ଧରି ଅତି ବୀରତ୍ୱର ସହିତ ଛିଡ଼ା ହୋଇଗଲେ **। (ତଫ୍‌ସୀର୍ କବିର୍, ଖଣ୍ଡ-୭, ପୃ-୩୬୪-୩୬୫) ସେହିଦିନ ସାରା ରାତି ହଜୁର ସ:ଆ:ସ ନିଜ ପ୍ରଭୁଙ୍କ ଶରଣେ ଅତି ଆତୁରତାର ସହିତ ଦୁଆ ପ୍ରାର୍ଥନା କରିବାରେ ନିମର୍ଜିତ ରହିଥିଲେ ।** ସମ୍ପୂର୍ଣ୍ଣ ସେନା ବାହିନୀରେ କେବଳ ଆପଣ ଏକାକୀ ହିଁ ଥିଲେ ଯେ ସାରା ରାତି ଜାଗ୍ରତ ଅବସ୍ଥାରେ ଅତିବାହିତ କରିଥିଲେ ।

ହଜରତ ଇବ୍‌ନେ ଅବ୍‌ବାସ୍ ର:ଅ ବର୍ଣ୍ଣନା କରନ୍ତି; ହଜୁର ସ:ଆ:ସ ବଦର ଯୁଦ୍ଧ ଦିନ ଏକ ବଡ଼ ଶିବିରରେ ରହିଥିଲେ ଆପଣ ଏହି ଦୁଆ କରୁଥିଲେ **ଅଲ୍ଲାହୁମ୍ମା ଇନ୍ନି ଅନ୍‌ଶୁଦୁକା ଅ୍ଦକା ଓ୍ୱ ଓ୍ୱାଦକା, ଅଲ୍ଲାହୁମ୍ମା ଇନ୍ନ ଶିଇତା ଲମ୍‌ତୁବଦ୍ ବାଦଲ୍ ୟୋମେ ।** ଅର୍ଥାତ:- ହେ ମୋ ପ୍ରଭୁ ! ମୁଁ ତୁମକୁ ତୁମର ପ୍ରତିଜ୍ଞା ଓ ଶପଥର ରାଣ ଦେଇ କହୁଛି ହେ ମୋ ପାଳନକର୍ତା ! ଯଦି ତୁମେ ମୁସଲମାନମାନଙ୍କର ଅମଙ୍ଗଳ କାମନା କରୁଛ ତେବେ ଆଜି ପରଠାରୁ ତୁମ ଉପାସନାକାରୀ ସମଗ୍ର ଭୁପୃଷ୍ଠରେ କେହି ବାକି ରହିବେ ନାହିଁ । ଇତି ମଧ୍ୟରେ ହଜରତ ଅବୁ ବକର ର:ଅ ଆପଣଙ୍କ ହାତ ଧରି ନେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ବାଶ୍ କରନ୍ତୁ ସେତିକି କରନ୍ତୁ ଆପଣ ନିଜ ପ୍ରଭୁଙ୍କୁ ଦୁଆ ମାଗିବାରେ ଅତିସୟତା ଅବଲମ୍ବନ କରିଛନ୍ତି ଏବଂ ଯୁଦ୍ଧ କବଚ ପରିଧାନ କରି ଏଭଳି କଷ୍ଟ ସହ୍ୟ କରନ୍ତୁ ନାହିଁ । ଆପଣ ସ:ଆ:ସ ନିଜ ଶିବିରରୁ ବାହାରିବା ସମୟରେ ଏହା ପାଠ କରୁଥିଲେ **ସୟୁହ୍‌ଜମୁଲ୍ ଜମ୍‌ଉ ଓ୍ୱ ୟୁଅଲ୍ଲୁନଦ୍ ଦୁବୁରା ବଲିସ୍ ସାଅତୁ ମୌଇଦୁହୁମ୍ ଓ୍ୱସ୍‌ସାଅତୁ ଅଦ୍‌ହା ଓ୍ୱ ଅମର୍‌ରୁ** (ଅଲ୍‌କମର୍: ୪୬-୪୭) ଅର୍ଥାତ ଖୁବ୍ ଶିଘ୍ର ଏ ସଭିଏଁ ପରାସ୍ତ ହୋଇ ପଳାୟନ କରିବେ ଏବଂ ଏହା ସେହି ଘଡ଼ି ଯାହାକୁ ନେଇ ସେମାନଙ୍କୁ ଭୟଭୀତ କରାଯାଉଥିଲା ଅର୍ଥାତ ଅମାନ୍ୟକାରୀଙ୍କୁ ଏହି ଘଡ଼ି ଅତ୍ୟନ୍ତ କଠିନ ଓ ଘଡ଼ିସନ୍ଧି ମୁହୁର୍ତ ଥିଲା । (ସହି ବୁଖାରୀ, କିତାବୁଲ୍ ଜିହାଦ୍....... ହଦିସ୍ ନଂ-୨୯୧୫)

ହଜରତ ଅବଦୁଲ୍ଲାଃ ବିନ୍ ଅବବାସ୍‌ର:ଅ କୁହନ୍ତି; ଯେ ହଜରତ ଉମର୍ ବିନ୍ ଖତାବ୍ ମତେ କହିଛନ୍ତି ଯେ ବଦର ଯୁଦ୍ଧ ଦିନ ୧୦୦୦ ଅମାନ୍ୟକାରୀଙ୍କ ମୁକାବିଲାରେ ମାତ୍ର ୩୧୯ ଜଣ ସାହାବାଙ୍କୁ ଦେଖି ହଜୁର ସ:ଆ:ସ କିବ୍‌ଲା ଆଡ଼କୁ ବୁଲି ପଡ଼ିଲେ ଏବଂ ନିଜର ଦୁଇ ହସ୍ତ ପ୍ରସାରିତ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

କରି ନିଜ ସୃଷ୍ଟିକର୍ତ୍ତାଙ୍କ ସମକ୍ଷରେ ବାରମ୍ବାର ଦୁଆ କରୁଥିଲେ, **ଅଲ୍ଲାହୁମ୍ମା ଅନ୍‌ଜିଜ୍ ଲି ମା ଓ୍ୱଅତ୍‌ତନି ଅଲ୍ଲାହୁମ୍ମା ଆତି ମା ଓ୍ୱ ଅତ୍‌ତନି ଅଲ୍ଲାହୁମ୍ମା ଇନ୍ ତୁହ୍‌ଲିକ୍ ହାଜିହିଲ୍ ଅସାବତା ମିନ୍ ଅହ୍‌ଲିଲ୍ ଇସ୍‌ଲାମି ଲା ତୁବଦ୍ ଫିଲ୍ ଅର୍‌ଜ** ଅର୍ଥାତ:- ହେ ଅଲ୍ଲାଃ ! ତୁମେ ମୋ ସହିତ ଯେଉଁ ଅଙ୍ଗୀକାର କରିଅଛ ତାହା ପୂରଣ କରିଦିଅ । ଆଜି ଯଦି ତୁମେ ମୁସଲମାନମାନଙ୍କ ଏହି ଦଳକୁ ନଷ୍ଟ କରିଦିଅ ତେବେ ଭୂପୃଷ୍ଠରେ ଆଉ କେହି ତୁମର ଉପାସନା କରିବେ ନାହିଁ । ଏଥିରେ ହଜରତ ଅବୁବକର ର:ଅ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆପଣ ନିଜ ପ୍ରଭୁଙ୍କ ନିକଟରେ ଯେଉଁ ଆକୁଳ ଦୁଆ (ପ୍ରାର୍ଥନା) କରୁଛନ୍ତି, ତାହା ଯଥେଷ୍ଟ । ଏଥିରେ ଅଲ୍ଲାଃତାଲା ଏହି ଆୟତ ଅବତୀର୍ଣ୍ଣ କଲେ: ଓ୍ୱ ଇଜ୍ ତସ୍‌ତଗିସୁନା ରବ୍‌ବକୁମ୍ ଫସ୍‌ତଜାବଲକୁମ୍ ଅନ୍ନି ମୁମିଦ୍‌ଦୁକୁମ୍ ବିଅଲ୍‌ଫିମ୍ ମିନଲ୍ ମଲାଇକତି ମୁର୍‌ଦିଫିନ୍ (ଅନ୍‌ଫାଲ୍ ୯) ଅର୍ଥାତ (ଏବଂ ସେହି ସମୟକୁ ମଧ୍ୟ ସ୍ମରଣ କର) ଯେତେବେଳେ ତୁମେମାନେ ନିଜ ପାଳନକର୍ତ୍ତାଙ୍କର ସାହାଯ୍ୟ ଭିକ୍ଷା କରୁଥିଲ, ସେତେବେଳେ ସେ ତୁମମାନଙ୍କର ପ୍ରାର୍ଥନାକୁ ଗ୍ରହଣ କରି କହିଥିଲେ, "ଆମ୍ଭେ ତୁମମାନଙ୍କୁ ଏକ ସହସ୍ର ଦେବଦୂତଙ୍କ ମାଧ୍ୟମରେ ସାହାଯ୍ୟ କରିବୁ, ଯେଉଁମାନଙ୍କ ସୈନ୍ୟ ଦଳର ଉତରୋତର ବୃଦ୍ଧି ହେଉଥିବ । ସୁତରାଂ ଅଲ୍ଲାଃ ତାଲା ଫରିସ୍ତାମାନଙ୍କ ଜରିଆରେ ଆପଣ ସ:ଆ:ସଙ୍କୁ ସାହାଯ୍ୟ କଲେ ।

(ସହି ମୁସ୍‌ଲିମ୍..... ହଦିସ୍ ନଂ-୪୫୮୮)

ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ବଦର ଯୁଦ୍ଧ ଘଟଣା ଚକ୍ର ସମ୍ପର୍କରେ ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ସାହାବାଙ୍କୁ ସମ୍ବୋଧନ କରି କହିଲେ ଅମାନ୍ୟକାରୀଙ୍କ ସୈନ୍ୟଦଳ ମଧ୍ୟରେ କେତେକ ଏପରି ମଧ୍ୟ ସାମିଲ ଅଛନ୍ତି ଯେଉଁମାନେ ସ୍ୱଇଚ୍ଛାରେ ଏହି ଯୁଦ୍ଧରେ ସାମିଲ ହୋଇନାହାନ୍ତି ବରଂ କୁରୈଶ୍ ଅମାନ୍ୟକାରୀ ସର୍ଦ୍ଦାରଙ୍କ ଚାପ ଯୋଗୁଁ ସେମାନେ ଏହି ଯୁଦ୍ଧରେ ସାମିଲ ହୋଇଛନ୍ତି, ସେମାନେ ହୃଦୟରୁ ଆମମାନଙ୍କର ବିରୋଧି ନୁହନ୍ତି । ସେପରି କେତେକ ଏପରି ଲୋକ ମଧ୍ୟ ଅଛନ୍ତି ଯିଏ ମକ୍କାରେ ଆମ ଅସୁବିଧା ସମୟରେ ଆମ ସହିତ ସମ୍ବେଦନ ଶୀଳ ଓ ସମବେଦନା ଆଚରଣ ପ୍ରଦର୍ଶନ କରିଥିଲେ । ବର୍ତମାନ ଆମର କର୍ତବ୍ୟ ଯେ ସେମାନଙ୍କର ସେହି ଦୟା ଆଚରଣର ପ୍ରତିଫଳ ସ୍ୱରୁପ ସେମାନଙ୍କ ସହ ନମ୍ର ଆଚରଣ ପ୍ରଦର୍ଶନ କରାଯାଉ । ସୁତରାଂ ଯଦି ଏପରି ଲୋକଙ୍କୁ କୌଣସି ମୁସଲମାନ ମୁକାବିଲା କରି ଧରାଶାୟୀ କରିଦିଏ ତେବେ ତାହାକୁ କୌଣସି ପ୍ରକାର କ୍ଷତି ପହଂଚାଇବା ଉଚିତ ନୁହେଁ । ସେହି ଅବସରରେ ବିଶେଷ ରୂପେ ଆପଣ ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ ମୁତଲବି ର:ଅ ଯିଏ କି ଆପଣ ସ:ଆ:ସଙ୍କ ଚଚା ଥିଲେ । ଅବ୍‌ଦୁଲ୍ ବକ୍‌ତରି ନାମକ ଜଣେ ବ୍ୟକ୍ତିଙ୍କର ନାମ ନେଇଥିଲେ ଯାହାଙ୍କୁ ହତ୍ୟା କରିବାକୁ ଆପଣ ସ:ଆ:ସ ବାରଣ ମୁସଲମାନମାନଙ୍କୁ କରିଥିଲେ କିନ୍ତୁ ପରିସ୍ଥିତି ଏଭଳି ରୂପ ନେଇଥିଲା ଯେ ଅବୁ ବକ୍‌ତରି ନୀହତ ହେବାରୁ ବର୍ତି ପାରିନଥିଲେ ଯଦିଚ ତାହାର ପ୍ରାଣ ବାୟୁ ଉଡ଼ିଯିବା ପୂର୍ବରୁ ତାଙ୍କୁ ଜ୍ଞାତ ହୋଇଯାଇଥିଲା ଯେ ହଜୁର ସ:ଆ:ସ ତାଙ୍କୁ ହତ୍ୟା ନ କରିବାକୁ ସାହାବାମାନଙ୍କୁ ଆଦେଶ ଦେଇଥିଲେ । ସାହାବାମାନଙ୍କୁ ଉଦ୍‌ବୋଧନ ଦେବା ପରେ ହଜୁର ସ:ଆ:ସ ପୁନଶ୍ଚ ଶିବିର ମଧ୍ୟକୁ ପ୍ରବେଶ କରିଗଲେ ଏବଂ ଦୁଆରେ ନିମର୍ଜିତ ହୋଇଗଲେ । ହଜରତ ଅବୁ ବକର ର:ଅ ମଧ ଆପଣଙ୍କ ସାଥିରେ ଥିଲେ ଏବଂ ଆପଣଙ୍କ ଆଖପାଖରେ ଅନ୍‌ସାର୍‌ମାନଙ୍କର ଗୋଟିଏ ଦଳ ସାଆଦ୍ ବିନ୍ ମାଆଜ୍‌ଙ୍କ ଅଧକ୍ଷତାରେ ପ୍ରହରା ଦେଉଥିଲେ । କିଛି କ୍ଷଣ ପରେ ମଇଦାନରେ ଏକ ସ୍ୱର ଗୁଞ୍ଜରିତ ହେଲା ଏବଂ ଜଣାଗଲା ଯେ ଅମାନ୍ୟକାରୀମାନେ ଆକ୍ରମଣ କରିଦେଇଛନ୍ତି । ସେତେବେଳେ ହଜୁର ସ:ଆ:ସ ଅତି ଆତୁରତାର ସହିତ ନିଜ ପ୍ରଭୁଙ୍କ ସମ୍ମୁଖରେ ହସ୍ତ ପ୍ରସାରିତ କରି ଦୁଆ ମାଗିବା ଆରମ୍ଭ କରିଦେଲେ ଯେ:- **ଅଲ୍ଲାହୁମ୍ମା ଇନ୍ନି ଅନ୍‌ଶୁଦୁକା ଅହ୍‌ଦକା ଓ୍ୱ ଓ୍ୱାଦକା ଅଲ୍ଲାହୁମ୍ମା ଇନ୍‌ତୁହ୍‌ଲିକ୍ ହାଜିହିଲ୍ ଅସାବାଃ ମିନ୍ ଅହ୍‌ଲିଲ୍ ଇସ୍‌ଲାମିଲା ତୁବଦ୍ ଫିଲ୍ ଅର୍‌ଜି ।** ଅର୍ଥାତ ହେ ପ୍ରଭୁ ! ନିଜ ପ୍ରତିଶୃତି ପୂରଣ କର ହେ ମୋ ମାଲିକ ଯଦି ଆଜି ମୁସଲମାନମାନଙ୍କର ନିରୀହ ଦଳଟି ଏଠାରେ ନୀପାତ ହୋଇଯାଏ ତେବେ ସମଗ୍ର ସଂସାରରେ ତୁମ ଉପାସନାକାରୀ କେହି ବର୍ତି ରହିବେ ନାହିଁ । ସେତେବେଳେ ଆପଣ ସ:ଆ:ସ ଏଭଳି ବେଦନାରେ ଛଟପଟ ହେଉଥିଲେ ଯେ, କେତେବେଳେ ଆପଣ ସଜ୍‌ଦାରେ ପଡ଼ିଯାଉଥିଲେ ତ କେତେବେଳେ ଛିଡ଼ା ହୋଇ ପ୍ରଭୁଙ୍କ ସମ୍ମୁଖରେ ଦୁଆ (ପ୍ରାର୍ଥନା) କରୁଥିଲେ ଏବଂ ଆପଣ ସ:ଆ:ସଙ୍କର ଚଦର ଆପଣଙ୍କ କାନ୍ଧରୁ ଖସି ପଡୁଥିଲା ଯାହାକୁ ହଜରତ ଅବୁ ବକର ର:ଅ ଉଠାଇ ଉଠାଇ ଆପଣଙ୍କ କାନ୍ଧରେ ରଖୁଥିଲେ । ହଜରତ ଅଲୀ ର:ଅ କୁହନ୍ତି; ଲଢ଼ିବା ସମୟରେ ମତେ ହଜୁର ସ:ଆ:ସଙ୍କ କଥା ମନେପଡ଼ିଯାଉଥିଲା ତେଣୁ ମୁଁ ଦଉଡ଼ି ଆସୁଥିଲି ଏବଂ ଆପଣଙ୍କୁ ଦେଖିବା ପାଇଁ ଆପଣଙ୍କ ନିକଟକୁ ଚାଲିଆସୁଥିଲି କିନ୍ତୁ ଯେତେଥର ମୁଁ ଆସି ଆପଣଙ୍କ ନିକଟରେ ପହଂଚୁଥିଲି ଆପଣଙ୍କୁ କେତେବେଳେ ଭୂମିଷ୍ଠ ପ୍ରଣିପାତ ଅବସ୍ଥାରେ ଦେଖୁଥିଲି ତ ଆଉ କେତେବେଳେ ଆପଣଙ୍କୁ ନିଜ ହସ୍ତ ପ୍ରସାରିତ କରି ପ୍ରଭୁଙ୍କ ଶରଣେ ଦୁଆ (ପ୍ରାର୍ଥନା) କରୁଥିବାର ଦେଖୁଥିଲି । ଆପଣ ଏହି ଦୁଆ କରୁଥିଲେ: **ୟା ହୟୁ ୟା କୟୁମୁ ! ୟା ହୟୁ କୟିମୁ !** ଅର୍ଥାତ ହେ ଚୀରଞ୍ଜିବି ପ୍ରଭୁ ! ଆମକୁ ରକ୍ଷା କର ଆମକୁ ରକ୍ଷା କର । ଆପଣଙ୍କର ଏହି ଅବସ୍ଥା ଦେଖି ହଜରତ ଅବୁ ବକର ର:ଅ ବିଚଳିତ ହୋଇ କହି ଉଠୁଥିଲେ ହେ ଅଲ୍ଲାଃଙ୍କ ରସୁଲ୍ ମୋ ପିତାମାତା ଆପଣଙ୍କ ପାଇଁ ଉତ୍ସର୍ଗ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ଅଲ୍ଲାଃ ତାଲା ନିଜର ପ୍ରତିଜ୍ଞା ନିଜର ଅଙ୍ଗୀକାର ନିଶ୍ଚିତ ପୂରଣ କରିବେ ଏହି ଲୋକ କଥା ମୁତାବକ ଯେ, **ହର୍‌କେ ଆରିଫ୍ ତର୍ ଅସ୍‌ତ ତର୍‌ସାଁତର୍** ଅର୍ଥାତ ଯେ ଯେତେମାତ୍ରାରେ ଈଶ୍ୱରଙ୍କୁ ଚିହ୍ନିଥାଏ ସେ ସେହିଭଳି ପ୍ରଭୁଙ୍କୁ ଭୟ କରିଥାଏ କିନ୍ତୁ ହଜୁର ସ:ଆ:ସ ବରାବର୍ ଦୁଆ କରି ଚାଲିଥିଲେ ।

(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୩୬୦-୩୬୧)

ପୁଣି ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରିଛନ୍ତି: ବଦର ଯୁଦ୍ଧ ଦିନ ହଜୁର ସ:ଆ:ସଙ୍କ ଦ୍ୱାରା ଯାହା ପ୍ରକାଶ ପାଇଥିଲା ତାହା ମଧ ସତ୍ୟାନୁସନ୍ଧିସୁଙ୍କ ପାଇଁ ସତ୍‌ପଥ ପ୍ରାପ୍ତି ନିମନ୍ତେ ଯଥେଷ୍ଟ ଥିଲା । ଏଥିରୁ ଜଣାପଡୁଛି ଯେ ଆପଣ ସ:ଆ:ସଙ୍କ ହୃଦୟରେ ଅଲ୍ଲାଃ ତାଲାଙ୍କର କିଭଳି ଭୟ ଭରି ରହିଥିଲା । ବଦର ଯୁଦ୍ଧରେ ଯେତେବେଳେ ଶତ୍ରୁର ମୁକାବିଲା ନିମନ୍ତେ ନିଜ ଉତ୍ସର୍ଗୀ ସାହାବାମାନଙ୍କୁ ନେଇ ଆପଣ ସ:ଆ:ସ ପ୍ରସ୍ତୁତ ହୋଇ ରଣ କ୍ଷେତ୍ରକୁ, ବାହାରି ପଡ଼ିଲେ ସେଠାରେ ପ୍ରଭୁଙ୍କ ନିଦର୍ଶନ ସ୍ପଷ୍ଟ ରୂପେ ପ୍ରତିପାଦିତ ହେଉଥିଲା । କାରଣ ଅମାନ୍ୟକାରୀମାନେ ଉତମ ସ୍ଥାନରେ ନିଜର ଶିବିର ଜମାଇ ରଖିଥିଲେ ଅପରପକ୍ଷେ ମୁସଲମାନମାନଙ୍କ ସକାଶେ ଏକ ବାଲୁକା ପୂର୍ଣ୍ଣ ସ୍ଥାନକୁ ଛାଡ଼ି ଦେଇଥିଲେ କିନ୍ତୁ ପରାକ୍ରମୀ ପରମେଶ୍ୱର ମେଘମାଳାକୁ ପ୍ରେରଣ କରି ବର୍ଷା କରିଦେଲେ ଯଦ୍ୱାରା ଅମାନ୍ୟକାରୀଙ୍କ ସ୍ଥାନକୁ ଅଲ୍ଲାଃ କାଦୁଅଯୁକ୍ତ କରିଦେଇଥିଲା ଏବଂ ଅପରପକ୍ଷେ ମୁସଲମାନମାନଙ୍କ ବାଲୁକାମୟ ସ୍ଥାନକୁ ମଜ୍‌ଭୁତ କରିଦେଇଥିଲା ଏହିପରି ଆକାଶୀୟ ନିଦର୍ଶନ ପ୍ରକାଶ ପାଇଥିଲା । ଏହା ସତ୍ୱେ ବି ହଜୁର ସ:ଆ:ସ ପ୍ରଭୁଙ୍କ ଭୟ ଏଭଳି ପୋଷଣ କରି ରଖିଥିଲେ ଯେ ସମସ୍ତ ପ୍ରତିଶୃତି ଓ ନିଦର୍ଶନ ସତ୍ୱେ ମଧ ପ୍ରଭୁଙ୍କ ପ୍ରଚଣ୍ଡ ଭୟରେ ମୃତ ସଦୃଶ ହୋଇ ଆପଣ ସ:ଆ:ସ ଦୁଆ (ପ୍ରାର୍ଥନା) କରୁଥିଲେ ଯେ, ହେ ପ୍ରଭୁ ! ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କରାଅ । ଅତଏବ ଇବ୍‌ନେ ଅବ୍‌ବାସ୍ ର:ଅ କୁହନ୍ତି ହଜୁର ସ:ଆ:ସ ବଦର ଯୁଦ୍ଧରେ ଏକ ଗୋଲାକାର ଶିବିର ମଧରେ ବିରାଜମାନ ଥିଲେ ଏବଂ କହୁଥିଲେ ହେ ମୋ ପ୍ରଭୁ ! ମୁଁ ତୁମ୍ଭକୁ ତୁମ୍ଭର ପ୍ରତିଶୃତି ସ୍ମରଣ କରାଉଛି । ମୁଁ ତୁମ ଠାରୁ ସୁରକ୍ଷା କାମନା କରୁଛି, ହେ ମୋ ମାଲିକ ! ଯଦି ଆଜି ମୁସଲମାନମାନଙ୍କର ଏହି ନିରୀହ ଦଳଟି ଏଠାରେ ନୀପାତ ହୋଇଯାଏ ତେବେ ସମଗ୍ର ସଂସାରରେ ତୁମର ଉପାସନାକାରୀ କେହି ରହିବେ ନାହିଁ ।

ଏ ଅବସ୍ଥା ଦେଖି ହଜରତ ଅବୁ ବକର ର:ଅ ହଜୁର ସ:ଆ:ସଙ୍କ ହାତ ଧରି ନେଉଥିଲେ ଏବଂ କହୁଥିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ବାସ୍ କରନ୍ତୁ ବାସ୍ ସେତିକି ଥାଉ । ଆପଣ ନିଜ ପ୍ରଭୁଙ୍କୁ ଦୁଆ ମାଗିବାରେ ଅତିସୟତା ଅବଲମ୍ବନ କରିନେଇଛନ୍ତି ଏବଂ ଯୁଦ୍ଧ କବଚ ପରିଧାନ କରି ଏଭଳି କଷ୍ଟ ଆଉ ସହ୍ୟ କରନ୍ତୁ ନାହିଁ । ଆପଣ ସ:ଆ:ସ ନିଜ ଶିବିରରୁ ବାହାରିବା ସମୟରେ ଏକଥା କହୁଥିଲେ ଯେ, ଖୁବ୍ ଶୀଘ୍ର ଏ ଅମାନ୍ୟକାରୀମାନେ ପରାସ୍ତ ହୋଇ ପଳାୟନ କରିବେ ବରଂ ଏହି ସମୟ ସେମାନଙ୍କର ଅନ୍ତିମ ପରିଣାମର ସମୟ । ଏହି ଘଡ଼ି ଅତ୍ୟନ୍ତ କଠିନ ଓ ସଙ୍କଟାପନ୍ନ ମୂହୁର୍ତ୍ତ ଥିଲା ହଜୁର ସ:ଆ:ସ ଉଚ୍ଚ ସ୍ୱରରେ କହିଲେ, ମୁଁ ଭୟଭୀତ ନୁହେଁ ବରଂ ପ୍ରଭୁଙ୍କ ନିକଟରୁ ମତେ ସୁଚନା ମିଳିଛି ଯେ ଶତ୍ରୁ ପରାସ୍ତ ହୋଇ ଅପମାନିତ ହେବ ଏବଂ ସେମାନଙ୍କର ସର୍‌ଦାରମାନେ ଏଠାରେ ନିହତ ହେବେ ଅତଏବ ଏହିପରି ହିଁ ଘଟିଲା ।

(ସିରତୁନ୍ ନବି, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୪୬୬-୪୬୭)

ହଜରତ ମସିହ ମଉଦ ଆ:ସ କହିଛନ୍ତି:- ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ବାରମ୍ବାର ଆଁ ହଜରତ ସ:ଆ:ସଙ୍କୁ କାଫିର୍‌ମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ପ୍ରତିଶୃତି ଓ ଅଙ୍ଗୀକାର ପ୍ରଦାନ କରିଛନ୍ତି କିନ୍ତୁ ତଥାପି ବଦର ଯୁଦ୍ଧରେ ହଜୁର ସ:ଆ:ସ ଅନବରତ ଦୁଆ କରିବାରେ ନିର୍ମଜିତ ରହିଥିଲେ ଏବଂ ଏହି ଶବ୍ଦ ଆପଣ ସ:ଆ:ସଙ୍କ ପବିତ୍ର ମୁଖରୁ ନିସୃତ ହେଉଥିଲା; **ଅଲ୍ଲାହୁମ୍ମା ଇନ୍ ଅହ୍‌ଲକ୍‌ତା ହାଜିହିଲ୍ ଇସାବାଃ ଫଲନ୍ ତୁବଦା ଫିଲ୍ ଅର୍‌ଜି ଅବଦା** ଅର୍ଥାତ ହେ ପ୍ରଭୁ ! ନିଜ ପ୍ରତିଶୃତି ପୂରଣ କର, ହେ ମୋ ମାଲିକ ! ଯଦି ଆଜି ମୁସଲମାନମାନଙ୍କର ଏହି ନିରୀହ ଦଳଟି ଏଠାରେ ନିପାତ ହୋଇଯାଏ ତେବେ ସମଗ୍ର ସଂସାରରେ ତୁମର ଆଉ କେହି ବି ଉପାସନାକାରୀ ରହିବେ ନାହିଁ । ହଜୁର ସ:ଆ:ସଙ୍କ ଏପରି ଆତୁରତାର ସହିତ ଛଟପଟ ହେବା ଅବସ୍ଥା ଦେଖି ହଜରତ ଅବୁ ବକର ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଏତେ କଷ୍ଟ ଓ ଯନ୍ତ୍ରଣାରେ ବ୍ୟସ୍ତବିବ୍ରତ ହୁଅନ୍ତୁ ନାହିଁ । ଅଲ୍ଲାଃ ତାଲା ତ ଆପଣଙ୍କୁ ବିଜୟ ପାଇବାର ସ୍ପଷ୍ଟ ପ୍ରତିଶୃତି ପ୍ରଦାନ କରିଦେଇଛନ୍ତି । ଏଥିରେ ହଜୁର ସ:ଆ:ସ କହିଲେ ଯେ ଏକଥା ତ ସତ କି ତାହାର (ଅର୍ଥାତ ଅଲ୍ଲାଃଙ୍କର ସର୍ବଶକ୍ତିମାନ ହେବା ତଥା ତାହାଙ୍କ ଇଚ୍ଛା ସେ କଣ ବି କିରପାରନ୍ତି) କ'ଣ ମୁଁ ନିଜ ପ୍ରଭୁଙ୍କର କୃତଜ୍ଞକାରୀ ଭକ୍ତ ହେବିନାହିଁ ?

ଯେତେବେଳେ ଘମାଶାନ ଯୁଦ୍ଧ ଆରମ୍ଭ ହୋଇଗଲା ସେତେବେଳେ ସାହାବାମାନେ ନିଜ ନିଜ ଧାଡ଼ିରେ ପ୍ରଭୁଙ୍କ ନାମ ନେଇ ଆଗକୁ ଅଗ୍ରସର ହେଲେ ହଜୁର ସ:ଆ:ସ ମଧ ସ୍ୱୟମ ଯୁଦ୍ଧରେ ସାମିଲ ହେଲେ ଏବଂ ଆପଣଙ୍କ ପାଖରେ ହଜରତ ଅବୁ ବକର ର:ଅ ଲଢୁଥିଲେ ।

ସେତେବେଳେ ହଜରତ ଅବୁ ବକର ର:ଅଙ୍କ ବିରତ୍ୱ ସର୍ବସମ୍ମୁଖକୁ ଆସିଥିଲା ଯଦିଚ ସେହି ଯୁଦ୍ଧରେ ଅମାନ୍ୟକାରୀଙ୍କ ତରଫରୁ ଅବୁ ବକର ର:ଅଙ୍କ ପୁତ୍ର ଅବ୍‌ଦୁର୍ ରହ୍‌ମାନ୍ ମଧ ଲଢୁଥିଲେ ଏବଂ ସେ ଆରବର ଶ୍ରେଷ୍ଠ ବୀରମାନଙ୍କ ମଧରେ ପରିଗଣିତ ହେଉଥିଲେ ଏବଂ ଜଣେ ବିଶିଷ୍ଟ ଓ ପ୍ରବୀଣ ତୀର ନିକ୍ଷେପକାରୀ ଥିଲେ । ଯେତେବେଳେ ସେ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେଲେ, ଏକଦା ନିଜ ପିତାଙ୍କୁ କହିଲେ, ବଦର ଯୁଦ୍ଧ ଦିନ ଆପଣ ମୋ ସମ୍ମୁଖରେ ଥିଲେ ମୁଁ ଚାହିଁଥିଲେ ଆପଣଙ୍କୁ ନୀହତ କରିପାରିଥାନ୍ତି କିନ୍ତୁ ମୁଁ ସେଠାରୁ ହଟି ଯାଇଥିଲି ଏବଂ ଆପଣଙ୍କୁ ନୀହତ କଲିନାହିଁ । ଏଥିରେ ହଜରତ ଅବୁ ବକର ର:ଅ କହିଲେ, ଯଦି ତୁମେ ମୋ ସମ୍ମୁଖରେ ଥା'ନ୍ତ ତା'ହେଲେ ମୁଁ ତାହାକୁ କଦାପି ହାତ ଛଡ଼ା କରିନଥାନ୍ତି । (ସୟଦନା ଅବୁବକର ସିଦ୍ଧିକ୍ ର:ଅ..... ପୃ-୧୦୮-୧୦୯...... ପାକିସ୍ତାନ୍)

ଏହି ଘଟଣା ଚର୍ଚ୍ଚା କରି ହଜରତ ମୁସଲେହ୍ ମଉଦ୍ ର:ଅ କୁହନ୍ତି; ଯେ "ହଜରତ ଅବୁ ବକର୍ ର:ଅ" ଥରେ ରସୁଲେ କରିମ୍

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନା ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନର କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

ସ:ଆ:ସଙ୍କ ସହିତ ଭୋଜନ କରିବାରେ ସାମିଲ ଥିଲେ ଓ ବିଭିନ୍ନ ପ୍ରସଙ୍ଗରେ ବାର୍ତ୍ତାଳାପ ଚାଲିଥିଲା । ହଜରତ ଅବୁ ବକର୍ ର:ଅଙ୍କ ବଡ଼ ପୁତ୍ର ହଜରତ ଅବ୍‌ଦୁର୍ ରହ୍‌ମାନ୍ ଯିଏ ପରେ ମୁସଲମାନ ହୋଇଥିଲେ । ସେ ବଦର୍ ବା ଓ୍ୱହଦ୍ ଯୁଦ୍ଧରେ କୁଫାର୍ (ଅର୍ଥାତ ଅମାନ୍ୟକାରୀମାନଙ୍କ) ତରଫରୁ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ଖାଇବା ସମୟରେ କଥା କଥାରେ କହିଲେ ଯେ ଅବାଜାନ୍ ! ସେହି ଯୁଦ୍ଧରେ ଯେତେବେଳେ ଅମୁକ ସ୍ଥାନରେ ଆପଣ ପାରି ହେଉଥିଲେ, ସେତେବେଳେ ମୁଁ ଗୋଟିଏ ପଥର ପଛପଟେ ଲୁଚି ବସିଥିଲି । ଯଦି ମୁଁ ଚାହିଁଥାନ୍ତି ତା'ହେଲେ ଆପଣଙ୍କ ଉପରେ ଆକ୍ରମଣ କରି ଆପଣଙ୍କୁ ମାରି ପାରିଥାନ୍ତି । କିନ୍ତୁ ମୁଁ ମନେ ମନେ କହିଲି ନିଜ ବାପାଙ୍କୁ କଣ ମାରିବି । ଏହା ଶୁଣି ହଜରତ ଅବୁ ବକର୍ ର:ଅ କହିଲେ:- ଅଲ୍ଲାଃ ତାଲା ତୁମ ଭାଗ୍ୟରେ ଇମାନ୍ (ବିଶ୍ୱାସ) ରଖିଥିଲେ ତେଣୁ ତୁ ବଂଚିଗଲୁ ନଚେତ ଅଲ୍ଲାଃଙ୍କ ରାଣ ! ଯଦି ମୁଁ ତତେ ଦେଖିନେଇଥାନ୍ତି ତା'ହେଲେ ନିଶ୍ଚିତ ରୂପେ ତତେ ମାରିଦେଇଥାନ୍ତି ।"

(ତଫ୍‌ସିର୍ କବିର୍, ଖଣ୍ଡ-୯, ପୃ-୫୮୮)

ମଦିନାରେ ଏକଦା ହଜରତ ଅବୁ ବକର ର:ଅ ଓ ଅନ୍ୟ ସାହାବାମାନେ ଅସୁସ୍ଥ ହୋଇପଡ଼ିଲେ ତତ୍‌ସଂକ୍ରାନ୍ତରେ ହଜରତ ଆଇଶା ର:ଅଙ୍କ ଏହି ବିବରଣୀ ଉଲ୍ଲେଖ ରହିଛି ଯେ, ହଜରତ ଆଇଶା ର:ଅ କୁହନ୍ତି ରସୁଲେ କରିମ୍ ସ:ଆ:ସ ଯେତେବେଳେ ମଦିନା ଆସିଲେ ସେତେବେଳେ ହଜରତ ଅବୁ ବକର ର:ଅ ଓ ହଜରତ ବିଲାଲ୍ ର:ଅଙ୍କୁ ଜ୍ୱର ହୋଇଗଲା ମୁଁ ଏମାନଙ୍କ ନିକଟକୁ ଗଲି ଓ ତାଙ୍କ ଖବର ବୁଝିବାକୁ ଚେଷ୍ଟା କଲି ଏବଂ ନିଜ ପିତାଙ୍କୁ ପଚାରିଲି ଆପଣଙ୍କ ସ୍ୱାସ୍ଥ୍ୟବସ୍ଥା କିପରି ଅଛି ଏବଂ ହଜରତ ବିଲାଲଙ୍କୁ ପଚାରିଲି ତୁମର ସ୍ୱାସ୍ଥ୍ୟ କିପରି ଅଛି ? ଅତଏବ ହଜରତ ଆଇଶା ର:ଅ କୁହନ୍ତି ହଜରତ ଅବୁ ବକର୍ ର:ଅଙ୍କୁ ଯେତେବେଳେ ଜ୍ୱର ହେଉଥିଲା ସେତେବେଳେ ସେ ଏହି କବିତା ପାଠ କରୁଥିଲେ: **କୁଲ୍ଲୁମ୍‌ରିଇନ୍ ମୁସବ୍‌ବହୁନ୍ ଫି ଅହ୍‌ଲିହି- ଓ୍ୱଲ୍ ମୌତ୍ ଅହନା ମିନ୍ ଶିରାକି ନାଲିହି ।** ଅର୍ଥାତ ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜ ଘରେ ସକାଳେ ଜାଗ୍ରତ ହୁଏ ତାକୁ ପ୍ରସନ୍ନତା ଓ ସୁସ୍ଥତାର ଆର୍ଶିବାଦ ପ୍ରଦାନ କରାଯାଇଥାଏ କାରଣ ମୃତ୍ୟୁ ତା ପାଦର ଜୋତାର ଫିତାଠାରୁ ଅଧିକ ନିକଟତର । ଯେତେବେଳେ ହଜରତ ବିଲାଲ୍ ର:ଅଙ୍କର ଜ୍ୱର ଛାଡ଼ି ଯାଉଥିଲା ସେତେବେଳେ ସେ ଅତ୍ୟନ୍ତ ଉଚ୍ଚ ସ୍ୱରରେ କାନ୍ଦି କାନ୍ଦି ଏପରି କିଛି କବିତା ପାଠ କରୁଥିଲେ ଯାହାର ଅର୍ଥ ଏହା ଥିଲା ଯେ, ମୁଁ ମକ୍କା ଆଖପାଖ ଜନବସତିର ଚର୍ଚ୍ଚା କରୁଥିଲି ଏବଂ ଏହାକୁ ସ୍ମରଣ କରୁଥିଲି । ହଜରତ ଆଇଶା ର:ଅ କୁହନ୍ତି; ମୁଁ ରସୁଲେ କରିମ୍ ସ:ଆ:ସଙ୍କ ନିକଟକୁ ଆସିଲି ଏବଂ ସମସ୍ତ ବୃତାନ୍ତ ଶୁଣାଇଲି ଅର୍ଥାତ ହଜରତ ଅବୁ ବକର ର:ଅ ଓ ହଜରତ ବିଲାଲ୍ ର:ଅ ଯାହା ସବୁ ତାଙ୍କୁ କହିଥିଲେ । ପ୍ରତ୍ୟୁତରରେ ରସୁଲେ କରିମ୍ ସ:ଆ:ସ ଏହି ପ୍ରାର୍ଥନା କଲେ ହେ ଅଲ୍ଲାଃ ! ଆମମାନଙ୍କ ପାଇଁ ମଦିନାକୁ ମଧ ମକ୍କା ଭଳି ପ୍ରିୟ କରିଦିଅ ଏପରିକି ତା'ଠାରୁ ଅଧିକା ପ୍ରିୟ କରିଦିଅ ଓ ଏହାକୁ ଆମ ପାଇଁ ସ୍ୱାସ୍ଥ୍ୟପ୍ରଦ ଓ ସୁଖପ୍ରଦ ସ୍ଥାନରେ ପରିଣତ କରିଦିଅ । ଆମମାନଙ୍କ ସକାଶେ ମଦିନାର ସା ଓ ମୁଦ୍ (ଯାହାକି ଆରବର ପରିମାପକ ଥିଲା ଏଥି)ରେ କଲ୍ୟାଣ ପ୍ରଦାନ କରିଦିଅ । ଏଠାରେ ଥିବା ଜ୍ୱରକୁ ଦୂରିଭୁତ କରି ଜ୍ୱଫା ଆଡ଼କୁ ଏହାକୁ ସ୍ଥାନାନ୍ତରିତ କରିଦିଅ । ଜ୍ୱଫା ମକ୍କାଠାରୁ ମଦିନା ଦିଗ ଆଡ଼କୁ ୮୨ ମାଇଲ ଦୂରତାରେ ଅବସ୍ଥିତ ଏକ ସ୍ଥାନ ଥିଲା । (ସହି ବୁଖାରୀ, କିତାବ୍ ମନାକିବୁଲ୍ ଅନ୍‌ସାର୍...... ହଦିସ୍ ନଂ- ୩୯୨୬) (ଶରହ୍ ଜର୍‌କାନୀ, ଖଣ୍ଡ-୨, ପୃ-୧୭୨.......ବେରୁତ ୧୯୯୬)

ଓ୍ୱହଦ୍ ଯୁଦ୍ଧ ପ୍ରସଙ୍ଗରେ ବର୍ଣ୍ଣନା କରାଯାଏ । ତିନି ହିଜ୍‌ରୀର ସଓ୍ୱାଲ୍ ମାସ୍‌ରେ ଅର୍ଥାତ ହିଜ୍‌ରୀ ବର୍ଷ ଅନୁଯାୟୀ ୬୨୪ ମସିହାରେ ଓ୍ୱହଦ୍ ଯୁଦ୍ଧ ମୁସଲମାନ ଓ ମକ୍କାର ଅମାନ୍ୟକାରୀ କୁରୈଶ୍‌ମାନଙ୍କ ମଧ୍ୟରେ ଘଟିଥିଲା । ୩ ହିଜ୍‌ରୀର ଶେଷ ଆଡ଼କୁ କୁରୈଶ୍ ମକ୍କା ଓ ସେମାନଙ୍କର ମିତ୍ର ସମ୍ପ୍ରଦାୟର ସୈନ୍ୟଦଳମାନେ ମଦିନା ଉପରେ ଆକ୍ରମଣ କରିବାର ସୂଚନା ପ୍ରାପ୍ତ ହୋଇଥିଲା । ନବୀ କରିମ ସ:ଆ:ସ ମୁସଲମାନମାନଙ୍କୁ ଏକତ୍ରିତ କରି କୁରୈଶ୍‌ମାନଙ୍କର ଆକ୍ରମଣ ସମ୍ପର୍କରେ ଅବଗତ କରାଇଲେ ଏବଂ ସେମାନଙ୍କଠାରୁ ପରାମର୍ଶ ଲୋଡ଼ିଲେ ଯେ ଆମେମାନେ ମଦିନାରେ ରହି ଯୁଦ୍ଧ କରିବା ନା ମଦିନାରୁ ବାହାରକୁ ଯାଇ ଅମାନ୍ୟକାରୀଙ୍କ ସହିତ ମୁକାବିଲା କରିବା । (ସିରତ୍ ଖାତ୍‌ମୁନ୍ ନବିୟୀନ୍, ପୃ-୪୮୩, ୪୮୪)

ଏ ସଂକ୍ରାନ୍ତରେ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି; ହଜୁର ସ:ଆ:ସ ଯେତେବେଳେ କୁରୈଶ୍‌ମାନଙ୍କର ଆକ୍ରମଣ ସମ୍ପର୍କରେ ମଦିନା ବାସୀଙ୍କୁ ଅବଗତ କଲେ ଏବଂ ସେମାନଙ୍କଠାରୁ ପରାମର୍ଶ ଲୋଡ଼ିଲେ ଯେ ଆମମାନଙ୍କୁ ମଦିନାରେ ରହି ଲଢ଼ିବା ଅଧିକ ଶ୍ରେୟସ୍କର ହେବ ନା ମଦିନାରୁ ବାହାରକୁ ଯାଇ ଲଢ଼ିବା ଅଧିକ ଶ୍ରେୟସ୍କର ହେବ । ପରାମର୍ଶ ପୂର୍ବରୁ ହଜୁର ସ:ଆ:ସ କୁରୈଶ୍‌ମାନଙ୍କର ରକ୍ତପିପାଷୁ ଅଭିଳାଷର ଚର୍ଚ୍ଚା କରି କହିଲେ, ଆଜି ରାତିରେ ମୁଁ ସ୍ୱପ୍ନରେ ଏକ ଗାଇକୁ ଦେଖିଲି ଏବଂ ସେହିପରି ମୁଁ ମଧ ଏହା ଦେଖିଲି ଯେ, ମୋ ତରବାରୀର ଅଗ୍ରଭାଗ ଭାଙ୍ଗି ଯାଇଛି । ପୁନଶ୍ଚ ମୁଁ ଦେଖିଲି ଯେ ସେହି ଗାଇଟି ବଳି ପଡୁଛି । ଏହାପରେ ମୁଁ ଏହା ଦେଖିଲି ମୁଁ ନିଜ ହାତକୁ ଏକ ଶକ୍ତ ଓ ସୁରକ୍ଷିତ ସାଞ୍ଜୁ ଓ ଢ଼ାଲ ମଧ୍ୟରେ ରଖିଛି । ଆଉ ଏକ ବର୍ଣ୍ଣନାରେ ଏହା ମଧ ଦରଜ ରହିଛି ଯେ, ହଜୁର ସ:ଆ:ସ କହିଲେ ମୁଁ ଦେଖିଲି ଯେ ଗୋଟିଏ ମେଣ୍ଢା ରହିଛି ଯାହାର ପିଠି ଉପରେ ମୁଁ ଆରୋହଣ କରିଛି । ସାହାବାମାନେ ପ୍ରଶ୍ନ କଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଉକ୍ତ ସ୍ୱପ୍ନର ତାତ୍ପର୍ଯ୍ୟ କ'ଣ ଉର୍ଦ୍ଧୃତ କଲେ । ହଜୁର ସ:ଆ:ସ ଉତର ଦେଲେ ଗାଇ ଜେଭ ହେବାର ଅର୍ଥ ମୁଁ ଏହା ବୁଝୁଛି ଯେ ମୋ ସାହାବାମାନଙ୍କ ମଧ୍ୟରୁ କେତେକ ସାହାବାମାନେ ବୀରଗତି ପ୍ରାପ୍ତ କରିବେ ଅର୍ଥାତ ଶହୀଦ୍ ହେବେ ଓ ମୋର ତରବାରୀର ମୁନ ଭାଙ୍ଗିବାର ଯଥାର୍ଥ ଏହି କି ଯେ ମୋ ପ୍ରିୟଜନଙ୍କ ମଧ୍ୟରୁ କେତେକ ବୀରଗତି ପ୍ରାପ୍ତ କରିବେ ବୋଲି ଏଥିରେ ଇସାରା ରହିଛି ଅବା ସମ୍ଭବତଃ ମତେ ଏହି ଅଭିଯାନରେ କୌଣସି କ୍ଷତି ପହଂଚିବ । ସାଞ୍ଜୁ ତଥା ଢ଼ାଲ ମଧ୍ୟରେ ହାତ ପ୍ରବେଶ କରିବାର ଅର୍ଥ ଏହି କି ଯେ, ସେହି ଆକ୍ରମଣର ମୁକାବିଲା ପାଇଁ ମଦିନା ମଧ୍ୟରେ ଆମମାନଙ୍କର ଅଟକି ରହି ଶତ୍ରୁର ମୁକାବିଲା କରିବା ଫଳପ୍ରଦ ହେବ । ସେହିପରି ମେଣ୍ଢା ଉପରେ ଆରୋହଣ ହେବାର ଅର୍ଥ ହଜୁର ସ:ଆ:ସ ଏହା ପ୍ରକାଶ କଲେ ଯେ, ଅମାନ୍ୟକାରୀଙ୍କ ସୈନ୍ୟଦଳର ଧ୍ୱଜା ବାହକ ଇନ୍‌ଶାଅଲ୍ଲାଃ ତାଲା ତୁମମାନଙ୍କ ହସ୍ତ ଦ୍ୱାରା ନୀହତ ହେବ ।

ଏହାପରେ ହଜୁର ସ:ଆ:ସ ନିଜର ସାହାବାମାନଙ୍କଠାରୁ ପରାମର୍ଶ ଲୋଡ଼ିଥିଲେ ସୁତରାଂ କେତେକ ବୟଜ୍ୟୋଷ୍ଠ ସାହାବାମାନେ ପରିସ୍ଥିତିର ଉଚ୍ଚ ନୀଚ ଅର୍ଥାତ ଆରୋହଣ ଅବତରଣକୁ ଦୃଷ୍ଟିରେ ରଖି କୌଣସି ପ୍ରକାରର ହଜୁର ସ:ଆ:ସଙ୍କ ସ୍ୱପ୍ନଠାରୁ ପ୍ରଭାବିତ ହୋଇ ଏହି ମତପ୍ରକାଶ କଲେ ଯେ, ସେମାନଙ୍କ ପକ୍ଷରେ ମଦିନାରେ ରହି ଯୁଦ୍ଧ ଲଢ଼ିବା ଶ୍ରେୟସ୍କର ହେବ । ହଜୁର ସ:ଆ:ସ ମଧ ସାହାବାଙ୍କର ଏହି ପରାମର୍ଶକୁ ଉଚିତ ମଣିଥିଲେ ଏବଂ କହିଲେ, ଆମମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ ଆମେମାନେ ମଦିନାରେ ରହି ଯୁଦ୍ଧ ଲଢ଼ିବା କିନ୍ତୁ ଅପରପକ୍ଷେ କେତେକ ସାହାବା ବିଶେଷ କରି ଯୁବକମାନେ ଯେଉଁମାନେ ବଦର ଯୁଦ୍ଧରେ ଅଂଶଗ୍ରହଣ କରିପାରିନଥିଲେ, ନିଜର ସାହାଦତ୍ ପାଇବା ପାଇଁ ବା ସାହାଦତ୍‌ର ଅଭିଳାଷରେ ଧର୍ମ ସେବାରେ ଆଗକୁ ବଢ଼ି ଶତ୍ରୁର ମୁକାବିଲା କରିବାପାଇଁ ଉତେଜିତ ଥିଲେ । ସେମାନେ ଏହି ଜିଦ୍ କଲେ ଯେ, ସହରରୁ ବାହାରି ମୁକ୍ତ ଆକାଶ ଓ ଖୋଲା ପଡ଼ିଆରେ ଶତ୍ରୁର ମୁକାବିଲା କରିବା ଉଚିତ । ସେହି ଯୁବକମାନେ ହଜୁର ସ:ଆ:ସଙ୍କ ନିକଟରେ ଏତେ ଆକୁଳ ନିବେଦନ କଲେ ନିଜର ମତାମତ ରଖିଲେ ଏବଂ ନିଜର ମତପ୍ରକାଶ କଲେ ଯେ, ହଜୁର ସ:ଆ:ସ ସେମାନଙ୍କର ଉତ୍ସାହକୁ ଦେଖି ସେମାନଙ୍କର କଥାକୁ ସ୍ୱୀକାର କରିନେଲେ କାରଣ ସେହି ନବଯୁବକମାନେ ଜିହାଦ୍ ଫି ସବିଲିଲ୍ଲାଃ ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ ପ୍ରଚେଷ୍ଟା କରିବା ପାଇଁ ଏବଂ ପୂଣ୍ୟ ଅର୍ଜନ କରିବାପାଇଁ ବ୍ୟଗ୍ର ଥିଲେ, ଅତଏବ ହଜୁର ସ:ଆ:ସ ସେମାନଙ୍କର ପରାମର୍ଶ ଶୁଣିବା ପରେ ଘର ଭିତରକୁ ପ୍ରବେଶ କଲେ, ଓ ସେଠାରେ ହଜରତ ଅବୁ ବକର ର:ଅ ଓ ହଜରତ ଉମର ର:ଅଙ୍କ ସାହାଯ୍ୟ ଦ୍ୱାରା ହଜୁର ସ:ଆ:ସ ନିଜର ପଗଡ଼ି ବାନ୍ଧିଲେ ଏବଂ ବସ୍ତ୍ର ପରିଧାନ କଲେ ପୁନଶ୍ଚ ଅସ୍ତ୍ରଶସ୍ତ୍ର ଦ୍ୱାରା ସୁସଜ୍ଜିତ ହୋଇ ଅଲ୍ଲାଃଙ୍କ ନାମ ସ୍ମରଣ କରି ବାହାରକୁ ବାହାରି ଆସିଲେ । ଏହି ଅବଧି ମଧ୍ୟରେ ସେହି ଉତ୍ସାହରେ ପରିପୂର୍ଣ୍ଣ ଯୁବକମାନଙ୍କୁ କେତେକ ସାହାବାମାନଙ୍କ କହିବା ଦ୍ୱାରା ସେମାନଙ୍କର ମନରେ ଏହି ଭାବନା ଉତ୍ପନ୍ନ ହେଲା ସେମାନେ ନିଜର ବ୍ୟଗ୍ରତା ଯୋଗୁଁ ତ୍ରୁଟି କରିବସିଛନ୍ତି ଅତଏବ ସେମାନଙ୍କୁ ନିଜ ଭୁଲ୍‌ର ଅନୁତାପ ହୋଇଥିଲା ସେମାନେ ହୃଦୟଙ୍ଗମ କରିଥିଲେ ଯେ ଆମେ ହଜୁର ସ:ଆ:ସଙ୍କ ମତାମତ ବିରୁଦ୍ଧରେ ଯିବା ଓ ଜିଦ୍ ଧରିବା ଠିକ୍ ନୁହେଁ । ଅତଏବ ଯେତେବେଳେ ସେମାନେ ହଜୁର ସ:ଆ:ସଙ୍କୁ ଅସ୍ତ୍ରଶସ୍ତ୍ର ଦ୍ୱାରା ସୁସଜ୍ଜିତ ହୋଇ ଦୁଇଟି ସାଞ୍ଜୁ, ଢ଼ାଲ ଓ କବଚ ପିନ୍ଧି ଆସୁଥିବାର ଦେଖିଲେ ସେତେବେଳେ ସେମାନେ ଅତ୍ୟନ୍ତ ଅନୁତପ୍ତ ଓ ଲଜ୍ଜିତ ହେଲେ ସେମାନେ ସମସ୍ତେ ଏକଶ୍ୱର ହୋଇ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆମର ଭୁଲ ହୋଇଛି, ଆମେମାନେ ଆପଣଙ୍କର ରାୟ ଉପରେ ନିଜର ରାୟକୁ ଅଧିକ ବଳିଷ୍ଠ ବୋଲି ମନେ କରି ଜିଦ୍ କରିଥିଲୁ ତେଣୁ ଆପଣ ଏ ସମ୍ବନ୍ଧରେ ଯାହା ଉଚିତ ମଣୁଛନ୍ତି ସେହିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଇନ୍‌ଶାଅଲ୍ଲାଃ ତାଲା ତହିଁରେ ହିଁ କଲ୍ୟାଣ ନିହିତ ରହିଛି ଏବଂ ଏଥିରେ ଆମର ମଙ୍ଗଳ ସାଧିତ ହେବ । ଏଥିରେ ହଜୁର ସ:ଆ:ସ କହିଲେ

ଅଲ୍ଲାଃ ତାଲାଙ୍କ ବୈଭବର ଏହା ପରିପନ୍ଥି ନୁହେଁ ଯେ ଜଣେ ନବୀ ଅସ୍ତ୍ରଶସ୍ତ୍ର ଦ୍ୱାରା ସୁସଜ୍ଜିତ ହେବା ପରେ ତାହାକୁ ପୁଣି ଓହ୍ଲାଇ ଦେବ । ସୁତରାଂ ବର୍ତମାନ ଅଲ୍ଲାଃ ତାଲାଙ୍କ ପବିତ୍ର ନାମ ନେଇ ବାହାରିପଡ଼ ଏବଂ ତୁମେମାନେ ଯଦି ଧୈର୍ଯ୍ୟ ପ୍ରଦର୍ଶନ କଲ ନିଜ ବିଶ୍ୱାସରେ ପ୍ରତିଷ୍ଠିତ ରହିଲ ତେବେ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଅବଶ୍ୟ ତୁମ ସପକ୍ଷରେ ପ୍ରକାଶ ପାଇବ । (ସିରତ୍ ଖାତ୍‌ମୁନ୍, ନବିୟିନ୍, ପୃ-୪୮୪-୪୮୬)

ଓ୍ୱହଦ୍ ଯୁଦ୍ଧରେ ନବୀ କରିମ୍ ସ:ଆ:ସ ନିଜର ତରବାରୀକୁ ହାତରେ ଧରି କହିଲେ, ଏପରି କିଏ ଅଛି ଯିଏ ଏହି ତରବାରୀର ସଠିକ୍ ଦାୟିତ୍ୱ ନିର୍ବାହ କରିପାରିବ ? ଇତିଅବସରରେ ଯେଉଁ ସାହାବାମାନେ ଉକ୍ତ ଅଭିଳାଷର ପରିପ୍ରକାଶ କରିଥିଲେ ଯେ ସେମାନଙ୍କୁ ହିଁ ତରବାରୀ ପ୍ରଦାନ କରାଯାଉ । ସେମାନଙ୍କ ମଧ୍ୟରେ ହଜରତ ଅବୁ ବକର ର:ଅ ମଧ ଅନ୍ତର୍ଭୁକ୍ତ ଥିଲେ । (ଶରହ୍ ଜର୍‌କାନୀ........ ଖଣ୍ଡ-୨, ପୃ-୪୦୪...... ବେରୁତ ୧୯୯୬)

ସିରତ୍ ଖାତ୍‌ମୁନ୍ ନବିୟୀନ୍‌ରେ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ଏହି ପ୍ରସଙ୍ଗରେ ଏପରି ଚର୍ଚ୍ଚା କରିଛନ୍ତି ଯେ ହଜୁର ସ:ଆ:ସ ନିଜର ତରବାରୀ ହସ୍ତରେ ଧରି କହିଲେ, କିଏ ସେହି ବୀର ଯିଏ ଏହି ତରବାରୀର ପ୍ରକୃତ ଦାୟିତ୍ୱ ନିର୍ବାହ କରିବ ? ଅନେକ ସାହାବାମାନେ ଏହି ଗର୍ବ ଓ ଟେକ ର ଅଭିଳାଷ ରଖି ନିଜର ହସ୍ତ ଉର୍ଦ୍ଧଗାମୀ କରିଥିଲେ । ତନ୍ମଧ୍ୟରେ ହଜରତ ଉମର ର:ଅ, ହଜରତ ଜୁବୈର ଓ ଅନ୍ୟାନ୍ୟ ସାହାବାମାନେ ମଧ ଅନ୍ତର୍ଭୁକ୍ତ ଥିଲେ । ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଅବୁ ବକର ର:ଅ ଓ ହଜରତ ଅଲୀ ର:ଅ ମଧ ଏଥିରେ ସାମିଲ ଥିଲେ କିନ୍ତୁ ହଜୁର ସ:ଆ:ସ ନିଜର ହସ୍ତକୁ ଅଟକାଇ ରଖିଲେ ଏବଂ ଏହା ହିଁ କହିଚାଲିଲେ ଏପରି କିଏ ବୀର ଅଛି ଯିଏ ଏହି ତରବାରୀର ପ୍ରକୃତ ଦାୟିତ୍ୱ ନିର୍ବାହ କରିବ ? ପରିଶେଷରେ ହଜରତ ଅବୁ ଦୁଜାନା ଅନ୍‌ସାରୀ ନିଜର ହସ୍ତ ପ୍ରସାରିତ କଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ମତେ ଏହି ତରବାରୀଟି ପ୍ରଦାନ କରନ୍ତୁ ମୁଁ ଆପଣଙ୍କର ତରବାରୀର ଦାୟିତ୍ୱ ନିର୍ବାହ କରିବି । ଅତଏବ ହଜୁର ସ:ଆ:ସ ହଜରତ ଅବୁ ଦୁଜାନାଙ୍କୁ ଏହି ତରବାରୀ ପ୍ରଦାନ କରିଦେଇଥିଲେ । (ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୪୮୯)

ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ଶତ୍ରୁମାନେ ପାଲଟା ଆକ୍ରମଣ କରିଥିଲେ,

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ମୁସଲମାନମାନଙ୍କୁ କ୍ଷତି ସହ୍ୟ କରିବାକୁ ପଡ଼ିଲା । ସେତେବେଳେ ହଜୁର ସ:ଆ:ସଙ୍କ ସମ୍ପର୍କରେ ମଧ୍ୟ ଏହି ଗୁଜବ ପ୍ରଚାରିତ ହୋଇଗଲା ଯେ, ନଉଜୁବିଲ୍ଲା ଆପଣ ଆ:ସ ଶହୀଦ ହୋଇଯାଇଛନ୍ତି । ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ ହଜୁର ସ:ଆ:ସଙ୍କ ଶହୀଦ୍ ହୋଇଯିବାର ଗୁଜବ ଓ କେତେକ ଲୋକମାନଙ୍କ ବିକ୍ଷିପ୍ତ ହୋଇଯିବା ପରେ ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ କାଆବ୍ ବିନ୍ ମାଲିଙ୍କର ଦୃଷ୍ଟି ପଡ଼ିଥିଲା । ସେ ବର୍ଣ୍ଣନା କରନ୍ତି ମୁଁ ଲୁହା ହେଲ୍‌ମଟ୍ ମଝିରୁ ହିଁ ହଜୁର ସ:ଆ:ସଙ୍କ ପ୍ରଜ୍ୱଳିତ ଚକ୍ଷୁକୁ ଚିହ୍ନି ପାରିଥିଲି ସୁତରାଂ ମୁଁ ବଡ଼ ପାଟିରେ ଡ଼ାକ ଛାଡ଼ି କହିଲି ହେ ମୁସଲମାନମାନେ ! ଖୁସି ହୋଇଯାଅ, ଏଠି ରସୁଲେ୍ କରିମ୍ ସ:ଆ:ସ ଅଛନ୍ତି । ଏହା ଶୁଣି ରସୁଲେ୍ କରିମ୍ ସ:ଆ:ସ ହାତରେ ଇସାରା କଲେ ଯେ ନୀରବ ରୁହ । ଯେତେବେଳେ ମୁସଲମାନମାନେ ଆପଣ ଆ:ସଙ୍କୁ ଚିହ୍ନି ନେଲେ, ଆପଣ ଆ:ସ ତାଙ୍କ ସହିତ ଘାଟି ଆଡ଼କୁ ଚାଲିଗଲେ । ହଜୁର ସ:ଆ:ସ ସହିତ ହଜରତ ଅବୁ ବକର ର:ଅ ହଜରତ ଉମର ର:ଅ, ହଜରତ ଅଲୀ ଓ ହଜରତ ତଲ୍‌ହା ବିନ୍ ଉବୈଦୁଲ୍ଲାଃ, ହଜରତ ଜୁବୈର୍ ବିନ୍ ଅୱାମ୍ ଓ ହଜରତ ହାର୍‌ସା ର:ଅ ଇତ୍ୟାଦି ସାହାବାମାନେ ମଧ୍ୟ ଥିଲେ । (ତାରିଖେ ତିବ୍‌ରୀ.... ଖଣ୍ଡ-୩, ପୃ-୭୦..... ବେରୁତ ୨୦୦୨)

ହଜୁର ସ:ଆ:ସ ୱହଦ୍ ଯୁଦ୍ଧ ଦିନ ନିଜର ସାହାବାମାନଙ୍କର ଏକ ଜମାତ୍ ଠାରୁ ମୃତ୍ୟୁ ପାଇଁ ବୟତ ନେଲେ ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ମୁସଲମାନମାନେ ଯେତେବେଳେ ପରାଜିତ ହୋଇଥିଲେ ସେତେବେଳେ ଏମାନେ ଅବିଚଳ ରହିଥିଲେ ଓ ନିଜ ଜୀବନକୁ ବାଜି ଲଗାଇ ହଜୁର ସ:ଆ:ସଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ । ଏପରି କି ସେହି ସାହାବାମାନଙ୍କ ମଧ୍ୟରୁ କେତେକ ସାହାବାମାନେ ମଧ୍ୟ ବୀରଗତି ପ୍ରାପ୍ତ କରିଥିଲେ । ସେହି ବୟତ ଗ୍ରହଣକାରୀ ସୌଭାଗ୍ୟଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରେ ହଜରତ ଅବୁ ବକର ର:ଅ, ହଜରତ ଉମର, ହଜରତ ତଲ୍‌ହା, ହଜରତ ଜୁବୈର୍, ହଜରତ ସାଆଦ୍, ହଜରତ ସହଲ୍ ବିନ୍ ହୁନୈଫ୍ ଓ ହଜରତ ଅବୁ ଦୁଜାନା ଆଦି ସାହାବା ସାମିଲ ଥିଲେ । (ଅଲ୍ ଅସାବାଃ, ଖଣ୍ଡ-୩, ପୃ-୪୩୧...... ବେରୁତ ୨୦୦୫)

ୱହଦ୍ ଯୁଦ୍ଧର ପରିସ୍ଥିତି ସମ୍ବନ୍ଧରେ ଅତିରିକ୍ତ ଚର୍ଚ୍ଚା କରି ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ବର୍ଣ୍ଣନା କରିଛନ୍ତି ଯେ, ହଜୁର ସ:ଆ:ସଙ୍କ ଆଖପାଖରେ ଯେଉଁ ସାହାବାମାନେ ଉପସ୍ଥିତ ଥିଲେ ସେମାନେ ଯେଉଁ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କଲେ ଇତିହାସରେ ତାହାର ଦୃଷ୍ଟାନ୍ତ ତଥା ତାହାର ନଜୀର ମିଳିବା କଷ୍ଟସାଧ୍ୟ । ଏହି ଲୋକମାନେ କୀଟପତଙ୍ଗ ପରି ହଜୁର ସ:ଆ:ସଙ୍କ ଚର୍ତୁପାଶ୍ୱରେ ଘେରି ରହିଥିଲେ । ଆପଣ ସ:ଆ:ସଙ୍କ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ । ଆପଣ ସ:ଆ:ସଙ୍କ ଉପରେ ଯେଉଁ ପ୍ରହାର ବା ଆକ୍ରମଣ ହେଉଥିଲା ସେ ସମସ୍ତ ଆକ୍ରମଣକୁ ସାହାବାମାନେ ନିଜ ଉପରକୁ ନେଇ ଯାଉଥିଲେ । ଏଥି ସହିତ ସେହି ବୀର ଓ ଯୋଦ୍ଧା ସାହାବାମାନେ ଶତ୍ରୁମାନଙ୍କ ଉପରକୁ ପ୍ରତିଆକ୍ରମଣ କରିଥିଲେ । ହଜରତ ଅଲୀ, ହଜରତ ଜୁବୈର୍ ଅନେକ ପ୍ରହାର ଓ ଅତର୍କିତ ଆକ୍ରମଣ ଶତ୍ରୁମାନଙ୍କ ଉପରେ କରିଥିଲେ ଫଳତଃ ସେମାନଙ୍କର ଧାଡ଼ିକୁ ପଛକୁ ଘୁଂଚାଇବାରେ ସଫଳ ହୋଇଥିଲେ । ହଜରତ ଅବୁ ତଲ୍‌ହା ଅନ୍‌ସାରୀ ତୀର ଚାଳନା କରି ତିନୋଟି ଧନୁଶ ଭାଙ୍ଗି ଦେଲେ ଓ ଶତ୍ରୁମାନଙ୍କ ଦ୍ୱାରା ନିକ୍ଷେପ କରାଯାଉଥିବା ସମସ୍ତ ତୀରକୁ ନିଜର ଛାତିରେ ସହ୍ୟ କରିନେଲେ ଏବଂ ହଜୁର ସ:ଆ:ସଙ୍କ ଶରୀର ଉପରେ ନିଜର ଶରୀରକୁ ଢ଼ାଲପରି ରଖିଦେଇଥିଲେ । ହଜରତ ସାଆଦ୍ ବିନ୍ ୱକାସ୍ ର:ଅଙ୍କୁ ହଜୁର ସ:ଆ:ସ ସ୍ୱୟମ ତୀର ଧରାଇ ଚାଲିଥିଲେ ଏବଂ ସାଆଦ୍ ଏହି ତୀର ଶତ୍ରୁମାନଙ୍କ ଉପରେ ଅର୍ତକିତ ଭାବରେ ନିକ୍ଷେପ କରିଚାଲିଥିଲେ । ଏକଦା ହଜୁର ସ:ଆ:ସ ହଜରତ ସାଆଦ୍ ର:ଅଙ୍କୁ କହିଲେ, ହେ ସାଆଦ୍ ! ମୋର ପିତାମାତା ତୁମ ଉପରେ ଉତ୍ସର୍ଗ ହୁଅନ୍ତୁ । ତୁମେ ଅହରହ ତୀର ଚାଳନା କରିଚାଲିଛ । ହଜରତ ସାଆଦ୍ ର:ଅ ନିଜର ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ହଜୁର ସ:ଆ:ସଙ୍କର ଏହି ଶବ୍ଦକୁ ଅତ୍ୟନ୍ତ ଗର୍ବର ସହକାରେ ଲୋକମାନଙ୍କ ଆଗରେ ପରିପ୍ରକାଶ କରିଚାଲିଥିଲେ ପରବର୍ତୀ ସମୟରେ । ହଜରତ ଅବୁ ଦୁଜାନା ର:ଅ ହଜୁର ସ:ଆ:ସଙ୍କ ଶରୀରକୁ ଅନେକ ସମୟ ପର୍ଯ୍ୟନ୍ତ ନିଜ ଶରୀର ଦ୍ୱାରା ଆବୃତ କରି ରଖିଥିଲେ ଏବଂ ଯେଉଁ ତୀର ଅବା ପଥର ହଜୁର ସ:ଆ:ସଙ୍କ ଆଡ଼କୁ ଆସୁଥିଲା ସେ ସମସ୍ତ ତୀର ଓ ପଥରକୁ ନିଜ ଶରୀର ଉପରେ ସହ୍ୟ କରିନେଇଥିଲେ । ଏପରି କି ହଜରତ ଅବୁ ଦୁଜାନାଙ୍କ ସମ୍ପୂର୍ଣ୍ଣ ଶରୀରଟି ତୀର ଦ୍ୱାରା କ୍ଷତବିକ୍ଷତ ହୋଇଯାଇଥିଲା । ଏ ସବୁ ସତ୍ୱେ ହଜରତ ଅବୁ ଦୁଜାନା ଗୋଟିଏ ଆହା ମଧ୍ୟ ମାରିନଥିଲେ କାରଣ ସେ ଚିନ୍ତା କରୁଥିଲେ ଏତଦ୍ ଦ୍ୱାରା କାଳେ ତାଙ୍କ ଶରୀର ଆନ୍ଦୋଳିତ ହୋଇଯିବ । କାଳେ ହଜୁର ସ:ଆ:ସଙ୍କ ଶରୀରରେ ତୀର ପଶି ଯିବ । ଅତଏବ ହଜୁର ସ:ଆ:ସଙ୍କୁ ରକ୍ଷା କରିବାକୁ ଯାଇ ହଜରତ ତଲ୍‌ହା ର:ଅ ଅନେକ ତୀରର ପ୍ରହାର ସହ୍ୟ କରିଥିଲେ ଏହା ଫଳରେ ହଜରତ ଅବୁ ଦୁଜାନାଙ୍କ ହାତ ନିଷ୍କ୍ରିୟ ହୋଇଯାଇଥିଲା ଓ ସଦାସର୍ବଦା ପାଇଁ ଅକାମି ହୋଇଯାଇଥିଲା । କିନ୍ତୁ ଏହି କେତେଜଣ ପ୍ରାଣ ଉତ୍ସର୍ଗୀ ସାହାବାମାନେ ଏହି ବିଶାଳ ଶତ୍ରୁ ଦଳର ସମ୍ମୁଖରେ କେତେ ସମୟ ରହିପାରିଥାନ୍ତେ, ସହ୍ୟ କରିପାରିଥାନ୍ତେ ଏବଂ ସେମାନଙ୍କୁ ରୋକି ପାରିଥାନ୍ତେ । କାରଣ ଏହି ବିଶାଳ ଶତ୍ରୁପକ୍ଷ ପ୍ରତ୍ୟେକ ମୁହୁର୍ତ୍ତରେ ଏକ ଦୈତ୍ୟାକାର ସଦୃଶ ଢ଼େଉ ପରି ଚର୍ତୁପାଶ୍ୱରୁ ତାଙ୍କ ଆଡ଼କୁ ମାଡ଼ି ଆସୁଥିଲା । ଶତ୍ରୁପକ୍ଷରୁ ପ୍ରତ୍ୟେକ ଆକ୍ରମଣ, ପ୍ରତ୍ୟେକ ପ୍ରହାର ମୁସଲମାନମାନଙ୍କୁ କେଉଁଠି ନା କେଉଁଠି ନିଜ ସାଙ୍ଗରେ ବୋହି ନେଇଯାଉଥିଲା କିନ୍ତୁ ଯେତେବେଳେ ଏହି ଭୟଙ୍କର ଯୁଦ୍ଧର ତାଣ୍ଡବଲୀଳା ଟିକିଏ ଥମି ଯାଉଥିଲା ସେତେବେଳେ ଏହି ନିରୀହ ମୁସଲମାନମାନେ ଯୁଦ୍ଧ ଲଢ଼ୁଥିଲେ ଏବଂ ନିଜର ମୁନୀବ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଚର୍ତୁପାର୍ଶ୍ୱରେ ଆସି ଏକତ୍ରିତ ହୋଇଯାଉଥିଲେ । ଏଭଳି ଭୀଷଣ ଆକ୍ରମଣ ସମୟରେ ମଧ୍ୟ ସେମାନେ ହଜୁର ସ:ଆ:ସଙ୍କୁ ଏକାକି ରହିବାକୁ ଦେଇନଥିଲେ । ଅତଏବ ଏଭଳି ମୁହୁର୍ତ୍ତ ମଧ୍ୟ ଆସିଥିଲା ଯେତେବେଳେ ହଜୁର ସ:ଆ:ସଙ୍କ ଆଖପାଖରେ କେବଳ ୧୨ଜଣ ସାହାବା ହିଁ ବାକି ରହିଯାଇଥିଲେ । ସେହି ଉତ୍ସର୍ଗୀମାନଙ୍କ ମଧ୍ୟରେ ହଜରତ ଅବୁବକରର:ଅ, ହଜରତ ଅଲୀର:ଅ, ହଜରତ ଜୁବେର୍ ର:ଅ, ହଜରତ ସାଦ୍ ବିନ୍ ୱକାସ୍‌ର:ଅ, ଅବୁ ଦଜାନାଃ ଅନସାରୀ ର:ଅ, ହଜରତ ସାଦ୍ ବିନ୍ ମାଆଜ୍ ର:ଅ ଓ ହଜରତ ତଲହା ଅନସାରୀର:ଅ ଆଦି ସାହାବାମାନେ ବିଶେଷ ରୂପେ ଉପସ୍ଥିତ ଥିବାର ଚର୍ଚ୍ଚା ମିଳୁଅଛି । (ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୪୯୫-୪୯୬)

ୱହଦ ଯୁଦ୍ଧ ସମୟରେ ଯେବେ ହଜୁର ସ:ଆ:ସଙ୍କର ପବିତ୍ର ଦାନ୍ତ ଶହିଦ୍ ହୋଇଯାଇଥିଲା ସେତେବେଳେ ହଜରତ ଅବୁ ବକର ର:ଅ ତାହାର ଯେଉଁ ନକ୍‌ସା ଟାଣିଥିଲେ ତତ୍ ସଂକ୍ରାନତ୍‌ରେ ହଜରତ ଆଇଶା ର:ଅ କୁହନ୍ତି: ଯେତେବେଳେ ହଜରତ ଅବୁ ବକର ର:ଅ ୱହଦ୍‌ର ଚର୍ଚ୍ଚା କରୁଥିଲେ ସେତେବେଳେ କହୁଥିଲେ ସେହି ୱହଦ୍ ଦିନଟି ସମ୍ପୂର୍ଣ୍ଣ ରୂପେ ତଲ୍‌ହାଙ୍କର ଥିଲା । ପୁନଶ୍ଚ ଏହାର ବିସ୍ତୃତ ବିବରଣୀ ବର୍ଣ୍ଣନା କରିଛନ୍ତି ଯେ ମୁଁ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲି ଯିଏ ୱହଦ୍ ଯୁଦ୍ଧ ଦିନ ହଜୁର ସ:ଆ:ସଙ୍କ ଆଡ଼କୁ ପ୍ରତ୍ୟାବର୍ତନ କରିଥିଲେ । ମୁଁ ଦେଖିଲି ଯେ ଜଣେ ବ୍ୟକ୍ତି ରସୁଲେ୍ କରିମ୍ ସ:ଆ:ସଙ୍କ ସହିତ ହଜୁର ସ:ଆ:ସଙ୍କୁ ସୁରକ୍ଷା ପ୍ରଦାନ କରିବା ସକାଶେ ଲଢ଼ୁଅଛି । ବର୍ଣ୍ଣନାକାରୀ କୁହନ୍ତି ମୁଁ ଭାବୁଛି ଯେ ହଜରତ ଅବୁ ବକର ର:ଅ କହିଲେ ଯେ ସେହି ବ୍ୟକ୍ତିଜଣକ ହଜୁର ସ:ଆ:ସଙ୍କ ରକ୍ଷା କରୁଥିଲା । ହଜରତ ଅବୁ ବକର ର:ଅ କୁହନ୍ତି, ମୁଁ କହିଲି କାଳେ ଏପରି ହୁଅନ୍ତା କି ସେହି ବ୍ୟକ୍ତି ଜଣକ ତଲ୍‌ହା ହୋଇଥାନ୍ତେ କି । ମୋ ଠାରୁ ଯେଉଁ ଅବସର ହାତ ଛଡ଼ା ହୋଇଗଲା ତାହା ହୋଇସାରିଛି । ମୋ ମନରେ ମୁଁ ଏହା କହୁଥିଲି ମୋ ସମ୍ପ୍ରଦାୟରୁ ହିଁ କୌଣସି ବ୍ୟକ୍ତି ହଜୁର ସ:ଆ:ସଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଏହା ଅଧିକ ଶ୍ରେୟସ୍କର ହେବ । ହଜରତ ଅବୁ ବକର ର:ଅ ଯେତେବେଳେ ଏହି ଭାବନାରେ ଥିଲେ ଆପଣ କୁହନ୍ତି ଯେ, ମୋର ଓ ହଜୁର ସ:ଆ:ସଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଥିଲା ଯାହାଙ୍କୁ ମୁଁ ଚିହ୍ନି ପାରିନଥିଲି କିନ୍ତୁ ମୁଁ ସେହି ବ୍ୟକ୍ତି ତୁଳନାରେ ହଜୁର ସ:ଆ:ସଙ୍କ ନିକଟରେ ଚାଲି ପହଂଚି ପାରିନଥିଲି । ଅତଏବ ସେହି ବ୍ୟକ୍ତି ଜଣକ ହଜରତ ଅବୁ ଉବୈଦା ବିନ୍ ଜରାହ୍ ଥିଲେ । ପୁନଶ୍ଚ ମୁଁ ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲି ଓ ହଜୁର ସ:ଆ:ସଙ୍କର ସମ୍ମୁଖର ଦୁଇଟି ଦାନ୍ତ ଓ ମଧ୍ୟବର୍ତୀ ଦାନ୍ତଟି ଭାଙ୍ଗି ଯାଇଥିଲା ଏବଂ ମୁଖମଣ୍ଡଳ ମଧ୍ୟ ଆଘାତ ହୋଇଥିଲା ପୁଣି ଆପଣ ସ:ଆ:ସଙ୍କ ଗାଲରେ "ଖୁଦ୍" ଅର୍ଥାତ ଲୁହା ହେଲ୍‌ମେଟ୍‌ର ବଳା ମଧ୍ୟ ଧସି ରହିଥିଲା । ହଜୁର ସ:ଆ:ସ କହିଲେ ତୁମେ ନିଜ ଦୁଇ ସାଥିଙ୍କୁ ସାହାଯ୍ୟ କର । ତହିଁରୁ ଏହା ଯଥାର୍ଥ ଯେ ତଲ୍‌ହା ର:ଅଙ୍କୁ ଯେଉଁ ଗଭୀର ଆଘାତ ଲାଗିଥିଲା ତାଙ୍କୁ ଯାଇ ବଂଚାଅ । ଅତଏବ ମୁଁ ହଜରତ ତଲ୍‌ହାଙ୍କୁ ସେହିପରି ଆହତ ଅବସ୍ଥାରେ ଛାଡ଼ିଦେଲି ଏବଂ ଆଗକୁ ଅଗ୍ରସର ହେଲି ଏବଂ ଲୁହା କଡ଼ାକୁ ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳରୁ କାଢ଼ିବା ପାଇଁ ଉଦ୍ୟମ କଲି । ଏହା ଦେଖି ହଜରତ ଅବୁ ଉବୈଦା ବିନ୍ ଜରାହ୍ ର:ଅ କହିଲେ, ମୁଁ ଆପଣଙ୍କୁ ନିଜ ସତ୍ୟର ଦ୍ୱାହି ଦେଇ ଶପଥ କରାଉଛି ଯେ ଆପଣ ମୋ ପାଇଁ ତାଙ୍କୁ ଛାଡ଼ି ଦିଅନ୍ତୁ ଅତଏବ ମୁଁ ତାଙ୍କୁ ଛାଡ଼ି ଦେଲି । ଅବୁ ଉବୈଦା ନା ପସନ୍ଦ କଲେ ଯେ ସେହି ଲୁହା କଡ଼ି ହାତ ଦ୍ୱାରା ଟାଣି ବାହାର କରିବେ କାରଣ ଏହା ଦ୍ୱାରା ଆପଣ ସ:ଆ:ସଙ୍କୁ ଅଧିକ କଷ୍ଟ ହୋଇଥାନ୍ତା ତେଣୁ ସେହି କଡ଼ିଗୁଡ଼ିକୁ ନିଜ ଦାନ୍ତ ଦ୍ୱାରା ସେ ବାହାର କରିବା ପାଇଁ ଉଦ୍ୟମ କଲେ । ଗୋଟିଏ ବଳାକୁ ବାହାର କରିବା ପରେ କଡ଼ି ସହିତ ତାଙ୍କ ସମ୍ମୁଖ ଦାନ୍ତି ଲାଗି ତାହା ଭାଙ୍ଗି ଗଲା । ଏହାପରେ ମୁଁ ଦ୍ୱିତୀୟ ବଳାଟିକୁ ବାହାର କରିବାପାଇଁ ଆଗକୁ ଅଗ୍ରସର ହେଲି ଓ ଚିନ୍ତା କଲି ଯେ ସେ ଯେପରି କରିଛନ୍ତି ମୁଁ ମଧ୍ୟ ସେହିପରି କରିପାରିବି । ହଜରତ ଅବୁ ବକର ର:ଅ କୁହନ୍ତି ମୁଁ କହିଲି ମୁଁ ମଧ୍ୟ ଦ୍ୱିତୀୟ ବଳାକୁ ବାହାର କରିବାପାଇଁ ଉଦ୍ୟମ କରୁଛି କିନ୍ତୁ ହଜରତ ଉବୈଦା ପୁନଶ୍ଚ କହିଲେ ମୁଁ ଆପଣଙ୍କୁ ନିଜ ସପକ୍ଷରେ ଶପଥ ଦେଉଛି ଆପଣ ଏହାକୁ ମୋ ପାଇଁ ଛାଡ଼ି ଦିଅନ୍ତୁ । ପୁନଶ୍ଚ ହଜରତ ଅବୁ ବକର ର:ଅ ପଛକୁ ଘୁଂଚିଗଲେ ଅତଏବ ସେ ପୁନଶ୍ଚ ସେହିପରି କଲେ ଅର୍ଥାତ ନିଜ ଦାନ୍ତ ଦ୍ୱାରା ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳରେ ଯେଉଁ କଡ଼ା ଧସି ରହିଥିଲା ତାହାକୁ ବାହାର କରିବାପାଇଁ ଉଦ୍ୟମ କଲେ । ଏପରି ତାଙ୍କର ଅର୍ଥାତ ଅବୁ ଉବୈଦାଙ୍କର ଆଉ ଏକ ଦାନ୍ତ ଭାଙ୍ଗି ଯାଇଥିଲା । ଅତଏବ୍ ଅବୁ ଉବୈଦାଃ ସମ୍ମୁଖର ଦାନ୍ତ ଭାଙ୍ଗି ଯାଇଥିବା ସମସ୍ତ ମୁସଲମାନମାନଙ୍କ ଅପେକ୍ଷା ଅତି ସୁନ୍ଦର ଦେଖା ଯାଉଥିଲେ । (ଅର୍ଥାତ ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳରେ ଯେଉଁ କଡ଼ି ଗୁଡ଼ିକ ଧସି ରହିଥିଲା ତାହାକୁ ବାହାର କରିବା ଯୋଗୁଁ ହଜରତ ଅବୁ ଉବୈଦାଙ୍କର ସମ୍ମୁଖର ଯେଉଁ ଦାନ୍ତ ଭାଙ୍ଗି ଥିଲା ଯାହାକି ଦେଖିବାକୁ ଅତି ଅସୁନ୍ଦର ଦିସୁଥିଲା କିନ୍ତୁ ଏହା ସତ୍ୱେ ମଧ୍ୟ ବର୍ଣ୍ଣନା କରାଯାଏ ଯେ, ସବୁ ମୁସଲମାନମାନଙ୍କ ମଧ୍ୟରେ ଆପଣ ଅତି ସୁନ୍ଦର ଦିଶୁଥିଲେ ।)

ପୁନଶ୍ଚ ଆମେମାନେ ରସୁଲେ୍ କରିମ ସ:ଆ:ସଙ୍କ ସେବାରୁ ବିରତ ନେବା ପରେ ହଜରତ ତଲ୍‌ହା ର:ଅଙ୍କ ନିକଟକୁ ଆସିଲୁ ସେ ଏକ ଗର୍ତ ମଧ୍ୟରେ ପଡ଼ି ଯାଇଥିଲେ ସୁତରାଂ ମୁଁ ଏହା ଦେଖିଲି ଯେ ତାଙ୍କ ଶରୀରରେ ବର୍ଚ୍ଛା, ଖଣ୍ଡା ଓ ତୀର ଆଦିର ଅତି କମ୍‌ରେ ୭୦ଗୋଟି ଆଘାତ ଲାଗିଥିଲା ଏବଂ ତାଙ୍କ ଆଙ୍ଗୁଳି ମଧ୍ୟ କଟି ଯାଇଥିଲା । ତେଣୁ ଆମେମାନେ ତାଙ୍କର କ୍ଷତକୁ ମଲପପଟି ଲଗାଇ ତାଙ୍କର ଉପଚାର କଲୁ । (ସୁବୁଲୁଲ୍ ହୁଦା, ଖଣ୍ଡ-୪, ପୃ-୧୯୯-୨୦୦.... ବେରୁତ ୧୯୯୩) (ଲୁଗାତୁଲ୍ ହଦିସ୍..... ଲାହୋର୍ ୨୦୦୫)

ହଜରତ ଅବୁ ଉବୈଦା ର:ଅଙ୍କ ବ୍ୟତିତ ହଜରତ ଅକ୍‌ବା ବିନ୍ ୱହବ୍ ଓ ହଜରତ ଅବୁ ବକର ର:ଅଙ୍କ ସମ୍ପର୍କରେ ମଧ୍ୟ ବର୍ଣ୍ଣନା ମିଳେ ଯେ ସେମାନେ ଏହି ବଳାଗୁଡ଼ିକୁ ବାହାର କରିଥିଲେ (ଶରହ୍ ଜର୍‌କାନୀ, ଖଣ୍ଡ-୨, ପୃ-୪୨୫.... ବେରୁତ ୧୯୯୬) । ସେ ଯାହା ହେଉ ନା କାହିଁକି ପ୍ରଥମ ବର୍ଣ୍ଣନାଟି ଅଧିକ ଉତ୍କୃଷ୍ଟତର ବା ସଠିକ୍ ମନେ ହେଉଛି ।

ୱହଦ୍ ଯୁଦ୍ଧ ଦିନ ହଜରତ ଅବୁ ବକର ର:ଅ ଯେତେବେଳେ ନିଜ ସାହାବାମାନଙ୍କ ସହିତ ପର୍ବତ ଉପରେ ଚଢ଼ିଗଲେ ସେତେବେଳେ ଅମାନ୍ୟକାରୀମାନେ ମଧ୍ୟ ହଜରତ ଅବୁ ବକର ର:ଅଙ୍କ ପଛେ ପଛେ ଆସିଗଲେ ସୁତରାଂ ବୁଖାରୀରେ ଏକ ବର୍ଣ୍ଣନା ଏପରି ଦରଜ ରହିଛି ଅବୁ ସୁଫିୟାନ ତିନିଥର ଡ଼ାକ ମାରିଲା ଏବଂ କହିଲା କ'ଣ ତୁମମାନଙ୍କ ଗହଣରେ ମୁହମ୍ମଦ ଜୀବିତ

## ତ୍ରୁଟି ସଂଶୋଧନ

ସାପ୍ତାହିକ ଓଡ଼ିଆ ବଦର୍ ବର୍ଷ: ୭ ସଂଖ୍ୟା: ୮-୯ ୨୪ ଫେବୃୟାରୀ/୦୩ ମାର୍ଚ୍ଚ ୨୦୨୨ ସଂଖ୍ୟାରେ ପ୍ରକାଶ ପାଇଥିବା ଖୁତ୍‌ବା ଜୁମା ବାସ୍ତବିକ ୭ ଜାନୁୟାରୀ ୨୦୨୨ ମୁତାବକ ୭ ସୁଲାହ୍ ୧୪୦୧ ହିଜ୍ରୀ ଶମ୍‌ସି ହେବା ଉଚିତ ଯାହା ଭୂଲବଶତଃ ୩୧ ଡ଼ିସେମ୍ବର ୨୦୨୧ ମୁତାବକ ୩୧ ଫତହ୍ ୧୪୦୦ ହିଜ୍ରୀ ଶମ୍‌ସି ଛପା ହୋଇଯାଇଛି । ସେହିପରି ବର୍ଷ-୭ ୧୦-୧୭ ମାର୍ଚ୍ଚରେ ପ୍ରକାଶ ପାଇଥିବା ସାପ୍ତାହିକ ବଦର ସଂଖ୍ୟାର ବାସ୍ତବିକ ସଂଖ୍ୟା ହେଉଛି ୧୦-୧୧ ତା' ସ୍ଥାନରେ ଭୂଲବଶତଃ ସଂଖ୍ୟା- ୧୧-୧୨ ହୋଇଯାଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ । ପାଠକ/ପାଠିକା ମାନଙ୍କୁ ଅନୁରୋଧ ତ୍ରୁଟିକୁ ସଂଶୋଧନ କରିନେବେ ।

*(କାର୍ଯ୍ୟାଳୟ ଓଡ଼ିଆ ବଦର)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 24-31 Mar 2022 Issue No. 12-13

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଅଛନ୍ତି କିଏ ନବୀ କରିମ୍ ସ:ଆ:ସ ସାହାବାଙ୍କୁ କହିଲେ, ସମସ୍ତେ ନୀରବ ରୁହ ଓ ତା'ର ଉତର ଦେବାକୁ ମୁସଲମାନମାନଙ୍କୁ ବାରଣ କଲେ । ପୁନଶ୍ଚ ଅବୁ ସୁଫିୟାନ୍ ତିନିଥର ଡାକ ଛାଡ଼ି କହିଲା କଣ ତୁମମାନଙ୍କ ମଧ୍ୟରେ ଅବୁ କାହାଫାଙ୍କ ପୁତ୍ର ଅବୁବକର ଜୀବିତ ଅଛନ୍ତି କି ? ସେହିପରି ସେ ପୁନଶ୍ଚ ତିନିଥର ଡ଼ାକ ମାରିଲା ଯେ କଣ ତୁମମାନଙ୍କ ମଧ୍ୟରେ ଇବ୍‌ନେ ଖତାବ୍ ଅର୍ଥାତ ହଜରତ ଉମର ର:ଅ ଜୀବିତ ଅଛନ୍ତି କି ? ଏହିଭଳି ତିନିଥର ଏହିପରି ପାଟି କରି ଉଚ୍ଚ ସ୍ୱରରେ ଡ଼ାକ ଛାଡ଼ିଲା ଓ ନିଜର ସାଥିମାନଙ୍କ ଆଡ଼କୁ ଫେରିଗଲା ଏବଂ କହିଲା ମୁଁ ବର୍ତମାନ ଯେଉଁ ସବୁ ଲୋକମାନଙ୍କର ନାମ ଧରି ଡ଼ାକିଲି ସେ ସମସ୍ତେ ନୀହତ ହୋଇଯାଇଛନ୍ତି । ଏହା ଶୁଣି ହଜରତ ଉମର ର:ଅ ଅଣଆୟତ ହୋଇପଡ଼ିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ଶତ୍ରୁ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁମେ ମିଥ୍ୟା କହୁଛ ତୁମେ ଯେଉଁ ଲୋକମାନଙ୍କ ନାମ ଧରି ଡ଼ାକୁଥିଲ ସେ ସମସ୍ତେ ପ୍ରଭୁଙ୍କ କୃପାରୁ ଜୀବିତ ଅଛନ୍ତି ଯେଉଁ କଥାଗୁଡ଼ିକ ଅସହ୍ୟ ଓ ତନ୍ମଧ୍ୟରୁ ବର୍ତମାନ ତୋ ପାଇଁ ଆହୁରି ଅନେକ କିଛି ଅବଶିଷ୍ଟ ରହିଛି । ଆହୁରି ଅନେକ କିଛି ଦେଖିବାକୁ ବାକି ରହିଛି ଭବିଷ୍ୟତରେ । **(ସହି ବୁଖାରୀ, କିତାବୁଲ୍ ଜିହାଦ୍.... ହଦିସ୍ ନଂ- ୩୦୩୯)**

ହଜୁର ସ:ଆ:ସଙ୍କ ଆହତ ହୋଇ ଚେତାଶୂନ୍ୟ ହୋଇଯିବା ଏବଂ ଏହା ପରବର୍ତୀ ଘଟଣାର ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି; କିଛି କ୍ଷଣ ପରେ ରସୁଲେ୍ କରିମ୍ ସ:ଆ:ସଙ୍କର ଚେତା ଫେରିଲା ଏବଂ ସାହାବାମାନେ ରଣକ୍ଷେତ୍ରର ଚର୍ତୁପାର୍ଶ୍ୱରେ ଲୋକମାନଙ୍କୁ ଦଉଡ଼ାଇ ଏ ସମ୍ୱାଦ ଦେଲେ ଯେ ମୁସଲମାନମାନଙ୍କୁ ପୂନର୍ବାର ଏକତ୍ରିତ କରାଯାଉ । ପଳାୟନ କରିଥିବା ସୈନ୍ୟଦଳ ପୂର୍ନବାର ଏକତ୍ରିତ ହେବା ଆରମ୍ଭ ହୋଇଗଲେ । ରସୁଲେ୍ କରିମ୍ ସ:ଆ:ସ ସେମାନଙ୍କୁ ଧରି ପର୍ବତ କୋଳରେ ପହଂଚିଗଲେ ଯେତେବେଳେ ପର୍ବତର କୋଳରେ ସୈନ୍ୟଦଳ ଛିଡ଼ା ହୋଇଯାଇଥିଲା ସେତେବେଳେ ଅବୁ ସୁଫିୟାନ ଉଚ୍ଚ ସ୍ୱରରେ କହିଲା ଆମେ ମୁହମ୍ମଦ୍ (ସ:ଆ:ସ)କୁ ମାରି ଦେଇଛୁ । ଏହା ଶୁଣି ହଜୁର ସ:ଆ:ସ ଅବୁ ସୁଫିୟାନ କଥାର କୌଣସି ଉତର ଦେଲେ ନାହିଁ କାରଣ ଏପରି ନ ହେଉ ଯେ ଶତ୍ରୁପକ୍ଷ ପରିସ୍ଥିତିର ଫାଇଦା ଉଠାଇ ପୂର୍ନବାର ଆକ୍ରମଣ କରିଦେଉ ଏବଂ ଆହତ ମୁସଲମାନମାନେ ପୂର୍ନବାର ଶତ୍ରୁର ଆକ୍ରମଣର ଶିକାର ହୋଇଯାଆନ୍ତୁ । ଅବୁ ସୁଫିୟାନକୁ ଯେତେବେଳେ ମୁସଲମାନମାନଙ୍କ ପକ୍ଷରୁ କୌଣସି ଉତର ପ୍ରାପ୍ତ ହେଲାନାହିଁ । ସେତେବେଳେ ସେ ନିଶ୍ଚିନ୍ତ ହୋଇଗଲା ଯେ, ତାର ଯେଉଁ ଧାରଣା ରହିଛି ଯେ ମୁହମ୍ମଦ ନୀହତ ହୋଇଯାଇଛନ୍ତି ତାହା ସଠିକ୍ । ଅତଏବ ସେ ଉଚ୍ଚସ୍ୱରରେ ପୂନଶ୍ଚ କହିଲା ଆମେମାନେ ଅବୁ ବକରଙ୍କୁ ମଧ୍ୟ ମାରିଦେଇଛୁ । ରସୁଲେ୍ କରିମ୍ ସ:ଆ:ସଙ୍କ ଆଦେଶ କ୍ରମେ କୌଣସି ସାହାବା ତାହାର ଉତର ଦେଲେନାହିଁ । ଅବୁ ସୁଫିୟାନ ପୁନଶ୍ଚ ଉଚ୍ଚ ସ୍ୱରରେ କହିଲା ଆମେମାନେ ଉମରକୁ ମଧ୍ୟ ମାରିଦେଇଛୁ । ଯେହେତୁ ହଜରତ ଉମର ର:ଅ ଜଣେ ଅତ୍ୟନ୍ତ ଆବେଗପୂର୍ଣ୍ଣ ବ୍ୟକ୍ତି ଥିଲେ ସେ ଅବୁ ସୁଫିୟାନର ଉକ୍ତ କଥାର ଉତର ଦେବାକୁ ଚାହିଁଲେ ଯେ ଆମେମାନେ ଅଲ୍ଲାଃ ତାଲାଙ୍କ ଦୟାରୁ ଜୀବିତ ଅଛୁ ତୁମମାନଙ୍କ ମୁକାବିଲା କରିବାପାଇଁ ପ୍ରସ୍ତୁତ ଅଛୁ । କିନ୍ତୁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ହଜରତ ଉମର ର:ଅଙ୍କୁ ଏପରି କହିବାକୁ ବାରଣ କଲେ କାରଣ ଏପରି କହିବା ଦ୍ୱାରା ମୁସଲମାନମାନଙ୍କର ହିଁ କ୍ଷତି ହେବ । ତେଣୁ ନୀରବ ରହିବା ପାଇଁ ଆଦେଶ ଦେଲେ । ବର୍ତମାନ ଅମାନ୍ୟକାରୀଙ୍କୁ ଏହି ବିଶ୍ୱାସ ହୋଇଗଲା ଯେ, ସେମାନେ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ହଜୁର ସ:ଆ:ସଙ୍କ ବାମ ଓ ଦକ୍ଷିଣ ବାହୁକୁ ମଧ୍ୟ ମାରିଦେଇଛନ୍ତି । ଅତଏବ ଅବୁ ସୁଫିୟାନ୍ ଓ ତାହାର ସାଥିମାନେ ଆନନ୍ଦିତ ହୋଇ ଏହି ସ୍ଲୋଗାନ୍ ଦେଇଥିଲେ ଉଲୁ ହୁବୁଲ୍, ଉଲୁ ହୁବୁଲ୍ ଅର୍ଥାତ:- ଆମମାନଙ୍କର ସମ୍ମାନିତ ଠାକୁର ହୁବୁଲ୍‌ର ମର୍ଯ୍ୟାଦା ବୃଦ୍ଧି ପାଉ କାରଣ ଆଜି ଇସ୍‌ଲାମ୍ ଧର୍ମର ଅବସାନ ଘଟିଛି । ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କହିଲେ:- ସେହି ରସୁଲ୍ ସ:ଆ:ସ ଯିଏ ନିଜ ମୃତ୍ୟୁର ଏବଂ ଅବୁବକର ର:ଅ ଓ ଉମର ର:ଅଙ୍କ ମୃତ୍ୟୁର ଘୋଷଣାରେ ନୀରବତା ରକ୍ଷା କରିଥିଲେ ଏବଂ ସାହାବାମାନଙ୍କୁ ନୀରବ ରହିବାପାଇଁ ଉପଦେଶ ଦେଇଥିଲେ କାରଣ ଏପରି ନ ହେଉ ଯେ ଅମାନ୍ୟକାରୀମାନେ ପୂନର୍ବାର ପାଲଟା ଆକ୍ରମଣ କରି ମୁଠାଏ ମୁସଲମାନ ସାହାବାଙ୍କୁ ଶହୀଦ ନ କରିଦିଅନ୍ତୁ । କିନ୍ତୁ ବର୍ତମାନ ସେହି ଅଦ୍ୱିତୀୟ ଈଶ୍ୱରଙ୍କ ସମ୍ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଶିର୍କର ସ୍ଲୋଗାନ ଉତୋଳନ କରାଯାଉଥିଲା ତେଣୁ ହଜୁର ସ:ଆ:ସ ବ୍ୟାକୁଳ ହୋଇ ଉଠିଲେ ଏବଂ ସାହାବାଙ୍କୁ କହିଲେ ତୁମେମାନେ ଉତର କାହିଁକି ଦେଉନାହଁ ? ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ଆମେ କଣ ଉତର ଦେବୁ ? ହଜୁର ସ:ଆ:ସ କହିଲେ ତୁମେମାନେ କୁହ ଅଲ୍ଲାହୁ ଆଲା ଓ ଅଜଲ୍, ଅଲ୍ଲାହୁ ଆଲା ଓ ଅଜଲ୍ ଅର୍ଥାତ (ହେ ଅବିଶ୍ୱାସକାରୀମାନେ) ତୁମେମାନେ ମିଥ୍ୟା କହୁଛ ଯେ ହୁବୁଲ୍ ଈଶ୍ୱରଙ୍କ ଗାରିମା ବୃଦ୍ଧି ପାଇଛି । ତୁମେମାନେ ମିଛ କହୁଛ ଯେ ହୁବୁଲ୍ ଈଶ୍ୱରଙ୍କ ଗାରିମା ବୃଦ୍ଧି ପାଇଛି ତୁମମାନଙ୍କର ଏହା ହେଉଛି ମିଥ୍ୟା ରଟନା ବରଂ ଅଲ୍ଲାଃ ତାଲା ହେଉଛନ୍ତି ଏକ ଓ ଅଦ୍ୱିତୀୟ ଏବଂ ସମ୍ମାନୀତ । ତାଙ୍କର ମର୍ଯ୍ୟାଦା ହିଁ ଅକ୍ଷୁର୍ଣ୍ଣ ଓ ଉର୍ଦ୍ଧଗାମୀ ଏବଂ ଏହିପରି ଆପଣ ସ:ଆ:ସ ନିଜର ଜୀବିତ ହେବାର ସମ୍ୱାଦ ଶତ୍ରୁମାନଙ୍କ ପର୍ଯ୍ୟନ୍ତ ପହଂଚାଇ ଦେଲେ ଓ ହଜୁର ସ:ଆ:ସଙ୍କର ଏହିଭଳି ସାହାସିକତା ପୂର୍ଣ୍ଣ ଉତରର ପ୍ରଭାବ ଅମାନ୍ୟକାରୀମାନଙ୍କ ଉପରେ ଏଭଳି ପଡ଼ିଲା ଯେ ସେମାନଙ୍କର ଏହି ଆଶା ସମ୍ପୂର୍ଣ୍ଣ ରୁପେ ମଉଳିଗଲା ଓ ସେମାନଙ୍କ ସମ୍ମୁଖରେ କିଛିଟା ହାତଗଣତି ମୁସଲମାନମାନେ ଆହତ ଅବସ୍ଥାରେ ଛିଡ଼ା ହୋଇଥିଲେ କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ମାରିଦେବା କଥାକୁ ତ ଛାଡ଼ନ୍ତୁ, ସେମାନେ ପୂର୍ନବାର ଆକ୍ରମଣ କରିବାର ଆଉ ସାହାସ ମଧ୍ୟ ଜୁଟାଇ ପାରିଲେନାହିଁ । ସେମାନଙ୍କୁ ଯେତିକି ବିଜୟ ପ୍ରାପ୍ତ ହୋଇଥିଲା ସେମାନେ ସେତିକିରେ ହିଁ ସନ୍ତୁଷ୍ଟ ହୋଇ ମକ୍କାକୁ ଫେରିଗଲେ" । (ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୨୫୨-୨୫୩

ହଜରତ ଆଇଶା ର:ଅ ବର୍ଣ୍ଣନା କରନ୍ତି ଯେ ଆୟତ **ଅଲ୍ଲଜିନା ଇସ୍‌ତଜାବୁ ଲିଲ୍ଲାହି ୱର୍ ରସୁଲି ମିମ୍ ବାଦି ମା ଅସାବହୁମୁଲ୍ କର୍‌ହୁ ଲିଲ୍ଲଜିନା ଅହ୍‌ସନୁ ମିନ୍‌ହୁମ୍ ୱତ୍‌ତକଓ ଅଜ୍‌ରୁନ୍ ଅଜିମ୍ (ଆଲେ ଇମ୍‌ରାନ୍:୧୭୩)** ଅର୍ଥାତ ସାହାବାମାନଙ୍କ ସମ୍ପର୍କରେ ହଜରତ ଆଇଶା ର:ଅ କୁହନ୍ତି ଯେଉଁ ଲୋକମାନେ ଅଲ୍ଲାଃ ତାଲା ଓ ତାଙ୍କ ବାର୍ତାବହଙ୍କର କଥା ମାନିଲେ ଓ ସେମାନେ ଏହାପରେ ଆହତ ହେଲେ ସେମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତିମାନେ ପୂଣ୍ୟ କାର୍ଯ୍ୟ କଲେ ଏବଂ ଧର୍ମପରାୟଣତା ଅବଲମ୍ୱନ କଲେ ସେମାନଙ୍କ ପାଇଁ ବୃହତ ପ୍ରତିଫଳ ରହିଛି । ହଜରତ ଆଇଶା ର:ଅ ଉର୍‌ୱା ର:ଅଙ୍କୁ କହିଲେ ହେ ମୋର ଭଣଜା ତୁମର ପୂର୍ବପୁରୁଷ ଜୁବୈର୍ ଓ ଅବୁ ବକର ର:ଅ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନେ ୱହଦ୍ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସହିତ ଆହତ ହୋଇଥିଲେ ଏବଂ ଅବିଶ୍ୱାସକାରୀମାନେ ଯେତେବେଳେ ଲେଉଟି ପଡ଼ିଲେ ସେତେବେଳେ ହଜୁର ସ:ଆ:ସଙ୍କ ମନରେ ଏହି ସଂଶଂୟ ଓ ଆଶଙ୍କା ଯାତ ହୋଇଥିଲା ଯେ ଶତ୍ରୁପକ୍ଷ ପୂର୍ନବାର ପାଲଟା ଆକ୍ରମଣ କରିନଦେଉ । ଅତଏବ ହଜୁର ସ:ଆ:ସ ସାହାବାମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ଏମାନଙ୍କର ପିଛା କିଏ କରିବ ? ସେହି ସାହାବାମାନଙ୍କ ମଧ୍ୟରୁ ୭୦ଜଣ ସାହାବା ନିଜକୁ ଉପସ୍ଥାପିତ କରିଥିଲେ । ହଜରତ ଉର୍‌ୱା ର:ଅ କୁହନ୍ତି ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ହଜରତ ଅବୁ ବକର ର:ଅ, ହଜରତ ଜୁବୈର୍ ର:ଅ ମଧ୍ୟ ସାମିଲ ଥିଲେ । (ସହି ବୁଖାରୀ, କିତାବୁଲ୍ ମଗାଜି..... ହଦିସ୍ ୪୦୭୭)

ଏ ସଂକ୍ରାନ୍ତରେ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଉଲ୍ଲେଖ କରିଛନ୍ତି ଯେ ଏହା ଅତ୍ୟନ୍ତ ବିଚିତ୍ର କଥା କି କୁରୈଶ୍‌ମାନଙ୍କୁ ମୁସଲମାନମାନଙ୍କ ବିପକ୍ଷରେ ବିଜୟ ପ୍ରାପ୍ତ ହୋଇଥିଲା ଏହା ସତ୍ୱେ ମଧ୍ୟ ପ୍ରକାଶ୍ୟ ସାଧନ ଦୃଷ୍ଟିରୁ ସେମାନେ ଯଦି ଚାହିଁଥାନ୍ତେ ତେବେ ନିଜର ଏହି ବିଜୟରୁ ଲାଭ ଉଠାଇ ପାରିଥାନ୍ତେ । ସେ ଯାହା ହେଉ ନା କାହିଁକି ମଦିନା ଉପରେ ଆକ୍ରମଣ କରିବାର ମାର୍ଗ ତ ସେମାନଙ୍କ ପାଇଁ ଉନ୍ମୁକ୍ତ ଥିଲା କିନ୍ତୁ ଅଲ୍ଲାଃ ତାଲାଙ୍କର ଏ ବିଧାନ ଥିଲା ଯେ ଯଦିଓ କୁରୈଶ୍‌ମାନଙ୍କୁ ଉକ୍ତ ଯୁଦ୍ଧରେ ବିଜୟ ପ୍ରାପ୍ତ ହୋଇଥିଲା କିନ୍ତୁ ସେମାନେ ଭିତରେ ଭିତରେ ଭୟଭୀତ ଥିଲେ ସେମାନେ ଏହି ବିଜୟକୁ ଯଥେଷ୍ଟ ମଣି ୱହଦ୍ ଯୁଦ୍ଧ କ୍ଷେତ୍ରରୁ ମକ୍କା ଫେରିଯିବାକୁ ଶ୍ରେୟସ୍କର ମଣିଥିଲେ । ଏତଦ୍‌ଭିନ୍ନ ହଜୁର ସ:ଆ:ସ ଅତିରିକ୍ତ ସର୍ତକତା ଅବଲମ୍ୱନ ପୂର୍ବକ ଯଥା ଶୀଘ୍ର ୭୦ ଜଣ ବିଶିଷ୍ଟ ସାହାବାମାନଙ୍କର ଏକ ଦଳ ଜହିଁରେ ହଜରତ ଅବୁ ବକର ର:ଅ ଓ ହଜରତ ଜୁବୈର୍ ର:ଅ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ, ପ୍ରସ୍ତୁତ କଲେ ଏବଂ କୁରୈଶ୍‌ର ସେନା ଦଳ ପଛରେ ପ୍ରେରଣ କଲେ ଯେ ସେମାନେ ଯାଇ ତାଙ୍କର ଗତି କୁଆଡ଼କୁ ରହିଛି ଓ ସେମାନେ କୁଆଡ଼େ ଯାଉଛନ୍ତି ତାହା ନିରିକ୍ଷଣ କରିବାପାଇଁ ଆଦେଶ ଦେଇଥିଲେ । ସାଧାରଣତଃ ଐତିହାସବିତ୍ ମାନେ ଏପରି ବର୍ଣ୍ଣନା କରିଛନ୍ତି ଯେ, ହଜୁର ସ:ଆ:ସ ହଜରତ ଅଲୀ ର:ଅ ତଥା ଅନ୍ୟ କେତେକ ବର୍ଣ୍ଣନା ଅନୁଯାୟୀ ହଜରତ ସାହାଦ୍ ବିନ୍ ୱକାସ ର:ଅଙ୍କୁ ଏହି ଅମାନ୍ୟକାରୀ ଦଳ ପଛରେ ପ୍ରେରଣ କରିଥିଲେ ଓ ତାଙ୍କୁ କହିଲେ ଯେ ଯାଇ ଦେଖ ତ କୁରୈଶ୍‌ର ସୈନ୍ୟଦଳ ମଦିନା ଉପରେ ପୂନର୍ବାର ଆକ୍ରମଣ କରିବାର ଯୋଜନା ତ କରୁନାହାନ୍ତି । ହଜୁର ସ:ଆ:ସ ସେମାନଙ୍କୁ କହିଲେ ଯଦି କୁରୈଶ୍‌ମାନେ ଓଟ ଉପରେ ଆରୋହଣ କରିଥିବେ ଏବଂ ନିଜ ଘୋଡ଼ାଗୁଡ଼ିକୁ ଖାଲି ଚଲାଉ ଥିବେ ତେବେ ଜାଣି ନେବ ଯେ ସେମାନେ ମକ୍କା ଆଡ଼କୁ ପ୍ରତ୍ୟାବର୍ତନ କରୁଛନ୍ତି ଏବଂ ମଦିନା ଉପରେ ଆକ୍ରମଣ କରିବାର ସେମାନଙ୍କର ଉଦ୍ଦେଶ୍ୟ ନାହିଁ କିନ୍ତୁ ଯଦି ଘୋଡ଼ା ଉପରେ ଆରୋହଣ କରିଥିବେ ତେବେ ଜାଣି ନେବ ଯେ ସେମାନଙ୍କ ଉଦ୍ଦେଶ୍ୟ ମନ୍ଦ ଏବଂ ସେମାନେ ମଦିନା ଉପରେ ଚଢ଼ାଉ କରିବାପାଇଁ ଯୋଜନା କରୁଛନ୍ତି । ହଜୁର ସ:ଆ:ସ ସେହି ସାହାବାମାନଙ୍କୁ ତାଗିଦ୍ କରିଥିଲେ ଯେ ଯଦି କୁରୈଶ୍‌ମାନଙ୍କର ସୈନ୍ୟଦଳ ମଦିନା ଆଡ଼କୁ ମୁହାଁଇ ଥିବେ ତା'ହେଲେ ଯଥା ଶିଘ୍ର ଆସି ମତେ ଏ ବିଷୟରେ ସୁଚିତ କରିବ । ହଜୁର ସ:ଆ:ସ ଅତି ଉତେଜିତ ଶୈଳୀରେ କହିଲେ; ଯଦି କୁରୈଶ ବର୍ତମାନ ସମୟରେ ମଦିନା ଉପରେ ଆକ୍ରମଣ କରନ୍ତି ତେବେ ପ୍ରଭୁଙ୍କ ରାଣ ! **ଆମେ ତାଙ୍କର ମୁକାବିଲା କରି ସେମାନଙ୍କୁ ଏହି ଆକ୍ରମଣର ମଜା ଚଖେଇବା ।** ସେ ଯାହା ହେଉ ଅତି ଶୀଘ୍ର ଏହି ସୂଚନା ମିଳିଗଲା ଯେ ଅମାନ୍ୟକାରୀମାନେ ମକ୍କା ଆଡ଼କୁ ଫେରିଯାଉଛନ୍ତୀ । **(ସିରତ୍ ଖାତ୍‌ମୁନ୍ ନବିୟିନ୍- ପୃ-୪୯୯-୫୦୦)** । ହଜରତ ଅବୁ ବକର ର:ଅଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ କିଛି ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା କରିବି ।

⌘⌘⌘⌘⌘⌘⌘⌘⌘⌘

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

"ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ୱନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । "

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan